କଟକ
ରବିବାର ୩୧ ଅଗଷ୍ଟ, ୨୦୨୫
ପ୍ରାତଃ ସଂସ୍କରଣ

August 31, 2025 Cuttack
Vol - XXIII, Issue - 151
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ସଂସଦରେ ସ୍ଥାନ ପାଇବ ମହାପ୍ରଭୁଙ୍କ ରଥ ଚକ

**ପୁରୀ,୩୦।୮(ନି.ପ୍ର):** ମହାପ୍ରଭୁଙ୍କ ରଥ ଚକ ସଂସଦରେ ସ୍ଥାନ ପାଇବ। ପୁରୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରସ୍ତାବ ଦେଇଥିଲେ। ଓମ୍ ବିର୍ଲା ମଧ୍ୟ ଏଥିପାଇଁ ସମ୍ମତି ପ୍ରକାଶ କରିଥିବା ଜଣାଯାଇଛି। ସଂସଦରେ ତିନି ରଥର ଚକ ସମ୍ମାନ ଓ ମର୍ଯ୍ୟାଦାର ସହ ସ୍ଥାନ ପାଇବ।

# ଚୀନରେ ପ୍ରଧାନମନ୍ତ୍ରୀ ମୋଦୀ

- ସୁଧୁରିବ ସମ୍ପର୍କ
- ଏକାଠି ହେବେ ୩ ବଡ଼ ନେତା



**ନୂଆଦିଲ୍ଲୀ,୩୦।୮(ନି.ପ୍ର):** ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନରେ ପହଞ୍ଚିଛନ୍ତି। ଚୀନର ତିଆନଜିନ୍‌ରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଲୱାନରେ ଭାରତ ଓ ଚୀନ ସେନା ମଧ୍ୟରେ ସଂଘର୍ଷ ପରେ ଏହା ମୋଦୀଙ୍କର ପ୍ରଥମ ଚୀନ ଗସ୍ତ। ମୋଦୀ ମଧ୍ୟ ଦୀର୍ଘ ୭ ବର୍ଷ ପରେ ଚୀନ ଗସ୍ତ କରିଛନ୍ତି।

ବିଶ୍ୱର ବଡ଼ ଅର୍ଥନୀତି ମଧ୍ୟରେ ରହିଛି ଏସିଆର ତିନୋଟି ଦେଶ-ଚୀନ, ଭାରତ ଓ ଜାପାନ। ମୋଦୀ ପ୍ରଥମେ ଜାପାନ ଗସ୍ତ କରିଥିଲେ। ଏହା ଜାପାନକୁ ଏହା ଥିଲା ତାଙ୍କର ଦୁଇଦିନିଆ ଗସ୍ତ। ଜାପାନରୁ ମୋଦୀ ଚୀନରେ ପହଞ୍ଚିଛନ୍ତି। ତିଆନଜିନରେ ଅନୁଷ୍ଠିତ ହେଉଥିବା ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ମୋଦୀ ଯୋଗଦେବେ। ରବିବାର ସକାଳ ସମୟରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ମୋଦୀଙ୍କଙ୍କର ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ ରହିଛି। ଜିନପିଙ୍ଗଙ୍କ ସହ ମୋଦୀଙ୍କର ଦ୍ୱିପାକ୍ଷିକ ଆଲୋଚନା ହେବ। ଏହି ଆଲୋଚନା ପ୍ରାୟ ୪୦ ମିନିଟ ଧରି ହୋଇପାରେ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗ ଦେଉଛନ୍ତି। ପୁଟିନଙ୍କ ସହ ମଧ୍ୟ ମୋଦୀଙ୍କର ସାକ୍ଷାତ ଆଲୋଚନା ହେବ। ଦୁଇ ନେତାଙ୍କ ମଧ୍ୟରେ ସୋମବାର ସାକ୍ଷାତ ହେବ। ଆମେରିକାର ଟାରିଫ ଲାଗୁ ପରେ ମୋଦୀଙ୍କର ଜାପାନ ଓ ଚୀନ ଗସ୍ତ ଏବଂ ଜିନପିଙ୍ଗ ଓ ପୁଟିନଙ୍କ ସହ ସାକ୍ଷାତ ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ମୋଦୀଙ୍କ ସହ ଜିନପିଙ୍ଗ ଓ ପୁଟିନଙ୍କ ସାକ୍ଷାତ ଟ୍ରମ୍ପଙ୍କୁ ଏକ ବଡ଼ ବାର୍ତ୍ତାଦେବ। ସାରା ବିଶ୍ୱର ନଜର ମଧ୍ୟ ଏହା ଉପରେ ରହିଛି।

ମୋଦୀଙ୍କ ଚୀନ ଗସ୍ତ ଫଳରେ ଭାରତ-ଚୀନ ମଧ୍ୟରେ ସମ୍ପର୍କ ସୁଧୁରିବ ବୋଲି ଆଶା କରାଯାଉଛି। ବୈଶ୍ୱିକ ସ୍ତରରେ ମଧ୍ୟ ଆଲୋଚନା ହେଉଛି ଯେ, ଟ୍ରମ୍ପଙ୍କ ଟାରିଫ ଲାଗୁ ପରେ ଭାରତ ଓ ଚୀନ ପରସ୍ପରର ନିକଟତର ହେଉଛନ୍ତି। ଏସ୍‌ସିଓ ଶିଖର ସମ୍ମିଳନୀ ବିଶ୍ୱର ୩ ବଡ଼ ନେତା ମୋଦୀ, ଜିନ୍‌ପିଙ୍ଗ ଓ ପୁଟିନଙ୍କୁ ଏକାଠି କରୁଛି।

ଏହି ସମ୍ମିଳନୀରେ ମଧ୍ୟ ଯୋଗ ଦେଉଛନ୍ତି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶହବାଜ ଶରୀଫ। ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଗୋଟିଏ ମଞ୍ଚରେ ଉପସ୍ଥିତ ରହିବେ ମୋଦୀ ଓ ଶରୀଫ। ଶିଖର ସମ୍ମିଳନୀରେ ମୋଦୀ ତାଙ୍କ ଅଭିଭାଷଣରେ ପାକିସ୍ତାନର ନାମ ନନେଇ କ୍ରସ-ବର୍ଡର ଆତଙ୍କବାଦ ଉପରେ ଆଲୋକପାତ କରିପାରନ୍ତି। ତିଆନଜିନ ଡିକ୍ଲାରେସନରେ ମଧ୍ୟ ଏସ୍‌ସିଓର ଅନ୍ୟ ସଦସ୍ୟ ରାଷ୍ଟ୍ର ସହ ଆତଙ୍କବାଦକୁ ନେଇ ନିନ୍ଦା ପ୍ରସ୍ତାବ ଆସିପାରେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର,୩୦।୮(ନି.ପ୍ର):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ପହଞ୍ଚି ଆଲୋଚନା କରିଛନ୍ତି। ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା ହୋଇଛି। ଆଲୋଚନା ସମୟରେ ମଧ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଦକ୍ଷତା ଓ କୌଶଳ ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହିଥିଲେ।

ଏନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ମୋ ସରକାରୀ ବାସଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ହୋଇଛି। ଏହି ଅବସରରେ ଦେଶ ତଥା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷାନୀତି ଓ ଶିକ୍ଷାରେ ସଂସ୍କାର ଆଦି ବିଷୟ ସହ ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି।

## ଆତଙ୍କବାଦୀ ବାଗୁ ଖାନ୍ ନିହତ

**ଶ୍ରୀନଗର,୩୦।୮(ଏଜେନ୍ସି):** ଜମ୍ମୁ ଓ କାଶ୍ମୀରର ଗୁରେଜ୍ ସେକ୍ଟରରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଏକ ଏନକାଉଣ୍ଟରରେ ସୁରକ୍ଷା ବାହିନୀ ଦ୍ୱାରା ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ବାଗୁ ଖାନ୍ ଓରଫ ସମନ୍ଦର ଚାଚା ନିହତ ହୋଇଛି। ସେ ୧୯୯୫ ମସିହାରୁ ପିଓକେରେ ରହୁଥିଲା। ଆତଙ୍କବାଦୀ ଗୋଷ୍ଠୀରେ ତାକୁ ହ୍ୟୁମାନ୍ ଜିପିଏସ୍ କୁହାଯାଉଥିଲା।

ଗତ ତିନି ବର୍ଷ ମଧ୍ୟରେ ସେ ଗୁରେଜ୍ ସେକ୍ଟରର ବିଭିନ୍ନ ଅଞ୍ଚଳରୁ ୧୦୦ ରୁ ଅଧିକ ଅନୁପ୍ରବେଶ କରିବାରେ ସାମିଲ ଥିଲା। ଏହି ଅଞ୍ଚଳର ଗୁପ୍ତ ରାସ୍ତା ଏବଂ ପ୍ରତିକୂଳ ପରିସ୍ଥିତିରେ କ'ଣ କରିବାକୁ ହେବ ସେ ବିଷୟରେ ତା'ର ଥିଲା ସମ୍ପୂର୍ଣ୍ଣ ଜ୍ଞାନ। ଏହି କାରଣରୁ ସେ ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ଥିଲା। ଯେତେବେଳେ ସେ ହିଜବୁଲ କମାଣ୍ଡର ଥିଲା ସେତେବେଳେ ନିୟନ୍ତ୍ରଣ ରେଖାର ଗୁରେଜ୍ ଏବଂ ପଡ଼ୋଶୀ ଅଞ୍ଚଳରୁ ଅନୁପ୍ରବେଶ ଯୋଜନା କରିବାରେ ଓ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ଆତଙ୍କବାଦୀ ସଂଗଠନକୁ ସାହାଯ୍ୟ କରିଥିଲା। ବର୍ଷ ବର୍ଷ ଧରି ସୁରକ୍ଷା ବାହିନୀ ତା' ସନ୍ଧାନରେ ରହିଥିଲେ। ଶେଷରେ ଅନୁପ୍ରବେଶ ପ୍ରୟାସ ସମୟରେ ସେ ନିହତ ହୋଇଛି। ତା'ର ମୃତ୍ୟୁ ଏହି ଅଞ୍ଚଳରେ ଆତଙ୍କବାଦୀ ସଂଗଠନର ଲଜିଷ୍ଟିକ୍ସ ନେଟୱାର୍କ ପାଇଁ ଏକ ବଡ଼ ଆଘାତ।


**ମହାନଦୀ ଜଳ ବିବାଦ**

## ଡିସେମ୍ବରରେ ମୋହନ-ବିଷ୍ଣୁଦେଓ ବୈଠକ

**ଭୁବନେଶ୍ୱର,୩୦।୮(ନି.ପ୍ର):** ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଲାଗି ଆଲୋଚନା ଆଗକୁ ବଢ଼ିଛି। ଦୁଇ ରାଜ୍ୟର ମୁଖ୍ୟ ସଚିବମାନେ ବୈଠକ କରିଛନ୍ତି। ଆଲୋଚନା ଓ ସହଯୋଗ ଜରିଆରେ ଆନ୍ତରିକତାର ସହିତ ଶାନ୍ତିପୂର୍ଣ୍ଣ ଭାବେ ବିବାଦର ଆପୋଷ ସମାଧାନ ଲାଗି ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଷ୍ଣୁଦେବ ସାଇଙ୍କ ମଧ୍ୟରେ ଆସନ୍ତା ଡିସେମ୍ବର ମାସରେ ବୈଠକ ବସିପାରେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଆଗାମୀ ସେପ୍ଟେମ୍ବରରେ ଇଆଇସି ନେତୃତ୍ୱରେ ଉଭୟ ରାଜ୍ୟର ବୈଷୟିକ କମିଟି ପ୍ରତି ସପ୍ତାହରେ ବୈଠକ କରିବା ନେଇ ରାଜି ହୋଇଛନ୍ତି। କମିଟି ସମସ୍ୟା ଖୋଜି ତାହାର ସମାଧାନ ଦିଗରେ ପଦକ୍ଷେପ ନେବ। ମହାନନୀ ଜଳ ଆବଣ୍ଟନ ନେଇ ଦୁଇ ରାଜ୍ୟ ମଧ୍ୟରେ ଦୃଢ଼ ସହଯୋଗ ଲାଗି ଏକ ଆନୁଷ୍ଠାନିକ ଢାଞ୍ଚା ଗଠନ ପାଇଁ ଆଲୋଚନା କରିବ। ଆସନ୍ତା ଅକ୍ଟୋବର ମାସରେ ଦୁଇ ରାଜ୍ୟର ମୁଖ୍ୟ ସଚିବସ୍ତରୀୟ ବୈଠକ ହେବ। ଏଥିରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବ ମଧ୍ୟ ଉପସ୍ଥିତ ରହିବେ। ସମସ୍ୟା ସମାଧାନର ଅଗ୍ରଗତି ନେଇ ସମୀକ୍ଷା କରିବା ସହିତ ଆଲୋଚନାକୁ ଆଗକୁ ବଢ଼ାଇବେ। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହେବାକୁ ଯାଉଥିବା ବୈଠକରେ ଉଭୟ ରାଜ୍ୟର ବାସିନ୍ଦାଙ୍କ ସ୍ୱାର୍ଥରକ୍ଷା ଲାଗି କିପରି ବିବାଦର ଶାନ୍ତିପୂର୍ଣ୍ଣ ଏବଂ ଦୀର୍ଘସ୍ଥାୟୀ ସମାଧାନ ହୋଇପାରିବ ତାହାର ବାଟ ବାହାରିବ।

## ଆତ୍ମନିର୍ଭରଶୀଳତା ଏକ ଆବଶ୍ୟକତା : ରାଜନାଥ



**ନୂଆଦିଲ୍ଲୀ,୩୦।୮(ନି.ପ୍ର):** ଆତ୍ମନିର୍ଭରଶୀଳତା କେବଳ ଏକ ଲାଭ ନୁହେଁ, ଏହା ଏକ ଆବଶ୍ୟକତା। ମହାମାରୀ ହେଉ, ଆତଙ୍କବାଦ ହେଉ କିମ୍ବା ଆଞ୍ଚଳିକ ସଂଘର୍ଷ, ଚଳିତ ଶତାବ୍ଦୀ ସବୁଠାରୁ ଅସ୍ଥିର ଏବଂ ଚ୍ୟାଲେଞ୍ଜିଂ ପ୍ରମାଣିତ ହୋଇଛି। ପୂର୍ବରୁ ଆତ୍ମନିର୍ଭରଶୀଳତାକୁ ଏକ ସୁବିଧା ଭାବରେ ବିବେଚନା କରାଯାଉଥିଲା। ଏବେ ଏହା ଆମର ବଞ୍ଚିବା ଏବଂ ପ୍ରଗତି ପାଇଁ ଅତ୍ୟନ୍ତ ଜରୁରୀ। ଭାରତ ଉପରେ ଟ୍ରମ୍ପଙ୍କ ୫୦% ଟାରିଫ ଲାଗୁ ସମୟରେ ଏହା କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ଭାରତକୁ ନିଜର ଜାତୀୟ ସ୍ୱାର୍ଥକୁ ସର୍ବୋପରି ରଖିବାକୁ ପଡିବ। ଆଜିର ବିଶ୍ୱ ଦ୍ରୁତ ଗତିରେ ବଦଳୁଛି। ପ୍ରତିଦିନ ନୂଆ ଚ୍ୟାଲେଞ୍ଜ ଉଭା ହେଉଛି। ଭାରତ କାହାକୁ ଶତ୍ରୁ ବୋଲି ମାନି ନାହିଁ। କିନ୍ତୁ କୃଷକ ଏବଂ ଉଦ୍ୟୋଗୀଙ୍କ ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପରିବର୍ତ୍ତିତ ଭୂ-ରାଜନୀତି ଏହା ସ୍ପଷ୍ଟ କରିଛି ଯେ ପ୍ରତିରକ୍ଷା କ୍ଷେତ୍ରରେ ବାହ୍ୟ ନିର୍ଭରଶୀଳତା ଆଉ ବିକଳ୍ପ ନୁହେଁ।

ସେ କହିଛନ୍ତି, ୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନି ୭୦୦ କୋଟିରୁ କମ୍ ଥିଲା। ଆଜି ଏହା ପ୍ରାୟ ୨୪୦୦୦ କୋଟିରେ ପହଞ୍ଚିଛି। ଭାରତ ଏବେ କେବଳ ଏକ କ୍ରେତା ନୁହେଁ, ବରଂ ଏକ ପ୍ରତିରକ୍ଷା ଉତ୍ପାଦକ ଏବଂ ରପ୍ତାନିକାରୀ ମଧ୍ୟ ହୋଇଛି। ଭାରତୀୟ ସେନାର ଦକ୍ଷତାର ଯେତେ ପ୍ରଶଂସା କଲେ ବି କମ୍ ହେବ। ଆମର ସେନା ସ୍ୱଦେଶୀ ଉପକରଣ ସହିତ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଆକ୍ରମଣ କରିଛନ୍ତି। ଯାହା ଦର୍ଶାଏ ଯେ ଏକ ମିଶନର ସଫଳତା ପାଇଁ ଦୂରଦୃଷ୍ଟି, ଦୀର୍ଘ ପ୍ରସ୍ତୁତି ଏବଂ ସମନ୍ୱୟ ଜରୁରୀ। ଯେପରି ଜଣେ ଖେଳାଳି କିଛି ସେକେଣ୍ଡରେ ଦୌଡ଼ ଜିତିଥାଏ କିନ୍ତୁ ଏହା ପଛରେ ମାସ ଏବଂ ବର୍ଷର କଠିନ ପରିଶ୍ରମ ରହିଥାଏ ସେହିପରି ଆମର ସେନା ବର୍ଷ ବର୍ଷର ପ୍ରସ୍ତୁତି, କଠିନ ପରିଶ୍ରମ ଏବଂ ସ୍ୱଦେଶୀ ଉପକରଣ ସହିତ ମନୋନୀତ ଲକ୍ଷ୍ୟସ୍ଥଳ ଉପରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଅକ୍ଟୋବର ୪ ଓ ୫ରେ ପୋଲିସ ଏସ୍‌ଆଇ ପରୀକ୍ଷା

**ଭୁବନେଶ୍ୱର,୩୦।୮(ନି.ପ୍ର):** ପୋଲିସ ଏସ୍‌ଆଇ ପରୀକ୍ଷା ଆସନ୍ତା ଅକ୍ଟୋବର ୪ ଓ ୫ରେ ହେବ। ଶନିବାର ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏମ୍‌ଆର୍ ସିଟ୍ ଜରିଆରେ ଲିଖିତ ପରୀକ୍ଷା ହେବ। ପୂର୍ବରୁ ଦୁଇ ଦୁଇ ଥର ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏବେ ପରୀକ୍ଷା ତାରିଖ ଘୋଷଣା କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ସେପ୍ଟେମ୍ବର ୨୦ ପରେ ପରୀକ୍ଷାର୍ଥୀ ସେମାନଙ୍କ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ। ପୋଲିସ ୱେବ୍‌ସାଇଟରୁ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସୂଚୀ ବିଷୟରେ ସବିଶେଷ ବିବରଣୀ ଉପଲବ୍ଧ ହେବ।

## ୪ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର,୩୦।୮(ନି.ପ୍ର):** ରାଜ୍ୟରେ ଆହୁରି ୪ ଦିନ ପ୍ରବଳ ବର୍ଷା ହେବ। ରବିବାରଠାରୁ ପୁଣି ବଢିବ ବର୍ଷା ପରିମାଣ। ପ୍ରବଳ ବର୍ଷା ପାଇଁ ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ବିଶେଷକରି ଉପକୂଳ, ଉତ୍ତର ଓ ପଶ୍ଚିମ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବ। କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଭୀଷଣ ବର୍ଷା ହୋଇପାରେ।ଶନିବାର ସକାଳୁ ସକାଳୁ ଟ୍ୱିନସିଟି କଟକ-ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହୋଇଛି। ୧ ତାରିଖରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି। ୨ ତାରିଖରେ ବି ସବୁ ଜିଲ୍ଲାକୁ ଜାରି କରାଯାଇଛି ୟେଲୋ ଆଲର୍ଟ । ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରକୋପ ରହିବ। ଚଳିତ ବର୍ଷ ରାଜ୍ୟରୁ ମୌସୁମୀ ଫେରିବା ବିଳମ୍ବ ହୋଇପାରେ। ଆଗୁ ଆଉ ଦୁଇ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି।


## ପୋଲିସକୁ ବାନ୍ଧିଲା ପୋଲିସ

**ଭୁବନେଶ୍ୱର,୩୦।୮(ନି.ପ୍ର):** କଣାସର ଜଣେ ଫାଣ୍ଡି ଅଧିକାରୀଙ୍କୁ ପୋଲିସ ଗିରଫ କରିଛି। ଏହି ଫାଣ୍ଡି ଅଧିକାରୀ କୋରାପୁଟର ଜୟପୁରରେ ଥିବାବେଳେ ଏକ ହତ୍ୟା ଅଭିଯୋଗ ହୋଇଥିଲା। ଏହି ମାମଲାରେ ତାଙ୍କୁ ଗିରଫ କରାଯାଇଛି। ମୋଟ୍ ୩ଜଣ ଗିରଫ ହୋଇଛନ୍ତି, ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ ଓ ଜଣେ କନଷ୍ଟେବଲ। ଆଉ ଜଣେ କନଷ୍ଟେବଲ ଫେରାର ରହିଥିବା ଜଣାଯାଇଛି।

ଜୟପୁର ଟାଉନଥାନାରେ ଘଟିଥିଲା ଏହି ଘଟଣା ୨୦୧୭ରେ। ଆକାଶ ମହୁରିଆ ନାମକ ଜଣେ ପେସାଦାର ଅପରାଧୀକୁ ସେତେବେଳେ ଥାନାକୁ ଅଣାଯାଇଥିଲା। କିନ୍ତୁ ହେପାଜତରେ ଥିବାବେଳେ ତା'ର ମୃତ୍ୟୁ ହୋଇଥିଲା। ୨୦୨୧ରେ ଏହି ମାମଲା ଯାଇଥିଲା କ୍ରାଇମବ୍ରାଞ୍ଚ ନିକଟକୁ। ତଦନ୍ତ ଦୀର୍ଘ ଦିନ ଧରି ଚାଲିଥିଲା। ଶେଷରେ କ୍ରାଇମବ୍ରାଞ୍ଚ ଓ କୋରାପୁଟ ପୋଲିସ ପକ୍ଷରୁ ଏହି ୩ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି।

## ଟ୍ରମ୍ପଙ୍କ ଟେନ୍‌ସନ ବଢ଼ିଲା

### ଟାରିଫ ବିରୁଦ୍ଧରେ କୋର୍ଟଙ୍କ ରାୟ



**ୱାଶିଂଟନ,୩୦।୮(ଏଜେନ୍ସି):** ବିଭିନ୍ନ ଦେଶକୁ ଟାରିଫ ଟେନ୍‌ସନ ଦେଇଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ନିଜେ ଟେନ୍‌ସନରେ। ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ଟାରିଫ ବିରୁଦ୍ଧରେ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି, ଟାରିଫ ଲଗାଇବାର ଅଧିକାର ଟ୍ରମ୍ପଙ୍କର ନାହିଁ। ଟ୍ରମ୍ପ କ୍ଷମତା ବାହାରେ ଏହି ନିଷ୍ପତ୍ତି ନେଇଛନ୍ତି। ଟାରିଫ ଲାଗୁ ବେଆଇନ।

କୋର୍ଟଙ୍କ ରାୟ ପରେ ଟ୍ରମ୍ପଙ୍କ ଟେନ୍‌ସନ ବଢ଼ିଯାଇଛି। ସେ କହିଛନ୍ତି, ଟାରିଫ ନିଷ୍ପତ୍ତି ଦେଶର ହିତ ପାଇଁ। କୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ପକ୍ଷପାତପୂର୍ଣ୍ଣ। ଏହା ଦେଶକୁ ବରବାଦ କରିଦେବ। ଆମେ ସୁପ୍ରିମକୋର୍ଟ ଯିବୁ। ଆଗକୁ ମଧ୍ୟ ଟାରିଫ ଜାରି ରଖିବୁ।

ଭାରତ ବିରୁଦ୍ଧରେ ଲଗାଯାଇଥିବା ଟାରିଫ ଅଯୌକ୍ତିକ ଓ ଅନ୍ୟାୟ ବୋଲି ଟ୍ରମ୍ପଙ୍କ ନିଜ ଦେଶରେ ମଧ୍ୟ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ବହୁ ଅର୍ଥନୀତିଜ୍ଞ ଏହାକୁ ପସନ୍ଦ କରୁନାହାନ୍ତି। ଆମେରିକା ଏହାର ପରିମାଣ ଭୋଗ କରିବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଛନ୍ତି। ବ୍ରିଟେନର ମ୍ୟାଗାଜିନ 'ଦି ଇକୋନମିଷ୍ଟ'ର ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତ ବିରୁଦ୍ଧରେ ଟାରିଫ ଲଗାଇ ଟ୍ରମ୍ପ ଏକ ଐତିହାସିକ ଭୁଲ କରିଛନ୍ତି। ପାକିସ୍ତାନକୁ ସମର୍ଥନ କରି ଟ୍ରମ୍ପ ଭାରତ ବିରୁଦ୍ଧରେ ଟାରିଫ ଲଗାଇଛନ୍ତି। ଏହା ଫଳରେ ଭାରତ-ଆମେରିକାର ଦୀର୍ଘ ୨୫ ବର୍ଷର ସମ୍ପର୍କକୁ ମାଟିରେ ମିଶାଇ ଦେଇଛନ୍ତି।

## ମଜଭୁତ ହେଲା ଭାରତ-ଜାପାନ ସମ୍ପର୍କ

**ଟୋକିଓ,୩୦।୮(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାପାନ ଗସ୍ତ ଫଳରେ ଭାରତରେ ଜାପାନ ୬ ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯାଉଛି। ଏହା ନିଯୁକ୍ତି ସହ ଉତ୍ପାଦନ କ୍ଷେତ୍ରକୁ ବୃଦ୍ଧି କରିବ। ଦୁଇ ଦେଶ ମଧ୍ୟରେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ସଂଯୋଗ କରିବ । ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଅନେକ କ୍ଷେତ୍ରରେ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତିରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଏକ ନୂତନ ଏବଂ ଆଧୁନିକ ସହଯୋଗ ପ୍ରତିଷ୍ଠା ହୋଇଛି। ଏହା ଦୁଇ ଦେଶର ରଣନୀତିକ ସହଭାଗୀତାକୁ ସୁଦୃଢ଼ କରିବ। ସାଇବର ସୁରକ୍ଷା, ଆତଙ୍କବାଦ ବିରୋଧୀ ସହଯୋଗ, ପ୍ରତିରକ୍ଷା ଶିଳ୍ପ ଗବେଷଣା ଏବଂ ବିକାଶକୁ ମଧ୍ୟ ବୃଦ୍ଧି କରିବ।

ଦୁଇ ଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଖଣିଜ ସୁରକ୍ଷା ସହଭାଗୀତା ଇଣ୍ଡୋ-ପାସିଫିକ୍ ଅର୍ଥନୈତିକ ଫ୍ରେମୱାର୍କ ଏବଂ କ୍ୱାଡ଼ା କ୍ରିଟିକାଲ ମିନେରାଲ୍ସ ଇନିସିଏଟିଭ୍ସ ସହିତ ଦୁଇ ଦେଶ ମିଳିତ ଭାବରେ କାର୍ଯ୍ୟ କରିବେ। ଏହା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ବୃଦ୍ଧି କରିବ। ଏଥିପାଇଁ ଏକ ବୁଝାମଣା ପତ୍ର ମଧ୍ୟ ଜାରି କରାଯାଇଛି। ଯାହା ଭାରତର ଖଣିଜ ମନ୍ତ୍ରଣାଳୟ ଓ ଜାପାନର ଅର୍ଥନୀତି, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ସ୍ୱାକ୍ଷରିତ ହୋଇଛି।

ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ଯୋଗାଇ ଦିଆଯାଉଛି। ଏଗୁଡ଼ିକ ହେଉଛି ସେମିକଣ୍ଡକ୍ଟର ଚିପ୍ସ ଏବଂ ଔଷଧ। ଜାପାନ ଭାରତକୁ ସେମିକଣ୍ଡକ୍ଟର ଚିପ୍ସ ପାଇଁ କଞ୍ଚାମାଲ ଯୋଗାଇଥାଏ। ଉଭୟ ଦେଶ ମିଳିତ ଚିପ୍ ନିର୍ମାଣ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏହା ବୈଷୟିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବ। ଫାର୍ମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଭୟ ଦେଶ ମିଳିତ ଭାବରେ ନୂତନ ଔଷଧ, ଟିକା ଏବଂ କ୍ଲିନିକାଲ ପରୀକ୍ଷଣ ଗବେଷଣା କରିବାସହ ସ୍ୱାସ୍ଥ୍ୟସେବାକୁ ଏଆଇ ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା ପାଇଁ କାର୍ଯ୍ୟ କରିବେ।

### ବୁଲେଟ୍ ଟ୍ରେନରେ ବୁଲିଲେ ମୋଦୀ



**ନୂଆଦିଲ୍ଲୀ,୩୦।୮(ନି.ପ୍ର):** ଜାପାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଲେଟ ଟ୍ରେନରେ ବୁଲିଛନ୍ତି। ବୁଲେଟ ଟ୍ରେନ ଡ୍ରାଇଭରଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଜାପାନ ଗସ୍ତରେ ଥିବା ସମୟରେ ମୋଦୀ ଉନ୍ନତ ବୁଲେଟ୍ ଟ୍ରେନ୍ ଇ-୧୦ ଦେଖିବା ପାଇଁ ମିଆଗି ପ୍ରଦେଶର ସେଣ୍ଡାଇରେ ପହଞ୍ଚିଥିଲେ। ଜାପାନର ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କ ସହ ରହିଥିଲେ। ଏହି ଯାତ୍ରା ସମୟରେ ଭାରତୀୟ ଚାଳକମାନଙ୍କୁ ଭେଟିଥିଲେ ମୋଦୀ। ଏହି ଚାଳକମାନଙ୍କୁ ଜାପାନର ପୂର୍ବ ରେଳବାଇ ତାଲିମ ଦେଉଛି। ସେମାନେ ଭାରତରେ ଚାଲିବାକୁ ଥିବା ବୁଲେଟ୍ ଟ୍ରେନ୍ ଚଲାଇବେ।

## ବଢ଼ିଲା ଇନ୍ସପେକ୍ଟର, ଏସ୍‌ଆଇଙ୍କ କ୍ଷମତା

**ଭୁବନେଶ୍ୱର,୩୦।୮(ନି.ପ୍ର):** ରାଜ୍ୟରେ ଇନ୍ସପେକ୍ଟର ଏବଂ ଏସଆଇଙ୍କ କ୍ଷମତା ବୃଦ୍ଧି କରାଯାଇଛି। ଏଣିକି ସେମାନେ ଏସସି/ଏସଟି ମାମଲାର ତଦନ୍ତ କରିପାରିବେ। ତଦନ୍ତ ସହ ଗିରଫ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା ମଧ୍ୟ ଦାଖଲ କରିପାରିବେ। ପୂର୍ବରୁ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା। ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି।

ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ୧୯୮୯ର ପ୍ରବର୍ତ୍ତନକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶା ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ପୋଲିସ ଇନ୍ସପେକ୍ଟର ଏବଂ ସବ୍‌ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଗିରଫ, ତଦନ୍ତ ଓ ମାମଲା ରୁଜୁ କରିବା ପାଇଁ କ୍ଷମତା ପ୍ରଦାନ କରାଯାଉଛି।

ପୂର୍ବରୁ ଏହି କ୍ଷମତା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଏବଂ ତଦୁର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ସଂରକ୍ଷିତ ଥିଲା। ଗୃହ ବିଭାଗ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି କ୍ଷମତା ରାଜ୍ୟର ଇନ୍ସପେକ୍ଟର ଏବଂ ସବ-ଇନ୍ସପେକ୍ଟରମାନଙ୍କୁ ପ୍ରଦାନ କରାଯାଇଛ।। ବିଜ୍ଞପ୍ତିରେ କୁହାଯାଇଛି ଯେ, ଏହି ଅଧିକାରୀମାନେ ଏବେ ସେମାନଙ୍କର କ୍ଷେତ୍ରୀୟ କ୍ଷେତ୍ରାଧିକାର ମଧ୍ୟରେ ଆଇନ ଅନୁଯାୟୀ ନିର୍ଦ୍ଦିଷ୍ଟ ଯେକୌଣସି ସ୍ୱତନ୍ତ୍ର କୋର୍ଟ ସମ୍ମୁଖରେ ଏହି କ୍ଷମତାର ବ୍ୟବହାର କରିପାରିବେ। ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ବିରୁଦ୍ଧରେ ଅତ୍ୟାଚାର ସହିତ ଜଡିତ ମାମଲାରେ ପ୍ରତିକ୍ରିୟାଶୀଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିବା ଏହି ନିଷ୍ପତ୍ତିର ଲକ୍ଷ୍ୟ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୁରସ୍କାର ବିତରଣ ସଭା




**ବ୍ରହ୍ମପୁର,୩୦।୮(ନି.ପ୍ର):** ମହାନଗର ନିଗମ ବ୍ରହ୍ମପୁର ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଶନିବାର ନିଗମ ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର, ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡୀ, ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ଯୋଗଦେଇଥିଲେ।। ଏହି ପରିପ୍ରେକ୍ଷୀରେ ପୂର୍ବରୁ ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଓ ୧୫୮ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ରହ୍ମପୁର ମହାନଗର ନିଗମ ଓ ଜିଲ୍ଲା ଟିବି ନିରାକରଣ କାର୍ଯ୍ୟକ୍ରମ ଗଞ୍ଜାମଙ୍କ ସଂଯୁକ୍ତ ପ୍ରୟାସରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିକ୍ଷୟ ମିତ୍ର କ୍ୟାମ୍ପେନିଂ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୩୭ ଜଣ ଟିବି ପୀଡ଼ିତଙ୍କୁ ଚିହ୍ନଟ କରାଯାଇ ଶନିବାର ୫୦ ଜଣଙ୍କୁ ନିକ୍ଷୟ ପୋଷଣ କିଟ୍ ବଣ୍ଟନ କରାଯାଇଥିଲା । ଏଥିରେ ଅତିଥି ଭାବେ ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡି, ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଡ଼େପୁଟି କମିଶନର ସଂଘମିତ୍ରା କଲ୍ୟାଣୀ ଦେବୀ, ଆଶୀର୍ବାଦ ପରିଡ଼ା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସରୋଜ କୁମାର ସାମଲ, ଡ଼ା. ମାନସ ରଞ୍ଜନ ପଣ୍ଡା, ଡ଼ା. ଅବନି କୁମାର ପାତ୍ର, ଡ଼ା. ବୁଲୁନାଥ ସାହୁ, ଲମ୍ବୋଦର ଦିଗାଲ୍, ବିଦେଶୀ ଜେନାଙ୍କ ସମେତ ବିଏମ୍‌ସିର ବହୁ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ।।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନେଇ ଅସନ୍ତୋଷ

**ଗୋପାଳପୁର,୩୦।୮(ନି.ପ୍ର):** ସ୍ଥାନୀୟ ଗୋପାଳପୁର-ବ୍ରହ୍ମପୁର ରାସ୍ତାର ଭଞ୍ଜବିହାର ଛକ ଠାରୁ ଡୁରା ଛକ ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁ ରହିଛି। ରାସ୍ତାର ଦୁଇ ପଟେ ପ୍ରାୟ ୩ ଫୁଟ ଓସାରର ପେଭର ବ୍ଲକ୍ ବିଛା ଯାଉଛି । କିନ୍ତୁ ମନମୁଖୀ ଭାବେ ରାସ୍ତା କାମ କରାଯାଉଥିବାରୁ ସାଧାରଣରେ ଅସେନ୍ତୋଷ ଦେଖାଦେଇଛି । ଫେଭର ବ୍ଲକ୍ ବିଛାଇବା ନିମନ୍ତେ ରାସ୍ତାର ଦୁଇପଟ ପ୍ରାୟ ୧ ଫୁଟ ଲେଖାଏଁ ଖୋଳା ଯାଉଥିବା ବେଳେ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗା ଯାଉନଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ବ୍ରହ୍ମପୁର ତଥା ଆଖପାଖ ଅଞ୍ଚଳରୁ ବହୁ ପର୍ଯ୍ୟଟକ ଗୋପାଳପୁର ଯାଆଆସ କରୁଛନ୍ତି । ଏହା ସହ ପେଭର ବ୍ଲକ୍ ବିଛା ଯିବା ପୂର୍ବରୁ ଖାଲରେ ବାଲି ଭର୍ତ୍ତି କରାଯିବା ବଦଳରେ ପଥର ଗୁଣ୍ଡ ବିଛାଯାଇ କାମ କରାଯାଉଛି । ଏହାଦ୍ୱାରା ନିର୍ମାଣ ନିମନ୍ତେ ଚୁକ୍ତି ହୋଇଥିବା ମାନଦଣ୍ଡକୁ ପୂରଣ କରାଯାଉନଥିବା ଅଭିଯୋଗ ହେଉଛି।






ସ୍ୱାଗତମ ସ୍ୱାଗତମ ସ୍ୱାଗତମ

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ- ୩୧ ଅଗଷ୍ଟ ୨୦୨୫ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଥିବାର କାର୍ଯ୍ୟକ୍ରମ ସହିତ ସହରବାସୀଙ୍କ ସହଯୋଗ ଓ ସହାନୁଭୂତି ପରିଷଦ ସହିତ ଯୋଡିହୋଇ ଏକ ଭାଇଚାରା ସୃଷ୍ଟି କରୁ ଏହାହିଁ ଆଜିର ପବିତ୍ର ଦିବସରେ କାମନା ।

ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ / ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା ।

"ଘର ଚାରିପାଖ ସଫା ରଖିବା
ଡେଙ୍ଗୁ ମ୍ୟାଲେରିଆ ଏଡାଇ ଦେବା"

"ଆଉଟସୋର୍ସ ସଫେଇ ସୁରକ୍ଷିତ ସଫେଇ" "ଆମର ଲକ୍ଷ- ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"

ଶ୍ରୀ ଜଗନ୍ନାଥ ବେହେରା , ଓ.ଆ.ସେ
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ଶ୍ରୀମତୀ ସୁମିତ୍ରା ବେହେରା
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ

ଶ୍ରୀଯୁକ୍ତ ବିଜିନା ଶଙ୍କର ସାହୁ
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ


## ବିନାୟକ ଆଚାର୍ଯ୍ୟ ଥିଲେ ଦୟାଶୀଳ ମଣିଷ




**ବ୍ରହ୍ମପୁର,୩୦।୮(ନି.ପ୍ର):** ସ୍ଥାନୀୟ ଆସିକା ରୋଡ୍‌ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ପୂଜ୍ୟ ପ୍ରଣମ୍ୟ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ୧୦୭ତମ ଜୟନ୍ତୀ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ଓ ସଂସ୍କାରବାଦୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ନାହାକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା ଓ ସଂସ୍କାରବାଦୀର ସଭାପତି ଭାଷାତପସ୍ୱୀ ତ୍ରିନାଥ ମହାରଣା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଅଶୋକ ଦଳାଇ ପ୍ରମୁଖ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଶିକ୍ଷକତାରୁ ଜଣେ ଆଦର୍ଶ ନିର୍ଲୋଭୀ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ବୋଲି କହିଥିବା ବେଳେ ଭାଷା ତପସ୍ୱୀ ତ୍ରିନାଥ ମହାରଣା ୧୯୮୩ ମସିହାରେ ଆମେ ଓଡ଼ିଆ ସଙ୍ଗଠନ ପ୍ରତିଷ୍ଠା ବେଳେ ସ୍ୱର୍ଗତ ଆଚାର୍ଯ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ ସମବେତ ଭାଷାପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ନିଜ ପରିବାରରୁ ମା, ମାଟି ଓ ମାତୃଭାଷା ଓଡ଼ିଆର ବିକାଶ ପାଇଁ ପ୍ରତ୍ୟେକ ପରିବାରରେ ସଚେତନତା ହେବା ଦରକାର। ଦୀର୍ଘ ବହୁବର୍ଷର ବ୍ୟବଧାନ ପରେ ଆଜିର ସରକାର ଭାଷାର ଉନ୍ନତି ପାଇଁ ପଦକ୍ଷେପକୁ ସ୍ୱାଗତ କରି ଶ୍ରୀ ମହାରଣା ଗୁରୁ ବିନାୟକ ଆଚାର୍ଯ୍ୟ ଥିଲେ ଜଣେ ଦୟାଶୀଳ ସ୍ୱଭାବର ମଣିଷଟିଏ। ଅନ୍ୟମାନଙ୍କ ମଧ୍ୟରେ ନବୀନ ସମ୍ପାଦକ ରବି ରଥ, ସାହିତ୍ୟିକ ହାଡ଼ିବନ୍ଧୁ ମାଳି, ସୁବାଷ ଚନ୍ଦ୍ର ମିଶ୍ର, ସୀମାଞ୍ଚଳ ସାହୁ, କବିରାଜ ସ୍ୱାଇଁ, ମିହିରକାନ୍ତ ମହାପାତ୍ର, ଅଶୋକ ଦଳାଇ, ସଞ୍ଜୟ କୁମାର ତ୍ରିପାଠୀ, ଶିବ ପ୍ରସାଦ ମିଶ୍ର, ଏସ୍. କେଶବ ଲିଙ୍ଗମ୍, ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ଆଚାର୍ଯ୍ୟ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ।

## ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




**ବ୍ରହ୍ମପୁର,୩୦।୮(ନି.ପ୍ର):** ସ୍ଥାନୀୟ ଅକ୍ସଫୋର୍ଡ଼ ପବ୍ଲିକ୍ ସ୍କୁଲ ଠାରେ ଶନିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା (ପୂର୍ବ) ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡ଼ିଶା (ପୂର୍ବ) ପ୍ରାନ୍ତରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସତ୍ରରେ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ୍, ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, ପୂର୍ବ ପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଏବଂ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ଉପସ୍ଥିତଥିଲେ। ଏହି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ଦିନରେ ୨ ଲକ୍ଷ ୫୦ ହଜାର ସଦସ୍ୟତା, ୧୮୩ ନଗର ୟୁନିଟ୍, ୩୪୦ କ୍ୟାମ୍ପସ୍ ୟୁନିଟ୍ ନିମନ୍ତେ ତଥା ଆଗାମୀ ଛାତ୍ର ସଂସଦ ନିର୍ବାଚନ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଶିକ୍ଷାସ୍ଥିତି ଓ ସାମାଜିକ ସ୍ଥିତି ଉପରେ ପ୍ରସ୍ତାବ ପାରିତ ହୋଇଥିଲା । କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ୍ ଏବିଭିପିର କାର୍ଯ୍ୟପଦ୍ଧତି ଓ ସାଙ୍ଗଠନିକ ନିଷ୍ପତ୍ତି ଉପରେ ବିଷୟ ରଖିଥିଲେ। ବୈଠକରେ କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ବିଶେଷ ଭାବେ ଉପସ୍ଥିତ ଥିଲେ । ପ୍ରତ୍ୟେକ କଲେଜ କ୍ୟାମ୍ପସ୍‌ରେ ନିଜର ସମସ୍ତ ସକରାତ୍ମକ ଦୃଷ୍ଟିକୋଣ ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ତଥା ସାମାଜିକ କ୍ଷେତ୍ରରେ ଷ୍ଟୁଡ଼େଣ୍ଟ୍ ଫର୍ ସେବା, ଷ୍ଟୁଡ଼େଣ୍ଟସ ଫର ଡ଼େଭଲପମେଣ୍ଟ୍, ମେଡ଼ିଭିଜନ୍, ଏଗ୍ରିଭିଜନ୍, ଥିଙ୍କ ଇଣ୍ଡିଆ, ଖେଲୋ ଭାରତ, ମିଶନ ସାହସୀ, ଏସ୍‌ଇଆଇଏଲ୍ ଆଦି ଆୟାମ ଓ ଗତିବିଧି ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସଦସ୍ୟତା, ଶାଖା ଗଠନ, ଜିଲ୍ଲା ଓ ଅଭ୍ୟାସ ବର୍ଗ, ବୈଠକ ଓ ପ୍ରବାସ, ଜନଜାତି ଗୌରବ ଦିବସ, ରାଜ୍ୟ ଅଧିବେଶନ, ଆୟାମ ଓ ଗତିବିଧି କାର୍ଯ୍ୟ, ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ ଓ କାର୍ଯ୍ୟାଳୟ, ଛାତ୍ର ସନ୍ଦେଶ ପତ୍ରିକା ଆଦି ବିଷୟ ଉପରେ ଆଲୋଚନା କରିଥିଲେ।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୫ ଅବସରରେ 'ଆମ ପରିଷଦ' ତା'ର ପ୍ରିୟ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ଶାନ୍ତି, ମୈତ୍ରୀ, ଭାଇଚାରାର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ୍ ଓ ପଲିଥିନମୁକ୍ତ ଏବଂ ଶୃଙ୍ଖଳିତ ରଖି ଆମ ପରିଷଦର ମୂଳ ଲକ୍ଷ୍ୟ 'ଆପଣଙ୍କ ସମସ୍ୟା ଆମର ସମାଧାନ'କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହରବାସୀଙ୍କର ଗଠନମୂଳକ ସହଯୋଗ କାମନା କରୁଅଛୁ।

ଆପଣଙ୍କ ସହଯୋଗ:

୧. ସ୍ୱଚ୍ଛ ସର୍ବେକ୍ଷଣ–୨୦୨୫ ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ। ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ। ଭଙ୍ଗା ଟିଭି, କମ୍ପ୍ୟୁଟର୍, ଫ୍ରିଜ୍ ଆଦି e-Waste ଗୁଡ଼ିକୁ ପରିଷଦର ବୁଲୁଥିବା D/D BOV ଗାଡ଼ିରେ ଦିଅନ୍ତୁ।
୨. ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତିରେ ନୂତନ ଗୃହ କରନ୍ତୁ ନାହିଁ।
୩. ଗଞ୍ଜାମ ଏନ୍‌ଏସିର ପ୍ରତ୍ୟେକ ବ୍ୟବସାୟୀ ପରିଷଦଠାରୁ ନିଜର ଟ୍ରେଡ୍ ଲାଇସେନ୍ସ (Trade Licence) କରାଇ ନିଅନ୍ତୁ।
୪. ପୌର ପରିଷଦର e-Website ଏବଂ Social media Pageକୁ ଅନୁସରଣ କରନ୍ତୁ।
୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/– ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ। ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ।

''ଆମ ପରିଷଦ ବିକଶିତ ପଥରେ...''


ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ
କାର୍ଯ୍ୟ ନିର୍ବାହୀ ଅଧିକାରୀ


ଶ୍ରୀମତୀ ପ୍ରତିଭା ପାଢ଼ୀ
ଅଧ୍ୟକ୍ଷା



### ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର

ଆପଣଙ୍କ ସେବାରେ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ



୧. ଆପଣଙ୍କ ଗୃହ ଓ ଆଲୁଅ କର ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା ପାଇଁ ଆବର୍ଜନାଗୁଡ଼ିକ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।
୩. ପରିଷଦର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ।
୪. ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
୫. ଯଥା ସମୟରେ ବିବାହ ପଞ୍ଜିକରଣ କରନ୍ତୁ।
୬. ସହରକୁ ପ୍ରଦୁଷଣରୁ ବଞ୍ଚାଇବା ପାଇଁ ବହୁଳ ଭାବେ ବୃକ୍ଷ ରୋପଣ କରନ୍ତୁ ଓ ପରିଷଦ ଦ୍ୱାରା ଲଗାଯାଇଥିବା ବୃକ୍ଷକୁ ଯତ୍ନ ନିଅନ୍ତୁ।
୭. ରାସ୍ତା ଅବରୋଧ କରି କୌଣସି ବ୍ୟବସାୟ କରନ୍ତୁ ନାହିଁ।
୮. ନିଜ ନିଜର ଗୃହରୁ ବାହାରୁଥିବା ଅଳିଆ ଆବର୍ଜନାକୁ ନାଳ ଭିତରେ ନ ପକାଇ ପରିଷଦ ଦ୍ୱାରା କରାଯାଉଥିବା ଭ୍ରାମ୍ୟମାଣ ଗାଡ଼ିରେ ଓ ଡ଼ଷ୍ଟବିନରେ ପକାନ୍ତୁ।
୯. କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ଜଳାଶୟଗୁଡ଼ିକୁ ଅପରିଷ୍କାର କରନ୍ତୁ ନାହିଁ।
୧୦. ସହରର ରାସ୍ତା ଏବଂ ନାଳ ଗୁଡ଼ିକୁ ସଦାସର୍ବଦା ପରିଷ୍କାର ରଖନ୍ତୁ।
୧୧. ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ପାନୀୟ ଜଳକୁ ଅପବ୍ୟବହାର କରନ୍ତୁ ନାହିଁ।
୧୨. ବିଦ୍ୟୁତ୍ ଶକ୍ତି ଅପଚୟ କରନ୍ତୁ ନାହିଁ।
୧୩. ମିଶନ ରାତ୍ର ସଫେଇକୁ ସଫଳ କରିବାରେ ସହଯୋଗ କରନ୍ତୁ।
୧୪. ସହରର ସମସ୍ତ ଦୋକାନୀ ଭାଇମାନେ ନିଜ ଦୋକାନ ଏବଂ ଦୋକାନ ପରିସରର ୫ ମିଟର ପରିବେଶର ସ୍ୱଚ୍ଛତା ନିଜେ ଦାୟିତ୍ୱ ନିଅନ୍ତୁ ଓ ସମସ୍ତ ଜନସାଧାରଣ ନିଜ ପରିବେଶ ସଫା ରଖନ୍ତୁ।


ଶ୍ରୀ କୃଷ୍ଣଚନ୍ଦ୍ର ରଥ
କାର୍ଯ୍ୟନିର୍ବାହୀ ଅଧିକାରୀ


ଶ୍ରୀ ବିକ୍ରାନ୍ତ କୁମାର ସାହୁ
ଭାରପ୍ରାପ୍ତ ଅଧ୍ୟକ୍ଷ


**ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା**

## 'ଶିକ୍ଷା, ରାଜନୀତିରେ ସ୍ୱଚ୍ଛତା ଓ ସାଧୁତା ବିନାୟକ ଆଚାର୍ଯ୍ୟଙ୍କ ଜୀବନାଦର୍ଶ ଥିଲା'



**ବ୍ରହ୍ମପୁର,୩୦।୮(ନି.ପ୍ର):** ଓଡ଼ିଶାର ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷକ ଓ ନୀତି ପରାୟଣ ରାଜନେତା ରୂପେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ସ୍ୱପକ୍ଷ ଓ ବିପକ୍ଷ ନିର୍ବିଶେଷରେ ସବୁରି ପ୍ରିୟପାତ୍ର ଥିଲେ। ଉଭୟ ଶିକ୍ଷା ଓ ରାଜନୀତିରେ ସମୟାନୁବର୍ତ୍ତିତା, ଶୃଙ୍ଖଳା, ସ୍ୱଚ୍ଛତା ତାଙ୍କ ଜୀବନର ମହାନ୍ ବ୍ରତ ଥିଲା। ଜୀବନର କୌଣସି ପରିସ୍ଥିତିରେ ସେ ନୀତି ଆଉ ଆଦର୍ଶକୁ ଜଳାଞ୍ଜଳି ଦେଇ ନାହାନ୍ତି । ବିନାୟକ ଆଚାର୍ଯ୍ୟଙ୍କ ମହନୀୟ ଜୀବନାଦର୍ଶ ଆଜିର ଛାତ୍ରଛାତ୍ରୀଙ୍କ ଧ୍ୟେୟ ହେବା ଆବଶ୍ୟକ ବୋଲି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଉତ୍ତମା ଜେନା ମତବ୍ୟକ୍ତ କରିଛନ୍ତି । ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ୧୦୭ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ପୂର୍ବାହ୍ନରେ ବିନାୟକ ଆଚାର୍ଯ୍ୟଙ୍କ ସ୍ମାରକୀ ବକ୍ତୃତାମାଳା ସମାରୋହ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ପ୍ରମିଳା ଖାଡ଼ଙ୍ଗା। ଏହି ସମାରୋହରେ ପୌରୋହିତ୍ୟ କରିବା ସଙ୍ଗେ ସଙ୍ଗେ ପ୍ରାକ୍-ସୂଚନା ପ୍ରଦାନ ପୂର୍ବକ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ମହାନୀୟ ଗୁଣାବଳୀ ବର୍ଣ୍ଣନା କରିଥିଲେ। ବକ୍ତୃତାମାଳା ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଫେସର ଉତ୍ତମା ଜେନା ଉପଯୁକ୍ତ ମର୍ମରେ ବକ୍ତବ୍ୟ ପ୍ରଦାନ ପୂର୍ବକ ବିନାୟକ ଆଚାର୍ଯ୍ୟଙ୍କୁ ଓଡ଼ିଶାର ସୁଯୋଗ୍ୟ ବରପୁତ୍ର ଭାବେରେ ଚିତ୍ରଣ କରିଥିଲେ। ବିଶିଷ୍ଟ ଐତିହାସିକ ତଥା ପ୍ରାବନ୍ଧିକ ଡ଼କ୍ଟର କୈଳାଶ ଚନ୍ଦ୍ର ଦାସ ଏହି ସମାରୋହରେ ମୁଖ୍ୟବକ୍ତା ରୂପେ ସ୍ମାରକୀ ବକ୍ତୃତା ପ୍ରଦାନ ପୂର୍ବକ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ଛାତ୍ର ଜୀବନ, ସାଙ୍ଗଠନିକ ଦକ୍ଷତା, ନେତୃ ସ୍ଥାନୀୟ ପାରଦର୍ଶିତା, ଆଦର୍ଶ ଶିକ୍ଷକ ଜୀବନ ଓ ସାଧୁତା ସମ୍ପନ୍ନ ରାଜନୀତିକ ବ୍ୟକ୍ତିତ୍ୱ ସମ୍ପର୍କରେ ଐତିହାସିକ ତଥ୍ୟ ଆଧାରରେ ଆଲୋଚନା କରିଥିଲେ । ବିନାୟକ ଆଚାର୍ଯ୍ୟ ସାମ୍ୟବାଦୀ ଉଚ୍ଚାଦର୍ଶକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ ଏବଂ ଚାରି ମାସ ପାଇଁ ହେଲେ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ରାଜନୈତିକ ବ୍ୟବସ୍ଥା ପରିଚାଳନାରେ ସର୍ବକାଳୀନ ସ୍ୱଚ୍ଛତା ଓ ସାଧୁତାର ପ୍ରମାଣ ଦେଇ ଯାଇଛନ୍ତି ବୋଲି ମୁଖ୍ୟବକ୍ତା ଡ଼. ଶ୍ରୀ ଦାସ ମନ୍ତବ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ଼କ୍ଟର କୁଳମଣି ଓଝା ସମ୍ମାନୀତ ଅତିଥି ରୂପେ ଗୁରୁଣାଂ ଗୁରୁ ବିନାୟକ ଆଚାର୍ଯ୍ୟଙ୍କ ସଂସ୍କାରିତ ନୀତି, ନୈତିକତାପୂର୍ଣ୍ଣ ବିଦ୍ୟାର୍ଥୀ ଜୀବନ, ସମର୍ପିତ ସମାଜସେବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ଜନ ଜାଗରଣ, ପ୍ରଜ୍ଞା ପ୍ରତ୍ୟୁତ୍ପନ୍ନ ଶିକ୍ଷାକ ଜୀବନ, ସମୟାନୁବର୍ତ୍ତିତା, ସାମାଜିକ ଜୀବନରେ ଶୃଙ୍ଖଳା ଓ ସଂସ୍କାର, ସାଧୁ ସହୃଦୟ ରାଜନୀତିକ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ଼କ୍ଟର ଆନନ୍ଦ ସେଠୀ ବିନାୟକ ଆଚାର୍ଯ୍ୟଙ୍କ ଜୀବନର କେତେକ ଅନାଲୋଚିତ ଦିଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ସମିତି ମୁଖ୍ୟ ଅଧିକାରୀ ଡ଼. ଗଙ୍ଗାଧର ବେହେରା ସ୍ୱାଗତ ଭାଷଣ, ବକ୍ତୃତାମାଳା ସମିତିର ସହଯୋଗୀ ଅଧିକାରୀ ଡ଼. ଶିବାନୀ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ଼. ରବୀନ୍ଦ୍ର କୁମାର ପଣ୍ଡା ସମାରୋହର ସଂଯୋଜନା କରିଥିଲେ । ରାଜନୀତି ବିଜ୍ଞାନ ସହକାରୀ ପ୍ରଫେସର ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ସଞ୍ଚାଳିତ ପୁରସ୍କାର ବିତରଣ ସମାରୋହ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ସ୍ରୋତର ସମସ୍ତ ବିଭାଗ ଓ ସମସ୍ତ ସ୍ନାତକୋତ୍ତର ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବିଦ୍ୟାର୍ଥୀ, ବିଦ୍ୟାର୍ଥିନୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଉଥିଲା । ସେହିପରି ଆମନ୍ତ୍ରିତ ଅତିଥିମାନେ ଯୁକ୍ତ ୨, ଯୁକ୍ତ ୩ ସ୍ନାତକୋତ୍ତର ସ୍ତରୀୟ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ବକ୍ତୃତାମାଳା ସମିତିର ଅନ୍ୟତମ ସହଯୋଗୀ ଅଧିକାରୀ ଡ଼. ମଧୁସ୍ମିତା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ସମାରୋହ ପରିଚାଳନାରେ ଡ଼. ଦେବରାଜ ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ, ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା, ଡ଼. ସୁଧାନନ୍ଦ ମହାରଣା, ଡ଼. ଅଶ୍ୱିନୀ କୁମାର ରାଉତ, ରତ୍ନାକର ମିଶ୍ର, ରୋଶନୀ ସାହୁ, ଟୁନା ଚିନ୍ତାଲୁ, ଡ଼. ବନୋଜ କୁମାର ନାୟକ, ଅଚ୍ୟୁତ କୁମାର ବିଶ୍ୱାଳ, ପୁରୁଷୋତ୍ତମ ଖୁମ୍ବ, ସ୍ନେହାସିନୀ ପ୍ରଧାନ, ଡ଼. ଶୁଭାଶିଷ ବେହେରା, ଡ଼. ସୁଶାନ୍ତ କୁମାର ପରିଡ଼ା, ଶଙ୍କର ପ୍ରସାଦ ମହାପାତ୍ର, ଡ଼. ଶାରଦା ପ୍ରସାଦ ଦାସ, ଡ଼. ଅନୀତା ପତି, ଡ଼. ମଧୁସ୍ମିତା ଦାସ ଓ ଡ଼. ବନଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅଶୋକ ନଗର ଷଷ୍ଠ ଲାଇନ୍‌ରେ ଗଣେଶ ପୂଜାରେ ମେଗା ରକ୍ତଦାନ ଶିବିର




**ବ୍ରହ୍ମପୁର,୩୦।୮(ନି.ପ୍ର):** ସ୍ଥାନୀୟ ଅଶୋକ ନଗର ଷଷ୍ଠ ଲାଇନ୍ ପଡ଼ିଆ ସାହିଠାରେ ଅଶୋକ ନଗର ଯୁବକ ସଂଘ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗଣେଶ ପୂଜା ମହାସମାରୋହରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଏଠାରେ ୧୩ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ଅଶୋକ ନଗର ଯୁବକ ସଂଘ ପକ୍ଷରୁ ମୁଖ୍ୟ ପରିଚାଳକ ତଥା ସମାଜସେବୀ ଏ. ସନ୍ତୋଷ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଦୀର୍ଘ ୧୨ ଘଣ୍ଟା ଧରି ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ପ୍ରାୟ ୧୦୦୮ ରକ୍ତ ସଂଗ୍ରହ କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଦକ୍ଷିଣାଞ୍ଚଳ ବହୁ ଜିଲ୍ଲାରୁ ଯୁବକମାନେ ଆସି ଏଠାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ରକ୍ତଦାନ ଏକ ମହତ୍ ଦାନର ବାର୍ତ୍ତା ନେଇ ଯୁବକ ସଂଘ ପକ୍ଷରୁ ଏପରି ଶିବିର ପରିଚାଳିତ ହୋଇଥିଲା । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଗଜାନନଙ୍କ ନିକଟରେ ୧୦୦୮ ଆତଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଆଶୀର୍ବାଦ କୃପା ଲାଭ କରିଥାନ୍ତି । ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ କୁମାର ପଣ୍ଡା, ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବ ବିଜେଡ଼ି ନେତା ଜ୍ୟୋତି ରଞ୍ଜନ ସାହୁ, ସୁବାଶିଷ ସାହୁ, ସ୍ଥାନୀୟ କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ସମେତ ବିଜେଡ଼ିର ବହୁ କର୍ପୋରେଟର ଓ କର୍ମକର୍ତ୍ତାମାନେ ଉପସ୍ଥିତଥିଲେ।


## ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଏମ୍‌ସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର,୩୦।୮(ନି.ପ୍ର):** ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ମହାନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ, ଅଧିକାରୀମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ବିଧାୟକ କେ. ଅନୀଲ୍ କୁମାର ଉଦ୍‌ଘାଟନ କରିଥିବା ବେଳେ ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡି, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସମେତ ନିଗମର ସମସ୍ତ କର୍ପୋରେଟର ଓ ଅଧିକାରୀ ଉପସ୍ଥିତ ଥିଲେ । ୧୫୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଉଚ୍ଚ ରକ୍ତଚାପ, ମଧୁମେହ, ଏଚ୍‌ଆଇଭି, ହିମଗ୍ଲୋବିନ୍, ହେପାଟାଇସ୍, ବିଓସି ସହ ଅନ୍ୟାନ୍ୟ ରକ୍ତ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ ସହ ସୁସ୍ଥ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ମହାନଗର ନିଗମ ଅଧୀନରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ନାରାୟଣ ବେହେରା, ଡ଼ାକ୍ତର ନଳିନୀକାନ୍ତ ପାଢ଼ୀ, ଡ଼ାକ୍ତର ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ଼ାକ୍ତର କୁମୁଦ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ଫାର୍ମାସିଷ୍ଟମାନେ ଉପସ୍ଥିତଥିଲେ ।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା, ଗଞ୍ଜାମ

**ବାର୍ତ୍ତା**

- ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
- ବାହ୍ୟ ମଳତ୍ୟାଗ କରନ୍ତୁ ନାହିଁ
- ସେପ୍‌ଟିକ୍ ଟ୍ୟାଙ୍କର ବ୍ୟବହାର ଏବଂ ପ୍ରତି ୩ ବର୍ଷରେ ଥରେ ସେପ୍‌ଟିକ୍ ଟ୍ୟାଙ୍କକୁ ପରିଷଦର Cesspool ବାହନ (ଦେୟ ୫୦୦ ଟଙ୍କା) ଦ୍ୱାରା ସଫା ରଖିବା।
- ନିର୍ମାଣ ଏବଂ ଭଗ୍ନାବିଶେଷ ବର୍ଜ୍ୟବସ୍ତୁ (C&D) ସଂଗ୍ରହ ଏବଂ ପରିବହନ ବାବଦରେ ପରିଷଦରେ ୧୦୦୦ ଟଙ୍କା ଜମା କରିବା।
- ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
- ଗଛଟିଏ ଲଗାନ୍ତୁ ଓ ପରିବେଶକୁ ବଞ୍ଚାନ୍ତୁ।
- ସ୍ୱଚ୍ଛ ସୋରଡ଼ା ଓ ସୁସ୍ଥ ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ।


ଶ୍ରୀଯୁକ୍ତ ଶିବ ଶଙ୍କର ପଣ୍ଡା
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା


ଭାଗ୍ୟଲତା ଡାକୁଆ
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା


ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁ
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା

# ଅନୁଗୁଳରେ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋରୁମ୍ ଖୋଲିଲା, ଓଡ଼ିଶାରେ ଦଶମ ଷ୍ଟୋର୍

ଅନୁଗୁଳ,୩୦।୮(ନି.ପ୍ର.): ଓଡ଼ିଶାର ସୁନା ଅଳଙ୍କାରର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଖିମଜୀ ଜୁଏଲର୍ସର ୨୦୨୫ ଅଗଷ୍ଟ ୩୧ରେ ଅନୁଗୁଳରେ ୬୦୦୦ ବର୍ଗ ଫୁଟର ଭବ୍ୟ ଶୋରୁମ୍‌ର ଶୁଭାରମ୍ଭ। ଏହି ଶୋରୁମ୍ ଅନୁଗୁଳର ସବୁଠାରୁ ବଡ଼ ଅଳଙ୍କାର ଶୋରୁମ୍ ଏବଂ ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋରୁମ୍ ଅଟେ, ଯାହି ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବିସ୍ତୃତ ଏବଂ ବ୍ୟାପକ ସଂଗ୍ରହ ସହିତ ଫ୍ୟାଶନ୍ ଜୁଏଲାରି ଏବଂ କର୍ପୋରେଟ୍ ଉପହାରର ବ୍ୟାପକ ସମ୍ଭାରକୁ ପ୍ରଦର୍ଶିତ କରିବ। ଏହି ଉଦଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମ୍‌ଜୀ ପରିବାରର ସଦସ୍ୟଗଣ ଏବଂ ଅନେକ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ। ମିତେଶ ଖିମଜୀ ଏବଂ ସୁମିତ ଖିମଜୀ ଓଡ଼ିଶାରେ ଖିମ୍‌ଜୀର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରି ଖୁସି ପ୍ରକାଶ କରିଛନ୍ତି। ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍ ଏକ ଅବିସ୍ମରଣୀୟ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଷ୍ଟୋର୍ ଲେଆଉଟ୍ ଗ୍ରାହକଙ୍କୁ ଖିମଜୀ ଜୁଏଲର୍ସର ଅନନ୍ୟ କାରିଗରୀକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ଯାହା କାଳଜୟୀ ସୁନା ଏବଂ ହୀରା ଅଳଙ୍କାରରୁ ଆରମ୍ଭ କରି ସ୍ୱତନ୍ତ୍ର ପ୍ଲାଟିନମ୍ ଏବଂ ରୂପା ଏବଂ ଫ୍ୟାଶନ୍ ଜୁଏଲାରି ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ଷ୍ଟୋର୍ କର୍ପୋରେଟ୍ ଉପହାର ସମାଧାନ ପ୍ରତି ବଢ଼ୁଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଯାହା କର୍ପୋରେଟ୍ ଗ୍ରାହକମାନଙ୍କ ପାଇଁ ଅନନ୍ୟ ଏବଂ ସୁନ୍ଦର ଉତ୍ପାଦ ପ୍ରଦାନ କରିବ। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ, ''ଅନୁଗୁଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାରହାଉସ ହୋଇରହିଛି ଏବଂ ବର୍ତ୍ତମାନ ଏହା ବର୍ଦ୍ଧିତ ଆକାଂକ୍ଷା ଓ ଉଦୀୟମାନ ଜୀବନଶୈଳୀର ଜିଲ୍ଲା ଅଟେ। ଖିମଜୀ ଜୁଏଲର୍ସରେ ଆମେ ବର୍ତ୍ତମାନ ସମୟକୁ ଅନୁଗୁଳର ପ୍ରଗତି ଯାତ୍ରାରେ ସାମିଲ ହେବାର ଉପଯୁକ୍ତ ମୁହୂର୍ତ୍ତ ଭାବେ ଦେଖୁଛୁ। ଆମର ନୂତନ ସୋ'ରୁମ ଜରିଆରେ ଆମେ ଗ୍ରାହକମାନଙ୍କ ନିକଟରେ କେବଳ ଆମର ବିଶ୍ୱାସ ଓ କାରିଗରୀର ଐତିହ୍ୟ ନୁହେଁ, ବରଂ ଡିଜାଇନ ପହଂଚାଇବାକୁ ଲକ୍ଷ୍ୟ ରଖିଛୁ ଯାହା ଏକ ଆଧୁନିକ ଓ ପ୍ରିମିୟମ ଜୀବନ ପାଇଁ ସେମାନଙ୍କ ଆକାଂକ୍ଷାର କଥା କହୁଛି। ଏହି ସମ୍ପ୍ରସାରଣ ଉଭୟ ଅନୁଗୁଳର ଚମତ୍କାରିତା ଏବଂ ସାରା ଓଡ଼ିଶାରେ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ପାଇଁ ଖିମଜୀର ପ୍ରତିବଦ୍ଧତା ଦିଗରେ ଏକ ପଦକ୍ଷେପ।'' ନୂତନ ଶୋରୁମ୍ ଖୋଲିବାକୁ ଉତ୍ସବ ପାଳନ କରିବା ପାଇଁ ବିଶେଷ ଉଦଘାଟନୀ ଅଫର୍ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସୁନା ଅଳଙ୍କାରରେ ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୂପା ଏବଂ ଫ୍ୟାଶନ୍ ଜୁଏଲାରି ଏମଆରପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ୧୯୩୬ରୁ ଆରମ୍ଭ ହୋଇଥିବା ବିଶ୍ୱାସ ଏବଂ ଉତ୍କୃଷ୍ଟତାର ଐତିହ୍ୟ ସହିତ ଖିମଜୀ ଜୁଏଲର୍ସକୁ ଦୂରଦର୍ଶୀ ଖିମ୍‌ଜୀ ଦୟାଭାଇଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ଏହା ପ୍ରାୟ ନଅ ଦଶକ ଧରି ଅଳଙ୍କାର ଅନୁଭୂତିକୁ ପୁନର୍ବିଚାର କରି ଆସିଛି। ଭୁବନେଶ୍ୱର (ଚାରିଗୋଟି ଶୋରୁମ୍), କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ବର୍ତ୍ତମାନ ଅନୁଗୁଳରେ ଥିବା ଶୋରୁମ୍ ସହିତ ଖିମଜୀ ଜୁଏଲର୍ସ ଓଡ଼ିଶା ଏବଂ ବାହାରେ ଏବେ ଘରେ ଘରେ ପରିଚିତ ନାମ ଭାବେ ନିଜର ଉପସ୍ଥିତି ଦୃଢ଼ କରି ପ୍ରତିଟି ଘରେ ସୌନ୍ଦର୍ଯ୍ୟ, ପରମ୍ପରା ଏବଂ କାଳଜୟୀ ଡିଜାଇନ୍ ପହଂଚାଉଛି।




# ଏନଟିପିସି ବୋଙ୍ଗେଇଗାଁ ପକ୍ଷରୁ କୋକ୍ରାଝର ଜିଲ୍ଲା ପ୍ରଶାସନକୁ ୩ ଏଏଲଏସ ଆମ୍ବୁଲାନ୍ସ ପ୍ରଦାନ

ବୋଙ୍ଗେଇଗାଁ,୩୦।୮(ଏଜେନ୍ସି):ଏନଟିପିସି ବୋଙ୍ଗେଇଗାଁ ଏହାର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ମେଡିକାଲ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ ଓ ରୋଗୀଙ୍କୁ ସଠିକ ସମୟରେ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ କୋକ୍ରାଝର ଜିଲ୍ଲା ପ୍ରଶାସନକୁ ୩ ଏଏଲଏସ ଆମ୍ବୁଲାନ୍ସ ପ୍ରଦାନ କରିଛି। ଅତ୍ୟାଧୁନିକ ମେଡିକାଲ ସପୋର୍ଟ ସିଷ୍ଟମରେ ନିର୍ମିତ ଆମ୍ବୁଲାନ୍ସକୁ ଏନଟିପିସି ବୋଙ୍ଗେଇଗାଁ ପ୍ରୋଜେକ୍ଟର ମୁଖ୍ୟ ଅର୍ନବ ମୈତ୍ରା କୋକ୍ରାଝର ଜିଲ୍ଲା କମିଶନର ମାସାନ୍ଦା ଏମ ପର୍ଟିନ,ଆଇଏଏସଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ କବିତା ଡେକା,ସିଏସ, ଆଡିସନାଲ କମିଶନର, କୋକ୍ରାଝର ଜିଲ୍ଲା ,ଅମିତ କେ ଆସ୍ଥାନା,ଏଜିଏମ, (ଏଚଆର),ଏନଟିପିସି ବୋଙ୍ଗେଇଗାଁ ,ଡକ୍ଟର ଅତୁଳ ଚନ୍ଦ୍ର ବାରୋ, ପ୍ରିନ୍ସିପାଲ,କୋକ୍ରାଝର ମେଡିକାଲ କଲେଜ ଆଣ୍ଡ ହସପିଟାଲ ଓ କୋକ୍ରାଝର ଜିଲ୍ଲା ସ୍ୱାସ୍ଥ୍ୟ ସେବା ଏବଂ ଏନଟିପିସି ବୋଙ୍ଗେଇଗାଁର ସମସ୍ତ ବିଭାଗ ମୁଖ୍ୟମାନେ ଉପସ୍ଥିତ୍ ଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ପାଇଁ ଏନଟିପିସି ବୋଙ୍ଗେଇଗାଁର ଏପରି ସମର୍ଥନକୁ ଭୂୟସୀ ପ୍ରଶଂସା କରିଥିଲେ କୋକ୍ରାଝର ଜିଲ୍ଲା କମିଶନର ମାସାନ୍ଦା ଏମ ପର୍ଟିନ ବିଶେଷ ଧନ୍ୟବାଦ ଜଣାଇଥିଲେ। ସେହିପରି ଏନଟିପିସି ବୋଙ୍ଗେଇଗାଁ ପ୍ରୋଜେକ୍ଟର ମୁଖ୍ୟ ଅର୍ନବ ମୈତ୍ରା ମଧ୍ୟ କମ୍ପାନୀ ସଂଲଗ୍ନ ଅଞ୍ଚଳରେ ସିଏସଆର ଉଦ୍ୟମ ଦ୍ୱାରା ଗୋଷ୍ଠୀ କଲ୍ୟାଣ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଦୃଢ଼ କରିବା ପ୍ରତିବଦ୍ଧତାକୁ ଦୋହରାଇ ଥିଲେ।




## ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ –୨୦୨୫ ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣ ମାନକୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

**ନିବେଦନ**

୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା
୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗୃହିତ ଗାଡ଼ିରେ ଦିଅନ୍ତୁ ।
୩. ବ୍ୟବସାୟୀ ମାନେ ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାର ବର୍ଜନ କରନ୍ତୁ ।
୪. ସର୍ବସାଧାରଣ ରାସ୍ତାରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।
୫. ସହରର ପରିଷ୍କାର ଓ ପରିଚ୍ଛନତା କୁ ଦୃଷ୍ଟିରେ ରଖି ନିୟମିତ ୟୁଜର ଫି ପୈଠ କରନ୍ତୁ ।


ଅଧ୍ୟକ୍ଷ
ଶ୍ରୀଯୁକ୍ତ ମିଟୁ ନାୟକ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର


ଉପାଧ୍ୟକ୍ଷା
ଶ୍ରୀମତୀ ପ୍ରାଚୀପ୍ରଭା ପାଇଁ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର



## ପାରାଦୀପ ପୌର ପରିଷଦ, ପାରାଦୀପ

**ସ୍ୱାୟତ୍ତ ଶାସନ ଦିବସ – ୨୦୨୫ ପାଳନ ଅବସରରେ ପାରାଦୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପାରାଦୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ –**

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସଂମ୍ପୂର୍ଣ୍ଣ ନିଷେଧ ।
୨. ମା ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନ ପକାଇ, ପୃଥକୀ କରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡି ଓ ସ୍ୱଚ୍ଛ କର୍ମୀଙ୍କୁ ପ୍ରଦାନ କରନ୍ତୁ ।
୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ ବୋର୍ଡ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ ଅଟେ ।
୫. ରାସ୍ତା, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ । ପାରାଦୀପର ବିକାଶରେ ସହଯୋଗ କରନ୍ତୁ ।
୬. ମ୍ୟୁନିସିପାଲିଟିର ଦେୟ ଯଥା–ଘର ଟିକସ, ଲାଇସେନ୍ସ ଫିସ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।

ସ୍ୱଚ୍ଛତା ରଖନ୍ତୁ – ରୋଗ ହଟାନ୍ତୁ ।
ନିବେଦକ
ପାରାଦୀପ ପୌର ପାଳିକା, ପାରାଦୀପ



## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର

# ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

**ସୀମା ଦାସ**
ଉପନଗରପାଳ,
ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ

**ସପନ କୁମାର ସାହୁ,** ଓ.ପ୍ର.ସେ - ଏ (ଜେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

**କୃଷ୍ଣାନନ୍ଦ ମହାନ୍ତି**
ନଗରପାଳ,
ବାରିପଦା ପୌରପାଳିକା



## ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

**ଉପାଧ୍ୟକ୍ଷ** **ଅଧ୍ୟକ୍ଷା**
**ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼**
**ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ**
**ପୌର ପରିଷଦ, ନୟାଗଡ଼**



## ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ
ନିବେଦନ

୧) ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଗଲା ଅଗଲା ରଖନ୍ତୁ ଏବଂ ପୌର ପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡି) ପ୍ରଦାନ କରନ୍ତୁ ।
୨) ଗୃହସାମନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ । ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡିଥିବାର ଦୃଷ୍ଟିଗୋଚର ହେଲେ ଜରିମାନା ଆଦାୟ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ।
୩) ନିର୍ଦ୍ଧାରିତ ଦିବସ ଠିକ ସମୟରେ ପଇଠକରନ୍ତୁ ।
୪) ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗଡହ ନିର୍ମାଣ କରନ୍ତୁ ନାହିଁ ।
୫) ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୬) ସହର ଅଭ୍ୟନ୍ତରଣ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
୭) ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ।
୮) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ ।
୯) ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ଦିଅନ୍ତୁ ।
୧୦) ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଦବରଦଖଲରୁ ନିବୃତ୍ତି ରୁହନ୍ତୁ ।
୧୧) ପୌରସଂସ୍ଥା ଦ୍ୱାରା ରେ –ଆଲଟ ନକ୍ସା ଅନମଦନ ହୋଇନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ ।
୧୨) ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସପୁର ଗାଡି ଦ୍ୱାରା ସଫେଇ କରନ୍ତୁ । ସଫେଇ କରିବା ପାଇଁ ୦୬୮୫୮ ୨୯୫୪୨୮ ୧୪୪୨୦ (ଟୋଲଫ୍ରି ନମ୍ବର) ରେ ଯୋଗାଯୋଗ କରନ୍ତୁ ।

''ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢିବାରେ ସହାୟକ ହୁଅନ୍ତୁ''
(ସ୍ୱଚ୍ଛ ସର୍ବେକ୍ଷଣ –୨୦୨୫)

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ରସେ)
ନିର୍ବାହୀ ଅଧିକାରୀ
ନବରଙ୍ଗପୁର ପୌରପାଳିକା

ଶ୍ରୀମତୀ ସୌମ୍ୟା ମହାପାତ୍ର
ଉପାଧ୍ୟକ୍ଷା
ନବରଙ୍ଗପୁର ପୌରପାଳିକା

ଶ୍ରୀ କୁନୁ ନାୟକ
ଅଧ୍ୟକ୍ଷ
ନବରଙ୍ଗପୁର ପୌରପାଳିକା



## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିଖିଳ ଭାରତ ସାୟତଶାସନ ଦିବସ-୨୦୨୫ ପାଳନ ଅବସରରେ ଢେଙ୍କାନାଳ ପୌରପାଳିକା ତରଫରୁ

ଢେଙ୍କାନାଳ ସହରବାସୀଙ୍କୁ ନିବେଦନ

ତା.୩୧.୦୮.୨୦୨୫ (ରବିବାର)

ଆଗାମୀ ଦିନରେ ଏକ ଆଦର୍ଶ ଓ ସୁସ୍ଥ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରତିଶ୍ରୁତ।

୧. ପୌର ସମ୍ପତି ଆପଣମାନଙ୍କର ସମ୍ପତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ।
୪. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ।
୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡି ଜନସାଧାରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ।
୬. ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଂଚଳ ଗଠନରେ ସହାୟକ ହୁଅନ୍ତୁ।
୭. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
୮. ପ୍ରତି ବର୍ଷ ଏପ୍ରିଲ୍ ଓ ମଇ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ।
୯. ପୌରାଂଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ।
୧୦. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ।
୧୧. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡି ପୌରପାଳିକାର ସେସ୍‌ପୁଲ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ।
୧୨. ପୌରାଂଚଳ ମଧ୍ୟରେ ଗୃହ ନିର୍ମାଣ କରିବା ପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲ୍‌ଡିଂ ଟ୍ୟାକ୍ସରେ ଅନ୍ତର୍ଭୁକ୍ତ କରାନ୍ତୁ।
୧୩. ପୌରାଂଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡିକ ସେମାନଙ୍କର ବ୍ୟବସାୟର ଟ୍ରେଡ୍ ଲାଇସେନ୍‌ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ।
୧୪. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଗୃହରେ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜ ନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନ୍‌ରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ।
୧୫. ପୌରାଂଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ।
୧୬. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ୍ ଭାବେ କରନ୍ତୁ ନାହିଁ।

''ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ୍ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ସୁନ୍ଦର କରି ଗଢି ତୋଳି ପ୍ରଗତିପଥରେ ଆଗେଇ ନେବା''

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ.
ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର
ଉପାଧ୍ୟକ୍ଷ
ଢେଙ୍କାନାଳ ପୌରପାଳିକା

ଶ୍ରୀମତୀ ଜୟନ୍ତୀ ପାତ୍ର
ଅଧ୍ୟକ୍ଷା
ଢେଙ୍କାନାଳ ପୌରପାଳିକା



## HIRING OF VOCATIONAL TRAINERS& VOCATIONAL CORDINATOR
### (Contractual Basis)

**DATAPRO COMPUTERS PVT LTD**, a NSDC empanelled Training Partner, invites applications from candidates with prescribed qualification & Experience for Engagement as Vocational Coordinator (04 Nos ) &Vocational Trainers – **RETAIL(23),Tourism & Hospitality(98)**, **IT/ITes ( 19)**, **Automotive (25) Beauty &Wellness(10) Electronics& Hardware(9)(Total No. of Positions: 184)** to be engaged in Government Schools in the state of **Odisha (Districts – Angul, Jajpur, Sundargarh& Puri)**

| Position | Trade | Qualification |
|---|---|---|
| Vocational Trainer | Organised Retail (23) | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference given to higher education with MBA (Retail Marketing) and/ or PG Diploma in Retail Management. |
| | Tourism & Hospitality (98) | Diploma/Degree in Hotel Management from a recognized Institute/Universitywith at least 5 years" work/teaching experience in Food and Beverage serviceincluding one year as supervisorycapacity in a classified Hotel or FacilityManagement Company |
| | IT/ITes( 19) | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/ Information Technology) OR Graduate with PGDCA OR DOEACC A Level Certificate.**OR**Master of Computer Science OR Master of Computer Application OR Master of Information Technology OR DOEACC B Level Certificate The suggested qualification is the minimum criteria. However higher qualifications such as Master of Engineering /Technology in Computer Science/ Information Technology will also be acceptable. The candidate should have a minimum of 1 year of work experience in the same job role |
| | Automotive (25) | Degree in Automobile Engineering/Mechanical Engineering from a recognized Institute /University, with at least 1 year work / teaching experience**OR** Diploma in Automobile Engineering /Mechanical Engineering from a recognized Institute/University, with at least 3-year work / teaching experience.**OR** B.Voc in Automotive Engineering fromarecognized Institute/University, with at least 2 year work/teaching experience |
| | Beauty &Wellness(10) | Diploma in Cosmetology/ Beauty Therapy/ Beauty Culture from a recognized Institution. Minimum 1 year working experience in the profession. |
| | Electronics&Hardware(9) | Bachelor of Engineering in Electronics/ Electrical. Additionally should have done a Diploma or certificate course in Control Panel Wiring of residential/ Industrial systems. The suggested qualification is the minimum criteria. However higher qualifications such as Bachelor of Engineering in Electronics. The candidate should have a minimum of 3 year of work experience in the same job role. |
| Vocational Coordinator (04) | Qualification -(Master's Degree) inRelated Domain (Trade Mentioned)/ Rural Development / Management / MSW / Sociology. Preference should be given to exposure of Candidate on skill & entrepreneurship Development / Education Sector having requisitequalification. Minimum 03 years of work experience. | |

Minimum Competency: 1. Effective communication skills in English & Local Language (oral and written)
2. The candidate should have domicile of Odisha
3. Basic computing skills.
Pre-Requisite: Age Limit-18-45 years (As on Jan. 01 2025) Age relaxation to be provided as per Govt.Rules.

Vocational Trainer – All-inclusive Gross Honorarium 20,000/-Per month
**Vocational Coordinator – All-inclusive Gross Honorarium 30,000/-Per month**

**Note:**Preference will be given to existing vocational trainers. All communication for job application to be done through e-mails. All positions purely on Contractual basis. This is not a Government Job and the selection process is strictly based on merit and management reserves the right to accept/reject an application without assigning any reasons whatsoever.Last date for receipt of **CV: 7th September 2025**. Only shortlisted candidates will be called for written and Personal interview. Interested Candidates can fill Google form - https://docs.google.com/forms/d/1sKSOUSszgtl4suhZFdESTz9U9xgcRJOWwDvKSxkorto/viewform?edit_requested=trueor can send updated CV (Resume must have candidate's passport size colored photograph) on this.

**Mail ID - hrodisha.datapro@gmail.com For Queries Contact : 80937 23100**



## ପୌରପରିଷଦ କାର୍ଯ୍ୟାଳୟ, ଉମରକୋଟ

ପୌର ପରିଷଦ ଉମରକୋଟ ଚଳିତ ବର୍ଷ ୨୦୨୫ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି ।

୧. ପୌର ପାଳିକାର ଦେୟ ଠିକ୍ ସମୟରେ ପୈଠ କରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସହାର୍ଯ୍ୟ କରନ୍ତୁ ।
୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ ।
୩. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ !
୪. ରାସ୍ତା ଉପରେ ଗୃହ ପାଳିତ ପଶୁଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
୫. ପ୍ଲାଷ୍ଟିକ୍ ଗ୍ଲାସ୍ ଏବଂ ପଲିଥିନ ବ୍ୟାଗର ବ୍ୟବହାର ବନ୍ଦ କରନ୍ତୁ।
୬. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି', ବ୍ୟବସାୟୀକ ପ୍ରତିଷ୍ଠାନ ଲାଇସେନ୍ସ ଫି ଦେୟ ଠିକ୍ ସମୟରେ ପୈଠକରି ପୌର ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହଯୋଗ କରନ୍ତୁ ।

ଏ ସହର ଆପଣଙ୍କର । ଏ ସହରକୁ ପରିଷ୍କାର ପରିଚ୍ଛନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ ।


ଶ୍ରୀମତୀ ରାଧା ଭତ୍ରା
ଅଧ୍ୟକ୍ଷା
ପୌର ପରିଷଦ, ଉମରକୋଟ


ଶ୍ରୀ ସୁଧାଂଶୁ ଦାସ
ଉପାଧ୍ୟକ୍ଷ
ପୌର ପରିଷଦ, ଉମରକୋଟ


ଶ୍ରୀ ଆଲୋକ କୁମାର ଅନୁଗୁଳିଆ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌର ପରିଷଦ, ଉମରକୋଟ



## ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ

**ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ , ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ , ଆପଣ ମାନେ**

*****************

❖ ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
❖ ରାସ୍ତା କଡ଼ର ନାଳ ଉପରେ ଭଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
❖ ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ ।
❖ ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧିନ ସାମଗ୍ରୀ ଯଥା ବାଲି, ଗୁଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
❖ ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଯତରେ ରଖନ୍ତୁ ।
❖ ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
❖ ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
❖ ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ ।

ନିର୍ବାହୀ ଅଧିକାରୀ ,
ଫୁଲବାଣୀ ପୌରପରିଷଦ.

ସମସ୍ତ ପାରିଷଦ ବୃନ୍ଦ,
ଫୁଲବାଣୀ ପୌରପରିଷଦ.

ଅଧ୍ୟକ୍ଷା,
ଫୁଲବାଣୀ ପୌରପରିଷଦ.

**ଅନୁଚିନ୍ତା**

ଆତ୍ମଭାବ ସହିତ ସେବା ନକଲେ
ସାଧନାର ଜୀବନ ବୃଥା ।

## ସମ୍ପାଦକୀୟ


# ସମବାୟ ଟ୍ୟାକ୍ସି ସେବା

**ଦେ**ଶରେ ସହରୀ କ୍ଷେତ୍ରରେ ପରିବହନ କ୍ଷେତ୍ରରେ କ୍ରାନ୍ତି ଆଣିଥିଲେ ଓଲା, ଉବର ଭଳି ଟ୍ୟାକ୍ସି ସେବା । କିନ୍ତୁ ମନମାନୀର ଅଭିଯୋଗ କାରଣରୁ ଏହି ସେବା ଧୀରେ ଧୀରେ ଗ୍ରାହକଙ୍କ ମୁଣ୍ଡ ବ୍ୟଥାର କାରଣ ହେଉଛି । ଏବେ କେନ୍ଦ୍ର ସରକାର ସମବାୟ କ୍ଷେତ୍ରରେ ଏକ ନୂଆ କ୍ରାନ୍ତି ଆଣି ଟ୍ୟାକ୍ସି ସେବାର ଶୁଭାରମ୍ଭ କରିବାକୁ ଯାଉଛନ୍ତି । ଏହି ସେବା ଚାଳକ, ଗ୍ରାହକ ଓ ଉପଭୋକ୍ତାଙ୍କ ପାଇଁ ଲାଭଦାୟକ ହେବ । ଦିଲ୍ଲୀ ଓ ଗୁଜରାଟରେ ପ୍ରଥମେ ଆରମ୍ଭ ହେବ ଏହି ସେବା । ଏହାପରେ ସାରା ଦେଶରେ ଜିଲ୍ଲାସ୍ତର ଯାଏ ଏହି ସେବା ପହଞ୍ଚାଇବାର ଯୋଜନା ରହିଛି । ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସେବା ନିମନ୍ତେ ଗଠନ କରାଯାଇଛି କୋ-ଅପରେଟିଭ ଲିମିଟେଡ୍ । ଆପ୍ ବନାଇବା କାର୍ଯ୍ୟ ଜାରି ରହିଛି, ଏହାକୁ ସମବାୟ ମଡ଼େଲ ଅନୁରୂପ ବିକଶିତ କରାଯାଉଛି । ଏବେ ଟ୍ୟାକ୍ସି ଚାଳକଙ୍କୁ ନିଜ ରୋଜଗାରର ୨୦ ରୁ ୩୦ ପ୍ରତିଶତ କମିଶନ ରୂପରେ ଦେବାକୁ ପଡୁଛି ଓଲା ଓ ଉବର ଭଳି କମ୍ପାନୀଙ୍କୁ । ସମବାୟ ମଡ଼େଲରେ ସେମାନଙ୍କର ପ୍ରାୟ ସମ୍ପୂର୍ଣ୍ଣ ରୋଜଗାର ସେମାନଙ୍କର ହିଁ ହେବ । କମିଶନ ନକଟିଲେ ପ୍ରତ୍ୟେକ ରାଇଡ଼ରେ ଅଧିକ ଆୟ ହେବ । ଉପଭୋକ୍ତାଙ୍କ ବିଲ୍ ମଧ୍ୟ କମ୍ ଆସିବ। ସମବାୟ ସମିତିରେ ଚାଳକ ଜଣେ ସଦସ୍ୟ ଭାବେ ସାମିଲ ହେବେ । ଏଥିପାଇଁ ନିୟମ, ଭଡ଼ା ଓ ସର୍ତ୍ତ ସ୍ଥିର କରିବାରେ ସେମାନଙ୍କର ଭାଗିଦାରୀ ରହିବ । ମନଇଚ୍ଛା ଜୋରିମାନା ଓ ଆକାଉଣ୍ଟ ବ୍ଲକ ଭଳି ସମସ୍ୟାରୁ ମୁକ୍ତି ମିଳିବ ସେମାନଙ୍କୁ । ଏଥିରେ ମଧ୍ୟ ଚାଳକଙ୍କୁ ସୁରକ୍ଷା ବୀମା, ଲୋନ ଓ ଅନ୍ୟ ସୁବିଧା ଦେବାର ପ୍ରାବଧାନ ରହିଛି । ସହକାରୀ ଟ୍ୟାକ୍ସି ସେବାରେ ଭଡ଼ା ଓ ଟ୍ୟାକ୍ସି ନିୟମ ସ୍ପଷ୍ଟ ଏବଂ ପାରଦର୍ଶୀ ହେବ । ଅଚାନକ ଭଡ଼ା ବୃଦ୍ଧି ହେବନାହିଁ, ଫଳରେ ଯାତ୍ରୀ ବା ଉପଭୋକ୍ତା ଆକର୍ଷିତ ହେବେ । ଯାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଭାବନା ମଧ୍ୟ ଜାଗ୍ରତ ହେବ । ଯାତ୍ରୀ ଭାବିବେ ବିଦେଶୀ କମ୍ପାନୀଗୁଡ଼ିକୁ ରୋଜଗାର ଦେବା ଅପେକ୍ଷା ସ୍ଥାନୀୟ ଚାଳକଙ୍କୁ ଫାଇଦା ମିଳିବା ଭଲ । ଚାଳକମାନଙ୍କ ଆୟ ବଢ଼ିଲେ ସେମାନେ ଘରୋଇ କମ୍ପାନୀ ଛାଡ଼ି ସମବାୟ ଟ୍ୟାକ୍ସି ସେବା ସହ ଯୋଡ଼ି ହେବେ । ସମବାୟକୁ ପ୍ରୋତ୍ସାହିତ କରୁଥିବା ନୀତି ନିୟମ ଦ୍ୱାରା ଚାଳକଙ୍କୁ ଲାଇସେନ୍ସ ଓ ସରକାରଙ୍କ ପକ୍ଷରୁ ଅର୍ଥିକ ସହାୟତା ବି ସୁବିଧାରେ ମିଳିପାରିବ ।

**କେନ୍ଦ୍ର ସରକାର ସମବାୟ କ୍ଷେତ୍ରରେ ଏକ ନୂଆ କ୍ରାନ୍ତି ଆଣି ଟ୍ୟାକ୍ସି ସେବାର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ସେବା ଚାଳକ, ଗ୍ରାହକ ଓ ଉପଭୋକ୍ତାଙ୍କ ପାଇଁ ଲାଭଦାୟକ ହେବ । ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସେବା ନିମନ୍ତେ ଗଠନ କରାଯାଇଛି କୋ-ଅପରେଟିଭ ଲିମିଟେଡ୍। ଆପ୍ ବନାଇବା କାର୍ଯ୍ୟ ଜାରି ରହିଛି।**

# ଓଡ଼ିଆ ଭାରି ବଢ଼ିଆ

**ଦୁ**ଇଜଣ ଓଡ଼ିଆ ଏବେ ଚର୍ଚ୍ଚାରେ ରହିଛନ୍ତି, ଅକ୍ଷୟ କୁମାର ପରିଜା ଓ ନୀଳ ମାଧବ ପଣ୍ଡା । ଦୁହେଁ ଫିଲ୍ମମେକର । ପ୍ରଥମଥର ପାପୁଆ ନିୟୁ ଗିନି (ପିଏନ୍‌ଜି)ର ଏକ ଫିଲ୍ମ 'ପାପା ବୁକା' ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ କ୍ୟାଟେଗୋରିରେ ୯୮ତମ ଆକାଡେମୀ ଆୱାର୍ଡ୍ସ (ଓସ୍କାର୍‌ସ) ପାଇଁ ନୋମିନେସନ ହାସଲ କରିଛି । ଅକ୍ଷୟ ପରିଜା ଏହି ଫିଲ୍ମର ଅନ୍ୟତମ ପ୍ରଡ୍ୟୁସର । ପାପୁଆ ନିୟୁ ଗିନିରେ ଜଣେ ଓଡ଼ିଆ ପ୍ରଡ୍ୟୁସରଙ୍କ ଫିଲ୍ମ ଓସ୍କାର୍‌ସ ପାଇଁ ମନୋନୀତ ହେବା ଗର୍ବ ଓ ଗୌରବର କଥା । ଏହି ଫିଲ୍ମର ଅନ୍ୟ ପ୍ରଡ୍ୟୁସର ହେଉଛନ୍ତି ତାମିଲ ଡାଇରେକ୍ଟର ପା ରଞ୍ଜିତ, ପ୍ରକାଶ ବାରେ ଏବଂ ପାପୁଆ ନିୟୁ ଗିନିର ଏନ୍‌ଏଏଫ୍‌ଏ ପ୍ରଡ୍‌କ୍ସନ୍ସ । ଫିଲ୍ମଟି ମଧ୍ୟ ଓଡ଼ିଶାର ୧୮୧୭ର ପାଇକ ବିଦ୍ରୋହ ଦ୍ୱାରା ଅନୁପ୍ରେରିତ । ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ଫିଲ୍ମମେକର ନୀଳ ମାଧବ ପଣ୍ଡାଙ୍କ 'ସ୍ୱାଇଂ ଷ୍ଟାର୍‌ସ' ବୁସାନ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ କମ୍ପିଟେସନ ସେକ୍ସନ ପାଇଁ ମନୋନୀତ ହୋଇଛି । ନୀଳମାଧବ ନିର୍ମାଣ କରିଥିବା 'ସ୍ୟାଡ଼ ଲେଟର୍‌ସ ଅଫ୍ ଆନ୍ ଇମାଜିନାରୀ ଓମ୍ୟାନ' ମଧ୍ୟ ଗତବର୍ଷ ବୁସାନ ଇଣ୍ଟନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଥିଲା । 'ସ୍ୱାଇଂ ଷ୍ଟାର୍‌ସ ଫ୍ରାନ୍ସ, ଶ୍ରୀଲଙ୍କା ଓ ଭାରତର ମିଳିତ ସହଯୋଗରେ ନିର୍ମିତ ହୋଇଛି । ବୁସାନ ଫିଲ୍ମ ଫେଷ୍ଟିଭାଲରେ କମ୍ପିଟ କରୁଥିବା ଏହା ଏକମାତ୍ର ଭାରତୀୟ ଫିଲ୍ମ ।




## ସାମ୍ପ୍ରତିକୀ

● **ମାଲକାନଗିରିର ଟଟ୍ଟୁ ଘୋଡ଼ା :** ମାଲକାନଗିରିର ପାହାଡ଼ିଆ ଅଞ୍ଚଳରେ ପରିବହନ ପାଇଁ ଲୋକେ ଟଟ୍ଟୁ ଘୋଡ଼ା (ପୋନି) ଉପରେ ଖୁବ୍ ନିର୍ଭରଶୀଳ ଥିଲେ । ଜିଲ୍ଲାରେ ଏବେ ରାସ୍ତାଘାଟ ନିର୍ମାଣ ହେଲାଣି । ତେଣୁ ଟଟ୍ଟୁ ଘୋଡ଼ାଙ୍କ ସଂଖ୍ୟା ହ୍ରାସ ପାଇଛି । ଏହି ଟଟ୍ଟୁ ଘୋଡ଼ାଙ୍କର ସଂରକ୍ଷଣ ଜରୁରୀ ହୋଇପଡୁଛି। ରିପୋର୍ଟ ଅନୁଯାୟୀ, ଏବେ ମାଲକାନଗିରିରେ ଟଟ୍ଟୁ ଘୋଡ଼ାଙ୍କ ସଂଖ୍ୟା ହ୍ରାସ ପାଇ ୧୦୮୦ରେ ରହିଛି । ସେମାନଙ୍କ ମଧ୍ୟରୁ ୪୬୪ ମେଲ୍ ଓ ୪୨୮ ଫିମେଲ ଅବଶିଷ୍ଟ ଛନ୍ତି ।



● **୨୭୭ କୋଟି ଖର୍ଚ୍ଚ ପରେ ବି ବାଘ ପ୍ରାୟ ବିଲୁପ୍ତ :** ଝାଡ଼ଖଣ୍ଡର ଘଟଣା। ବ୍ୟାଘ୍ର ସଂରକ୍ଷଣ ପାଇଁ ୨୭୭.୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । କିନ୍ତୁ ଏତେ ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ସେଠାରେ ଏବେ ବାଘ ପ୍ରାୟ ବିଲୁପ୍ତ । ଗୋଟିଏ ମାତ୍ର ବାଘ ଅଛି ବୋଲି କୁହାଯାଉଛି । ପଲାମ ବ୍ୟାଘ୍ର ପରିଯୋଜନା (ପିଟିଆର୍)ରେ ୨୦୨୨ରେ କେବଳ ଗୋଟିଏ ବାଘ ମିଳିଥିଲା, ଯଦିଓ ସାରା ଭାରତରେ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଛି । କମ୍ପଟ୍ରୋଲର ଆଣ୍ଡ ଅଡ଼ିଟର ଜେନୋରାଲ ଅଫ୍ ଇଣ୍ଡିଆ (ସିଏଜି)ଙ୍କ ରିପୋର୍ଟରେ ଏହା ସାମ୍ନାକୁ ଆସିଛି । ରିପୋର୍ଟ ଅନୁଯାୟୀ, ୨୦୦୦ରୁ ୨୦୦୫ ମଧ୍ୟରେ ପିଟିଆରରେ ୩୪ରୁ ୪୬ ବାଘ ଥିଲେ । କିନ୍ତୁ ଏହାପରେ ବାଘଙ୍କ ସଂଖ୍ୟା ଲଗାତାର ହ୍ରାସ ପାଇଥିଲା । ହ୍ରାସ ପାଇ ୧ରେ ରହିଛି । ସାରା ଦେଶରେ ଏବେ ବାଘଙ୍କ ସଂଖ୍ୟା ୧୪୧୧ରୁ ବୃଦ୍ଧି ପାଇ ପହଞ୍ଚିଛି ୩୬୮୨ରେ



# ଖେଳରେ ପାଠ, ପୋଷଣ ସହିତ ଶିକ୍ଷା : ଭାରତର ଭବିଷ୍ୟତ



**ଅନ୍ନପୂର୍ଣ୍ଣା ଦେବୀ**
କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ, ଭାରତ ସରକାର

**ଯ**ଦି ଆମେ ଏକ ବିକଶିତ ଭାରତ ଗଢ଼ିବାକୁ ଚାହୁଁ, ତେବେ ଆମକୁ ଜୀବନ ସେହି ଠାରୁ ଆରମ୍ଭ କରିବାକୁ ପଡ଼ିବ ଯେଉଁଠାରୁ ଜୀବନ ଆରମ୍ଭ ହୁଏ –ଆମର ସର୍ବକନିଷ୍ଠ ନାଗରିକଙ୍କ ସମ୍ଭାବନାକୁ ପୋଷଣ କରିବାକୁ ହେବ। ଅଙ୍ଗନବାଡି କେନ୍ଦ୍ରରେ ପିଲାମାନଙ୍କ ହସରେ, ସେମାନେ ଗାନ କରୁଥିବା କବିତାରେ ଏବଂ ସେମାନେ ନିର୍ମାଣ କରୁଥିବା ବ୍ଲକଗୁଡ଼ିକରେ, ଧୀରେ ଧୀରେ ଗଢ଼ି ଉଠୁଛି ଆମ ଦେଶର ଭବିଷ୍ୟତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଭାରତ ଏହାର ସର୍ବକନିଷ୍ଠ ନାଗରିକମାନଙ୍କୁ ଏହାର ବିକାଶ ଯାତ୍ରାର କେନ୍ଦ୍ରବିନ୍ଦୁ ରଖିଛି। ପ୍ରଧାନମନ୍ତ୍ରୀ ଆମର ଜାତୀୟ ପ୍ରାଥମିକତାକୁ ପୁନଃପରିଭାଷିତ କରିଛନ୍ତି –କେବଳ ବିଶ୍ୱବିଦ୍ୟାଳୟ ଏବଂ ଡିଜିଟାଲ୍ ଭିତ୍ତିଭୂମିରେ ନିବେଶ ନୁହେଁ, ବରଂ ଏକ ଶିଶୁ ଯେଉଁ ପ୍ରଥମ ଶ୍ରେଣୀଗୃହରେ ପାଦ ଥାପିଥାଏ ଅର୍ଥାତ୍ ଅଙ୍ଗନବାଡ଼ିର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି।

ଆଜିର ଭାରତରେ, ଖେଳ ଆଉ କେବଳ ଏକ ସମୟ ଅତିବାହିତ କରିବା ବିଷୟ ନୁହେଁ– ଏହା ଏକ ନୀତି ଏବଂ ଯାହାର ଫଳାଫଳ ନିଜେ କହିଥାଏଛ ଗତ ଦଶନ୍ଧିରେ, ମୋଦୀ ସରକାର ପ୍ରାରମ୍ଭିକ ଶୈଶବ ବିକାଶ ପାଇଁ ଏହାର ଆଭିମୁଖ୍ୟକୁ ମୌଳିକ ଭାବରେ ପୁନଃକଳ୍ପନା କରିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଅନୁସାରେ, ୮୫% ମସ୍ତିଷ୍କର ବିକାଶ ଛଅ ବର୍ଷ ବୟସ ପୂର୍ବରୁ ଘଟିଥାଏ। ଯଦି ଆମେ ଏକ ବୁଦ୍ଧିମାନ, ସୁସ୍ଥ ଏବଂ ଅଧିକ ଉତ୍ପାଦନଶୀଳ ଜନସଂଖ୍ୟା ଖୋଜୁ, ତେବେ ଆମକୁ ଜୀବନର ପ୍ରଥମ ଛଅ ବର୍ଷରେ ଅର୍ଥାତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ନିବେଶ କରିବାକୁ ପଡ଼ିବ।

ବୈଜ୍ଞାନିକ ପ୍ରମାଣ ମଧ୍ୟ ଏହି ପରିବର୍ତ୍ତନକୁ ସମର୍ଥନ କରେ। ସିଏମ୍ସି ଭେଲୋରର କ୍ଲିନିକାଲ୍ ଏପିଡେମୋଲୋଜି ବିଭାଗର ଏକ ଅଧ୍ୟୟନରୁ ଜଣାପଡିଛି ଯେ ୧୦ ରୁ ୨୪ ମାସ ମଧ୍ୟରେ ଯେଉଁ ଶିଶୁମାନେ ସଂରଚିତ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ( ଇସିସିଇ) ଗ୍ରହଣ କରିଛନ୍ତି ସେମାନେ ବୁଦ୍ଧି ଲବ୍ଧତା (ଆଇକ୍ୟୁ)ରେ ଉଲ୍ଲେଖନୀୟ ଏବଂ ଦୀର୍ଘସ୍ଥାୟୀ ବୃଦ୍ଧି ଦେଖାଇଛନ୍ତି। ପାଞ୍ଚ ବର୍ଷ ବୟସରେ ସେମାନେ ପ୍ରାୟ ୧୯ ପଏଣ୍ଟ ପର୍ଯ୍ୟନ୍ତ, ଏବଂ ନଅ ବର୍ଷ ବୟସରେ ୫ ରୁ ୯ ପଏଣ୍ଟ ପର୍ଯ୍ୟନ୍ତ ବୁଦ୍ଧିଲବ୍ଧତା ହାସଲ କରିଥିବା ରେକର୍ଡ କରାଯାଇଛି। ଏହି ଲାଭଗୁଡ଼ିକ ବିକାଶଶୀଳ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭାରତର ଏହି ବିଶ୍ଳେଷଣ ବିଶ୍ୱସ୍ତରୀୟ ଗବେଷଣା ସହିତ ସମନ୍ୱିତ। ଆନ୍ତର୍ଜାତୀୟ ଅଧ୍ୟୟନରୁ ଜଣାପଡିଛି ଯେ, ପାଞ୍ଚ ବର୍ଷ ବୟସ ପୂର୍ବରୁ ଗୁଣାତ୍ମକ ଇସିସିଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପିଲାମାନଙ୍କର କ୍ଷେତ୍ରରେ ଆଇକ୍ୟୁ ବୃଦ୍ଧି, ଉତ୍ତମ ସାମାଜିକ ଦକ୍ଷତା ଏବଂ ଉନ୍ନତ ଶିକ୍ଷାଗତ ପ୍ରଦର୍ଶନ ହେବାର ସମ୍ଭାବନା ୬୭% ଅଧିକ। ଯେପରି ନୋବେଲ ପୁରସ୍କାର ବିଜେତା ଡକ୍ଟର ଜେମ୍ସ ହେକମ୍ୟାନଙ୍କ ଅନୁସାରେ ଯେତେ ଶୀଘ୍ର, ସେତେ ଭଲ – ଏବଂ ସେତେ ସ୍ମାର୍ଟ ଲାଭ ତାଙ୍କ ଗବେଷଣା ଅନୁଯାୟୀ ପ୍ରାରମ୍ଭିକ ଶୈଶବରେ ନିବେଶ ଅନ୍ୟ ଯେକୌଣସି ସ୍ତରରେ ଶିକ୍ଷା ବା ଚାକିରି ତାଲିମ ଅପେକ୍ଷା ୧୩–୧୮% ଲାଭ ପ୍ରଦାନ କରିଥାଏ।

ଇସିସିଇର ଆର୍ଥିକ ଏବଂ ସାମାଜିକ ଗୁରୁତ୍ୱକୁ ସ୍ୱୀକାର କରି, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ 'ପୋଷଣ ବି ଅଧକ୍ଷ ବି ' ଅଭିଯାନ ଆରମ୍ଭ କରିଛନ୍ତି । ଏହା ଏକ ପ୍ରୟାସ ଯାହା ଅଙ୍ଗନ୍‌ୱାଡି କେନ୍ଦ୍ରଗୁଡ଼ିକୁ ସ୍ପନ୍ଦନଶୀଳ ପ୍ରାରମ୍ଭିକ ଶିକ୍ଷା କେନ୍ଦ୍ରରେ ପରିଣତ କରିଛି। ପ୍ରଥମ ଥର ପାଇଁ, ଅଙ୍ଗନ୍‌ୱାଡି କେନ୍ଦ୍ରରେ କର୍ମୀମାନଙ୍କୁ ଇସିସିଇ ଢାଞ୍ଚାରେ ତାଲିମ ଦିଆଯାଉଛି, ସ୍ଥାନୀୟ ଏବଂ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରି କାର୍ଯ୍ୟକଳାପ ଭିତ୍ତିକ ଖେଳ ଖେଳରେ ପାଠ ପଢ଼ାଯାଉଛି। ଶିକ୍ଷାଦାନ–ଶିକ୍ଷଣ ସାମଗ୍ରୀ ପାଇଁ ବଜେଟ୍ ବଣ୍ଟନ ମଧ୍ୟ ଯଥେଷ୍ଟ ବୃଦ୍ଧି କରାଯାଇଛି, ଏବଂ ମାସିକ ଇସିସିଇ ଦିବସଗୁଡ଼ିକୁ ପ୍ରତିଷ୍ଠାନଗତ କରାଯାଇଛି।

ଆଜି, ଅଙ୍ଗନ୍‌ୱାଡି କେନ୍ଦ୍ର କେବଳ ପୁଷ୍ଟିସାର ପାଇଁ ଏକ ସ୍ଥାନ ଭାବେ ନୁହେଁ, ବରଂ ଏହା ପ୍ରତ୍ୟେକ ପିଲାର ପ୍ରଥମ ବିଦ୍ୟାଳୟ, ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବର୍ଷଗୁଡ଼ିକରେ ଜିଜ୍ଞାସା, ସୃଜନଶୀଳତା ଏବଂ ସାମଗ୍ରିକ ବିକାଶକୁ ପୋଷଣ କରୁଥିବା କେନ୍ଦ୍ର ଭାବେ ପରିଚିତ ହେଉଛି।

ଏହି ପରିବର୍ତ୍ତନକୁ ମାର୍ଗଦର୍ଶନ କରିବା ପାଇଁ, ମନ୍ତ୍ରଣାଳୟ ୩–୬ ବର୍ଷ ବୟସର ପିଲାମାନଙ୍କ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ 'ଆଧାରଶିଳା' ପ୍ରଚଳନ କରିଛିଛ 'ଆଧାରଶିଳା' ପିଲାମାନଙ୍କର ସାମଗ୍ରିକ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରେ – କେବଳ ବୌଦ୍ଧିକ ଅଭିବୃଦ୍ଧି ନୁହେଁ ବରଂ ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ କଲ୍ୟାଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରେଛ ଏହା ସଂରଚିତ ଖେଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରେ, ଯାହା ପିଲାମାନଙ୍କୁ ଏକ ପାଳନଶୀଳ ପରିବେଶରେ ବଢ଼ିବା ଏବଂ ଉନ୍ନତି କରିବାକୁ ଅନୁମତି ଦିଏ।

ପିଲାମାନେ ସହଜାତ ଭାବରେ ଖେଳ ପ୍ରତି ଆକର୍ଷିତ ହୁଅନ୍ତି – ସେମାନେ ବିଶ୍ୱର ପ୍ରତ୍ୟେକ କୋଣକୁ ଆବିଷ୍କାର ଏବଂ ଆନନ୍ଦ ପାଇଁ ଏକ ସ୍ଥାନରେ ପରିଣତ କରନ୍ତି। ସଠିକ୍ ପରିବେଶ ସହିତ, ଏହି ପ୍ରବୃତ୍ତି ଜୀବନବ୍ୟାପୀ ଶିକ୍ଷା ପାଇଁ ମୂଳଦୁଆ ହୋଇଯାଏଛ 'ପୋଷଣ ବି ଅଧ୍ୟୟନ ବି' ଏହି ଚିନ୍ତାଧାରାକୁ ନିରାପଦ, ସଂରଚିତ ଏବଂ ଉତ୍ସାହଜନକ ପରିବେଶ ପ୍ରଦାନ କରି ପୋଷଣ କରେ ଯେଉଁଠାରେ ପିଲାମାନେ ନିର୍ଦ୍ଦେଶିତ ଖେଳ ଏବଂ ଶିକ୍ଷା ମାଧ୍ୟମରେ ଉନ୍ନତି କରିପାରିବେ। ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା (ଇସିସିଇ) ଆମ ଦେଶର ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି କାର୍ଯ୍ୟକ୍ରମ ଅଧୀନରେ, ସାରା ଦେଶରେ ଅଙ୍ଗନ୍‌ୱାଡି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରାରମ୍ଭିକ ଶିକ୍ଷା ସ୍ଥାନ ଭାବରେ ରୂପାନ୍ତରିତ କରାଯାଉଛି। ଏକ ସଂରଚିତ ଆଧାରଶିଳାର ୫୧ ସାପ୍ତାହିକ ଯୋଜନା ନିଶ୍ଚିତ କରେ ଯେ, ଦିନଟି ୩୦ ମିନିଟ୍ ମାଗଣା ଖେଳରୁ ଆରମ୍ଭ ହୁଏ, ତା'ପରେ ଭାଷା, ସୃଜନଶୀଳତା, ମୋଟର ଦକ୍ଷତା ଏବଂ ସାମାଜିକ କଥାବାର୍ତ୍ତାକୁ ପ୍ରଶ୍ରୟ ଦେଉଥିବା ସଂରଚିତ କାର୍ଯ୍ୟକଳାପ। ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଏବଂ ବିଶ୍ରାମ ସମୟ ପରେ, ଦିନଟି ବାହ୍ୟ ଖେଳ ଏବଂ କଥାବାର୍ତ୍ତା ସହିତ ଶେଷ ହୁଏ ଯାହା ମୂଲ୍ୟବୋଧକୁ ସୁଦୃଢ଼ କରେ ଏବଂ ଭାବପ୍ରବଣ ସଂଯୋଗ ସୃଷ୍ଟି କରେ।

ସଂରଚିତ ଏବଂ ଅସଂରଚିତ ଖେଳ ପ୍ରତି ଏହି ସନ୍ତୁଳିତ ଦୃଷ୍ଟିକୋଣ ଗୁରୁତ୍ୱପୂର୍ଣ୍ଣ, ବିଶେଷକରି ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଦର୍ଶିତ ରାସ୍ତାରେ ଏହାର ଗୁରୁତ୍ୱ ଅନେକ ରହିଛି, ଯାହା ଆନୁଷ୍ଠାନିକ ସ୍କୁଲ ପ୍ରବେଶ ବୟସକୁ ଛଅ ବର୍ଷକୁ ବୃଦ୍ଧି କରିଛି। ସଂରଚିତ ଇସିସିଇ ନିଶ୍ଚିତ କରେ ଯେ ପିଲାମାନେ ସ୍କୁଲ ପାଇଁ ପ୍ରସ୍ତୁତ – ଭାବପ୍ରବଣ, ସାମାଜିକ ଏବଂ ଜ୍ଞାନାତ୍ମକ ଭାବରେ। ପ୍ରକୃତରେ ଉତ୍ସାହଜନକ କଥା ହେଉଛି ସାରା ଦେଶରେ ପିତାମାତାଙ୍କ ବୃଦ୍ଧି ପାଉଥିବା ବିଶ୍ୱାସଛ ଯେଉଁ ଲୋକେ ଏକଦା ଅଙ୍ଗନ୍‌ୱାଡି କେନ୍ଦ୍ରକୁ କେବଳ ପୁଷ୍ଟିସାର କେନ୍ଦ୍ର ଭାବରେ ଦେଖୁଥିଲେ ସେମାନେ ଏବେ ଏହି କେନ୍ଦ୍ରଗୁଡ଼ିକୁ ସେମାନଙ୍କ ପିଲାର ଶିକ୍ଷା ଯାତ୍ରା ପାଇଁ ପ୍ରଥମ ପାହାଚ ଭାବରେ ଦେଖୁଛନ୍ତି।

ଭାରତର ପ୍ରତ୍ୟେକ ଶିଶୁ ଜନ୍ମରୁ ହିଁ ଏକ ଦୃଢ଼ ଆରମ୍ଭ ପାଇବା ଉଚିତ। ଜନ୍ମରୁ ତିନି ବର୍ଷ ବୟସ ଶିଶୁଙ୍କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି, ମନ୍ତ୍ରଣାଳୟ 'ନବଚେତନା' –ପ୍ରାରମ୍ଭିକ ଶୈଶବ ଉତ୍ସାହ ପାଇଁ ଜାତୀୟ ଢାଞ୍ଚା ଆରମ୍ଭ କରିଛି। ଏହି ପଦକ୍ଷେପ ଘରେ ଯୁବ ମନକୁ ପୋଷଣ କରିବା ପାଇଁ ସରଳ, ଖେଳ–ଭିତ୍ତିକ, ବୟସ–ଉପଯୁକ୍ତ କାର୍ଯ୍ୟକଳାପ ସହିତ ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିମାନଙ୍କୁ ସଶକ୍ତ କରିଥାଏ।

ପିଲାଙ୍କ ବିକାଶ ପାଇଁ ପିତାମାତାଙ୍କ ସମ୍ପୃକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ–ଆୟ ବର୍ଗର ପରିବାର ଖେଳଣା ଏବଂ ପୁସ୍ତକରେ ବିନିଯୋଗ କରିପାରନ୍ତି, କିନ୍ତୁ ସ୍ୱଳ୍ପ ଆୟବର୍ଗଙ୍କ ପାଖରେ ଏହା ସମ୍ଭବ ହୋଇନଥାଏ। ଏହି କ୍ଷେତ୍ରରେ ସମାନ ସୁଯୋଗ ସୃଷ୍ଟି କରିବା କ୍ଷେତ୍ରରେ ରାଷ୍ଟ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣଛ 'ନବଚେତନା' ଏବଂ 'ପୋଷଣ ବି ଅଧ୍ୟୟନ ବି' ମାଧ୍ୟମରେ, ଆମେ ଏହି ବ୍ୟବଧାନକୁ ପୂରଣ କରୁଛୁ – ଏହା ସୁନିଶ୍ଚିତ କରୁଛୁ ଯେ ଭାରତର ପ୍ରତ୍ୟେକ କୋଣରେ ଥିବା ପ୍ରତିଟି ଶିଶୁ ଆରମ୍ଭରୁ ବିକାଶ ପାଇଁ ଆବଶ୍ୟକ ଉତ୍ସାହ, ଯତ୍ନ ଏବଂ ପ୍ରତିପାଳନ ପାଇବ।

ଯଦି ଭାରତକୁ ପ୍ରକୃତରେ ବିକଶିତ ହେବାକୁ ଅଛି, ତେବେ ଆମର ଯୁବ ପିଢ଼ିକୁ ଜୀବନରେ ସଠିକ୍ ଆରମ୍ଭ ସହିତ ସଶକ୍ତ କରାଯିବା ଆବଶ୍ୟକ। ଖେଳ ଏକ ବିଳାସପୂର୍ଣ୍ଣ ଜିନିଷ ନୁହେଁ,– ଏହା ଶିଖିବାର ମୂଳଦୁଆ। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତର ପ୍ରତ୍ୟେକ ଶିଶୁକୁ ଶିଖିବା, ବଢ଼ିବା ଏବଂ ସମୃଦ୍ଧ ହେବାର ସୁଯୋଗ ପାଇବା ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ–କାରଣ ରାଷ୍ଟ୍ର ନିର୍ମାଣ ଏହାର ଯୁବ ନାଗରିକମାନଙ୍କୁ ଲାଳନ ପାଳନରୁ ଆରମ୍ଭ ହୋଇଥାଏ।

# ବିଶ୍ୱ ଶାନ୍ତି ପ୍ରତିଷ୍ଠାର ପଥ ପ୍ରଶସ୍ତ ହେଉ

**ମନୋରଞ୍ଜନ ମହାନ୍ତି**

**ପୃ**ଥିବୀରେ ଯୁଦ୍ଧର ଘନଘଟା । କିଏ କହୁଛି ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଛି । କେଉଁ ରାଷ୍ଟ୍ରନାୟକ ମୁହଁରୁ ଶୁଣାଯାଉଛି ପରମାଣୁ ଅସ୍ତ୍ରର ପ୍ରୟୋଗ ହେବ । ଯୁଦ୍ଧଖୋର୍‌ମାନଙ୍କ ଜିଦ୍‌ଖୋର୍ ମନୋବୃତ୍ତି ପାଇଁ ପୃଥିବୀବାସୀ ଥରହରା ବ୍ରିଟିଶ୍ ଔପନ୍ୟାସିକା ପ୍ୟାଟ୍ ବାର୍କର୍ ପ୍ରଥମ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଲେଖିଛନ୍ତି ଉପନ୍ୟାସତ୍ରୟୀ ଯାହାର ଶୀର୍ଷକ 'ରିଜେନେରେସନ୍' । ଦଶଟି ଶ୍ରେଷ୍ଠ ଐତିହାସିକ ଉପନ୍ୟାସ ମଧ୍ୟରେ ଏହା ଅନ୍ୟତମ ।

ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ଚାରିବର୍ଷ, ପ୍ରାଣଘାତୀ ରକ୍ତମୟ ସଂଘର୍ଷରେ ପ୍ରାଣ ହରାଇଥିଲେ କୋଡ଼ିଏ ନିୟୁତ ଲୋକ । ତାହା ଥିଲା ଏପର୍ଯ୍ୟନ୍ତ ସର୍ବାଧିକ ରକ୍ତାକ୍ତ ଯୁଦ୍ଧ । ଗଣହିଂସାର ବିକଟ ଦୁଷ୍ଟତାକୁ ପ୍ୟାଟ୍ ବାର୍କର୍ ତାଙ୍କ ଉପନ୍ୟାସରେ ରୂପାୟିତ କରିଛନ୍ତି । ସେଥି ସହିତ ସଂଯୋଜିତ କରିଛନ୍ତି ଦୁଇ ସମର–କବି ସିଗ୍‌ଫ୍ରେଡ୍ ସାଶୁନ୍ ଓ ୱିଲ୍‌ଫ୍ରେଡ୍ ଓୱେନ୍‌ଙ୍କ ବାସ୍ତବାନୁଭୂତିକୁ । ଏହି ଦୁଇ କବିଙ୍କଠାରେ ପରିଲକ୍ଷିତ ହୋଇଥିଲା ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର୍) ଅର୍ଥାତ୍ ଏକ ମାନସିକ ବିକାର ଯେଉଁଥିରେ ବ୍ୟକ୍ତି ନିଜ ଜୀବନରେ ଘଟିଥିବା ଓ ଦେଖିଥିବା ଘଟଣା ପ୍ରତି ବର୍ତ୍ତମାନ ସମୟରେ ପ୍ରତିକ୍ରିୟା ପ୍ରକାଶ କରିଥାଏ, ଯେଉଁଥିପାଇଁ ସେମାନେ ମନସ୍ତତ୍ତ୍ୱବିତ୍ ଡ. ରିଭର୍ସଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ । ଏକ ଉନ୍ମାଦ ଚରମ ଜାତୀୟତାବାଦର ସମୟରେ ଯୁଦ୍ଧର କଡ଼ା ଜବାବ୍ ଦେଲାବାଲା ବା ଆପତ୍ତିକର୍ତ୍ତାଙ୍କୁ ଭୀରୁ ବା ଦେଶଦ୍ରୋହୀ ଭାବରେ ବିଚାର କରାଯାଉଥିଲା । ସେହି ଦୃଷ୍ଟିରୁ ସିଗ୍‌ଫ୍ରେଡ୍ ସାଶୁନ୍ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରିଥିଲେ, କିନ୍ତୁ ଏକ ଦ୍ୱିଧାପୂର୍ଣ୍ଣ, ସଂକଟାପନ୍ନ ସ୍ଥିତିରେ ଏଭଳି ଅନୁଭୂତି ଅର୍ଜନ କରିଥିଲେ ଯେ ନିଜ ଲିଖିତ ଓ ପ୍ରକାଶିତ 'ଏ ସୋଲ୍‌ଜର୍ସ ଡିକ୍ଲାରେସନ୍' (ଜଣେ ସୈନିକର ଘୋଷଣା)ରେ ନିଜ ଯୁଦ୍ଧ ବିରୋଧୀ ମନୋଭାବକୁ ସ୍ପଷ୍ଟ ବ୍ୟକ୍ତ କରିଥିଲେ । ଡ. ରିଭର୍ସ ଓ ତାଙ୍କର ଜଣେ ସହକର୍ମୀ ମଣିଷର ଉଭୟ ସ୍ଥୂଳସଂବେଦୀ ଓ ସୂକ୍ଷ୍ମସଂବେଦୀ ଉତ୍ତେଜନାଗୁଡ଼ିକୁ ପ୍ରୟୋଗ କରି ଏକାଧିକ ଶାରୀରିକ ପରୀକ୍ଷା ନିରୀକ୍ଷା କଲେ ଓ ମତବ୍ୟକ୍ତ କଲେ ଯେ ମଣିଷର ଅନ୍ତରରେ ପ୍ରେମ ଓ ଘୃଣା, ସାହସ ଓ କ୍ରୂରତା, ମୋକ୍ଷ ଓ ଶାପ ରହିଛି ଏବଂ ସେଗୁଡ଼ିକ ମଧ୍ୟରେ ସଂଘର୍ଷ ଆମର ସାମୂହିକ ଓ ବ୍ୟକ୍ତିଗତ ଭାଗ୍ୟକୁ ନିର୍ଦ୍ଧାରଣ କରୁଛି । ୧୯୧୭ ବର୍ଷର ଯୁଦ୍ଧ ବିଧ୍ୱସ୍ତ ଫ୍ରାନ୍ସ ହେଉ କି ୨୦୨୨ ବର୍ଷର ୟୁକ୍ରେନ୍ ହେଉ, ସର୍ବଶେଷ ଯୁଦ୍ଧକ୍ଷେତ୍ର କୁରୁକ୍ଷେତ୍ର ମଣିଷର ଅନ୍ତରରେ ରହିଛି ।

ଅସଲ ମଣିଷର କର୍ତ୍ତବ୍ୟ ହେଉଛି ଘୃଣା, କ୍ରୂରତା, ଶାପ, ଯୁଦ୍ଧ ଭାବ ଜାଗ୍ରତ ନକରି ପ୍ରେମ, ସାହସ, ମୋକ୍ଷ, ଶାନ୍ତିର ଭାବ ଜାଗ୍ରତ କରିବା । ନକାରାତ୍ମକ ଭାବ ଜୀବନକୁ ସଂକୁଚିତ କରୁଥିବା ସ୍ଥଳେ ସକାରାତ୍ମକ ଭାବ ଜୀବନକୁ ପ୍ରସାରିତ କରେ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଶତ୍ରୁତା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ନୁହେଁ, ରୋଗ, ଦାରିଦ୍ର୍ୟ, ନିରକ୍ଷରତା ବିରୋଧରେ ସାମୂହିକ ଯୁଦ୍ଧର ଆବଶ୍ୟକତା ରହିଛି । ନାଜି ଜର୍ମାନୀ ଉତ୍ତର–ସ୍ପେନ୍‌ରେ ବୋମା ନିକ୍ଷେପ କରିବାରୁ ୧୯୩୭ ବର୍ଷରେ ପାବ୍‌ଲୋ ପିକାଶୋ ଧୂସର, କଳା ଓ ଧଳା ରଙ୍ଗରେ ଗୁଏର୍ନିକା ତୈଳଚିତ୍ର ଅଙ୍କନ କଲେ, ଯେଉଁଥିରେ ପ୍ରଦର୍ଶିତ ହେଲା ପୀଡ଼ାଗ୍ରସ୍ତ ଘୋଡ଼ା, ବିସ୍ମୟ ଓ ଭୟରେ ଆଖିକୁ ବିସ୍ଫାରିତ କରିଥିବା ଷଣ୍ଢ, ଭୟଭୀତ ଶଙ୍କିତ ମହିଳା ଓ ମୃତ ଶିଶୁମାନଙ୍କ ଚିତ୍ର । ତାହା ଥିଲା ଇତିହାସରେ ସର୍ବାଧିକ ପ୍ରଭାବଶାଳୀ ଯୁଦ୍ଧ–ବିରୋଧୀ ଚିତ୍ରକଳ୍ପ । ୧୯୫୦ ବର୍ଷରେ ରସାୟନବିଜ୍ଞାନୀ ଗର୍‌ଟ୍ରୁଡ୍ ଏଲିଅନ୍ ନିଉକ୍ଲିକ୍ ଏସିଡ୍ ସମ୍ପର୍କିତ ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଲେ ଯେ କେତେକ ରାସାୟନିକ ଦ୍ରବ୍ୟ ଲିଉକେମିଆ ବା ରକ୍ତ ଅସ୍ଥି ମଜ୍ଜା କର୍କଟ କୋଷ ଗଠନକୁ ବାଧିତ କରୁଛି ଯାହା ପରବର୍ତ୍ତୀ ସମୟରେ 'କେମୋଥେରାପି ଚକ୍ର' ଉଦ୍ଭାବନରେ ସହାୟକ ହେଲା । ୧୯୫୩ ବର୍ଷରେ ଆମେରିକୀୟ ଗବେଷକ ଡ. ଜୋନାସ୍ ସାକ୍ ପୋଲିଓ ଟିକା ଉଦ୍ଭାବନ କଲେ ଓ ସର୍ବପ୍ରଥମେ ସେହି ଟିକାକୁ ନିଜ ସମେତ ନିଜ ପତ୍ନୀ ଓ ତିନି ପୁତ୍ରଙ୍କ ଶରୀରରେ ପ୍ରୟୋଗ କଲେ। ୧୯୫୪ ବର୍ଷରେ ଡ. ଜୋସେଫ୍ ମୁରେ ମାନବ ଶରୀରରେ ପ୍ରଥମେ କିଡ୍‌ନୀ ପ୍ରତିରୋପଣ କଲେ। ପାବ୍‌ଲୋ ପିକାଶୋ ଶାନ୍ତି ପାଇଁ, ଗର୍‌ଟ୍ରୁଡ୍ ଏଲିଅନ୍, ଡ. ଜୋନାସ୍ ସାକ୍, ଡ. ଜୋସେଫ୍ ମୁରେ ପ୍ରମୁଖ ଚିକିତ୍ସାଶାସ୍ତ୍ର ପାଇଁ ନୋବେଲ୍ ପୁରସ୍କାର ପାଇଲେ। ଏଥିରୁ ଆମକୁ ଶିକ୍ଷା ମିଳୁଛି ଯେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ପାଇଁ ଆୟୋଜନ ନହୋଇ ଶାନ୍ତି ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉ, ରୋଗ ବିରୋଧରେ ଯୁଦ୍ଧ ହେଉ, ଗବେଷଣାଲବ୍ଧ ଜ୍ଞାନକୁ ପ୍ରୟୋଗ କରି ରୋଗ ପ୍ରତିଷେଧକ ଔଷଧ ପ୍ରସ୍ତୁତ ହେଉ ତାହାହିଁ ମାନବଜାତିର ଇତିହାସରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଉପରୋକ୍ତ ବ୍ୟକ୍ତିମାନେ କଳା ଓ ବିଜ୍ଞାନ କ୍ଷେତ୍ରରେ ଯେଉଁ ଅବଦାନ ରଖିଯାଇଛନ୍ତି ତାହା



ସେମାନଙ୍କ ଜୀବନକୁ ପ୍ରସାରିତ କରିବା ସହିତ ବିଶ୍ୱସଂସ୍କୃତିକୁ ସମୃଦ୍ଧ କରିଛି ନିଶ୍ଚୟ।

ଜାପାନୀ ଦର୍ଶନର ଏକ ଶାଖା ହେଉଛି 'ଉକେଟାମୋ', ଯାହାକୁ ଅନୁସରଣ କରନ୍ତି ଜାପାନର ପାର୍ବତ୍ୟାଞ୍ଚଳରେ ବାସକରୁଥିବା ୟାମାବୁଶିମାନେ। ଶିଣ୍ଟୋ, ଟାଓ, ବୌଦ୍ଧ, ଲୋକପ୍ରଥା ଆଧାରରେ ସେମାନେ ଯେଉଁ ସାଧନା କରନ୍ତି, ତାକୁ କୁହାଯାଏ 'ଶୁଗେଣ୍ଡୋ' । ୟାମାବୁଶିମାନଙ୍କର ଦୃଷ୍ଟି ଖୁବ୍ ସକାରାତ୍ମକ, ଅନ୍ତଃପ୍ରକୃତି ସ୍ଥିତପ୍ରଜ୍ଞ, ଯେହେତୁ ବହିଃପ୍ରକୃତି ପ୍ରଦତ୍ତ ଐଶ୍ୱରିକ ଐଶ୍ୱର୍ଯ୍ୟରେ ସେମାନେ ଖୁବ୍ ଆତ୍ମସନ୍ତୋଷ ଲାଭ କରନ୍ତି । ସେମାନେ କହନ୍ତି, ଜୀବନ–ସଂଗ୍ରାମରୁ ଶିକ୍ଷାଲାଭ କରିବାକୁ ଓ ଜୀବନକୁ ସଂପ୍ରସାରିତ କରିବାକୁ ଯେଉଁ ସୁଯୋଗ ମିଳେ, ତା'ରି ଅଭିଜ୍ଞତା ହେଉଛି ବ୍ୟକ୍ତିର ଅସଲ ଅଭିବୃଦ୍ଧି । ତେଣୁ ପରସ୍ପର ବିରୋଧରେ ଯୁଦ୍ଧ ନୁହେଁ ପରସ୍ପର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ବିଶ୍ୱର ଅଭିବୃଦ୍ଧି ।

ନିକଟ ଅତୀତରେ ଏକ ବୈଜ୍ଞାନିକ ଅଧ୍ୟୟନ ଏମ୍.ଆର୍.ଆଇ. ସ୍କାନ୍‌ରୁ ଜଣାପଡ଼ିଛି ଯେ ପ୍ରାଚୀନ ସଂସ୍କୃତ ମନ୍ତ୍ରଗୁଡ଼ିକୁ ସ୍ମରଣ ରଖିବା ଦ୍ୱାରା ସ୍ମରଣ ଓ ନିର୍ଣ୍ଣୟନ ଭଳି ସଜ୍ଞାନାତ୍ମକ କାର୍ଯ୍ୟଗୁଡ଼ିକ ସହିତ ସଂପୃକ୍ତ ମସ୍ତିଷ୍କ କ୍ଷେତ୍ରର ଆକାର ବୃଦ୍ଧି ପାଏ । ଜେମ୍ସ ହାର୍ଟ୍‌ଜେଲ୍ ଏହାକୁ 'ସାନ୍ସ୍‌କ୍ରିଟ୍ ଏଫେକ୍ଟ' ବା 'ସଂସ୍କୃତ ପ୍ରଭାବ' ବୋଲି କହନ୍ତି । ସଂସ୍କୃତର ସମସ୍ତ 'ଶାନ୍ତି ମନ୍ତ୍ର' ସାର୍ବଭୌମିକ, ସାର୍ବତ୍ରିକ କଲ୍ୟାଣ ନିମିତ୍ତ ପ୍ରାର୍ଥନା କରନ୍ତି । ଋଷିମାନେ ଶବ୍ଦର ଏକ କମ୍ପନ ବା ସ୍ପନ୍ଦନ ଭାବରେ ବ୍ରହ୍ମାଣ୍ଡକୁ ଅନୁଭବ କରିଥିଲେ ଓ ମୌଖିକ, ଶାବ୍ଦିକ ମୂଳଗୁଡ଼ିକୁ ବ୍ୟୁତ୍ପନ୍ନ କରିଥିଲେ । ତେଣୁ ସଂସ୍କୃତ କୌଣସି ଦେଶର ନୁହେଁ, ବହିଃପ୍ରକୃତିର ଭାଷା, ଏକ ସିଦ୍ଧ, ଦିବ୍ୟ ଭାଷା । ସେହି ଦିବ୍ୟ ଭାଷାର 'ଶାନ୍ତି ମନ୍ତ୍ର'ଗୁଡ଼ିକ ମଣିଷର ଦିବ୍ୟତ୍ୱ ଜାଗରଣ ନିମିତ୍ତ ଓ ବୈଶ୍ୱିକ ଶାନ୍ତି ସ୍ଥିରତା ରକ୍ଷା ନିମିତ୍ତ ହିଁ ଉଦ୍ଦିଷ୍ଟ ।

'ଦି ନ୍ୟୁୟର୍କ୍ ଟାଇମ୍ସ'ରେ ମେଲିଣ୍ଡା ମୋୟର ଲେଖିଛନ୍ତି ଯେ, ଅଧିକାଂଶ ମଣିଷ ଚିନ୍ତନର ମୂଲ୍ୟ ବୁଝନ୍ତିନାହିଁ । ଜର୍ମାନୀର ଟୁବିନ୍‌ଜେନ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ କୋଉ ମୁରାୟାମାଙ୍କ ମତରେ, ପ୍ରତ୍ୟେକ ମଣିଷ କିଛି ସମୟ ନିରବରେ ବସି ଚିନ୍ତା କରିବା ଖୁବ୍ ଗୁରୁତ୍ୱ ବହନ କରେ। ସାମ୍ପ୍ରତିକ ସମୟରେ ଯୁଦ୍ଧଖୋର୍ ରାଷ୍ଟ୍ରମୁଖ୍ୟମାନେ ଅର୍ଥାତ୍ ଭିନ୍ନଭିନ୍ନ ରାଷ୍ଟ୍ରର ପରମାଣୁ ନୀତି ନିର୍ଦ୍ଧାରକମାନେ ଅଯଥାରେ ଯୁଦ୍ଧସଂକ୍ରାନ୍ତ କୋଳାହଳ ନକରି ନିରବ ଚିନ୍ତନ ଦ୍ୱାରା ବିଶ୍ୱରେ ଶାନ୍ତି ସ୍ଥାପନର ମହତ୍ତ୍ୱ ମର୍ମେ ମର୍ମେ ଉପଲବ୍ଧି କରିପାରିବେ, ଜୀବଜଗତ ଓ ଜୀବନର ଗୁରୁତ୍ୱ ହୃଦୟଙ୍ଗମ କରିପାରିବେ । ରାଜନୀତିବିଜ୍ଞାନୀ ଜେମ୍ସ ୱିଲ୍‌ସନ୍ ଓ ମନସ୍ତତ୍ତ୍ୱବିତ ରିଚାର୍ଡ୍ ହର୍ଣ୍ଣଷ୍ଟେନ୍ କହନ୍ତି ଯେ, ମଣିଷମାନେ ଜନ୍ମରୁ ଅପରାଧୀ ନୁହନ୍ତି, କିନ୍ତୁ ପରିସ୍ଥିତିର ଦାସ । ଉର୍ଦ୍ଦୁକବି ଇର୍‌ଫାନ୍ ପେଶାୱାରୀଙ୍କ କବିତାରେ ଅଛି, 'ଜନମ୍ ସେ କୋଇ ବୁରା ନହିଁ/ହର୍ କୋଇ ଏକ୍ ସା ଖାରା ନହିଁ/ହାଲାତ୍ ବଦଲ୍ ଦେତେ ଇନ୍‌ସାନ୍ କୋ / କିସ୍‌ମତ୍ ସେ ବଡ୍‌କର୍ କୋଇ ବଡ଼ା ନହିଁ ।' ଅର୍ଥାତ୍ 'କେହି ଜନ୍ମରୁ ମନ୍ଦ ନୁହନ୍ତି /ପ୍ରତ୍ୟେକେ ସମଭାବରେ ଏତେ ଭଲ ନୁହନ୍ତି/ ପରିସ୍ଥିତି ମଣିଷମାନଙ୍କୁ ବଦଳାଇ ଦିଏ/ ଭାଗ୍ୟଠାରୁ କେହି ବଡ଼ ନୁହନ୍ତି ।' ଆମ ସମସ୍ତଙ୍କର ଭଲ ହେବା ପାଇଁ ସୀମାହୀନ ସମ୍ଭାବନା ଓ ଶକ୍ତି ରହିଛି, କାରଣ ଭଲଗୁଣ ହେଉଛି ଏକ ମୌଳିକ ମାନବୀୟ ଲକ୍ଷଣ ବା ବିଶେଷତା । ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ, 'ପ୍ରତ୍ୟେକ ମଣିଷ–ଶିଶୁ ଏକ ଦିବ୍ୟ ବାର୍ତ୍ତା ନେଇ ଜନ୍ମ ହୁଏ ଯେ ଈଶ୍ୱର ତଥାପି ମଣିଷ ଉପରେ ଆସ୍ଥା ହରାଇନାହାନ୍ତି ।'

ସତ କଥା, ଶୀଘ୍ର ହେଉ କି ବିଳମ୍ବରେ ମଣିଷ ନିଜର ଭଲ ଗୁଣକୁ ଅନୁଭବ ଓ ଆବିଷ୍କାର କରିବ । ଶେଷ ମୋଗଲ ସମ୍ରାଟ ବାହାଦୁର୍ ଶାହ ଜାଫର୍ ଯେତେବେଳେ ଲେଖିଲେ, 'ଏ ମେରେ ଖୁଦା ତୁ ହି ବତା/ କ୍ୟୁଁ ବନାୟା ଇନ୍‌ସାନ୍ କୋ ଖାମିୟୋଁ କା ପୁତ୍‌ଲା ?' 'ହେ ଈଶ୍ୱର, ମୋତେ କୁହ, କାହିଁକି ମଣିଷକୁ ସମସ୍ତ ଦୋଷ, ତ୍ରୁଟିର ପ୍ରହେଳିକା କରି ଗଢ଼ିଲ ?' ସେତେବେଳେ ତାଙ୍କର ଉସ୍ତାଦ୍, ମାଷ୍ଟର୍, ଇବ୍ରାହିମ୍ ଜାକ୍ ଉକ୍ତ ପଦକୁ ସଂଶୋଧନ କରି ଲେଖିଲେ, 'ଏ ଖୁଦା ଅବ୍ ତୁ ହି ବତା / କ୍ୟୁଁ ନହିଁ ଇନ୍‌ସାନ୍ କୋ ଉସ୍‌କୀ ଖୁବିୟୋଁ କା ପତା ?' 'ହେ ଈଶ୍ୱର, ଦୟାକରି ମୋତେ କୁହ କାହିଁକି ମଣିଷ ତା'ର ଜନ୍ମଜାତ ଅନ୍ତଃସ୍ଥ ଭଲ ଗୁଣ ପ୍ରତି ସଚେତନ ନୁହେଁ ?' କେତେକ ଯୁଦ୍ଧଖୋର୍ ରାଷ୍ଟ୍ରମୁଖ୍ୟଙ୍କର ଶୁଭବୁଦ୍ଧିର ଉଦୟ ହେଉ, ସେମାନେ ଅନ୍ତଃକରଣର ସକାରାତ୍ମକ ଦିଗ ପ୍ରତି ସଚେତନ ହୁଅନ୍ତୁ, ଚିନ୍ତନରେ ସଇତାନ୍‌କୁ ବିତାଡ଼ିତ କରି ଇନ୍‌ସାନ୍‌କୁ ସଂସ୍ଥାପନ କରନ୍ତୁ, ଯୁଦ୍ଧକାମୀ ଭୂତ ନହୋଇ ଶାନ୍ତିକାମୀ ଦୂତ ହୁଅନ୍ତୁ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ମାର୍ଗକୁ ପ୍ରଶସ୍ତ ଓ ପରିଚ୍ଛନ୍ନ କରନ୍ତୁ ।

ଜୈନ ମୁନି ଆଚାର୍ଯ୍ୟ ଜ୍ଞାନସାଗର ସବୁବେଳେ ମଣିଷମାନଙ୍କୁ ପରିବେଶ ଓ ପ୍ରାଣୀଙ୍କ ଜୀବନ ସୁରକ୍ଷିତ ରଖିବାକୁ ପ୍ରେରଣା ଦେଉଥିଲେ । ଚବିଶତମ ତୀର୍ଥଙ୍କର ମହାବୀର ଅନୁକମ୍ପା ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ପ୍ରତି କରୁଣାର କଥା କହୁଥିଲେ । 'ଅନାଡ଼ି' ଚଳଚ୍ଚିତ୍ରର ଏକ ସଙ୍ଗୀତର କେତୋଟି ଧାଡ଼ି 'କିସି କି ମୁସ୍କୁରାହଟୋ ପେ ହୋ ନିସାର୍ / କିସି କା ଦର୍ଦ୍ ମିଲ୍ ସକେ ତୋ ଲେ ଉଧାର୍ /କିସି କେ ବାସ୍ତେ ହୋ ତେରେ ଦିଲ୍ ମେଁ ପ୍ୟାର୍ / ଜିନା ଇସି କା ନାମ୍ ହୈ ।'–'କେହି ଜଣକୁ ହସାଅ/ତା' ଦୁଃଖରେ ସମଭାଗୀ ହୁଅ/ସମସ୍ତଙ୍କୁ ଭଲ ପାଅ/ତେବେ ଯାଇ ତୁମର ଜୀବନ ବଞ୍ଚିବାର ଯୋଗ୍ୟ ।' ତେଣୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଶତ୍ରୁତା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମର କାହିଁକି ? ଶତ୍ରୁତା, ସମର, ଯାହା ଶୋଣିତାକ୍ତ, ଶାପଗ୍ରସ୍ତ କରୁଛି ପୃଥିବୀକୁ, ଅଚିରେ ତା'ର ଅନ୍ତ ହେଉ । ଶାସକ ଓ ଶାସିତ ସମସ୍ତଙ୍କଠାରେ ଶୁଦ୍ଧ ବିବେକ ଓ ନୈତିକ ବିଚାରବୋଧର ରାଜତ୍ୱ ହେଉ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା, ଯାଜପୁର
ମୋ:୯୮୫୩୨୮୨୯୬୨

## ସବଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା

ବୁଗୁଡ଼ା, ୧୯(ନିପ୍ର): ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ପକ୍ଷରୁ ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମରେ ବୁଗୁଡା ଏବଂ ବାଲିପଦର ସବଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବ୍ଲକ ସ୍କୁଲ ସ୍ପୋର୍ଟସ ଅସୋସିଏସନ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପିପୁଲ୍ଲି ହାଇସ୍କୁଲ ପ୍ରଧାନଶିକ୍ଷକ କାଳି ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନଶିକ୍ଷକ ମୀନକେତନ ବେହେରା ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କବାଡି, ଖୋଖୋ, ଦୌଡ, ଲଙ୍ଗ୍ ଜମ୍ପ, ହାଇ ଜମ୍ପ୍, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟସ ଆସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାକୁ ପିପୁଲ୍ଲି କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ସମେତ କ୍ରୀଡା ଶିକ୍ଷକ ପ୍ରଣବ ମହନ୍ତ, ଲଳିତ ମୋହନ ସ୍ୱାଇଁ, ବିନୋଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ରୋଟାରୀ ଓ ଇନରୱିଲ କ୍ଲବ ଆନୁକୁଲ୍ୟରେ ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ

ଯାଜପୁର,୩୦।୮(ନି.ପ୍ର) : ରୋଟାରୀ ଓ ଇନରୱିଲ କ୍ଲବ ଆନୁକୁଲ୍ୟରେ ମିଳିତ ଭାବରେ ଦଶରଥପୁର ବ୍ଲକ ମଲ୍ଲିକାପୁର ପଂଚାୟତ ଅନ୍ତର୍ଗତ ୧ ଓ ୨ନମ୍ବର ୱାର୍ଡରେ ଏକ ରିଲିଫ୍ ଶିବିର ଆୟୋଜନ କରାଯାଇଥିଲା । ଉକ୍ତ ଶିବିରରେ ଚାରିଶହ ପ୍ୟାକେଟ ଶୁଖିଲା ଖାଦ୍ୟ, ପାଣି ବୋତଲ, ମହବତି ଓ ଦିଆସିଲି ବନ୍ୟା ପ୍ରପୀଡିତ ଲୋକଙ୍କ ମଧ୍ୟରେ ବଂଟନ କରାଯାଇ ଥିଲା । ଉକ୍ତ ଶିବିରକୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଓ ଇନରୱିଲ କ୍ଲବ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଓ ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ଜେନେରାଲ ସୁରେଶ କୁମାର ସାହୁ ଉଦ୍ଘାଟନ କରି ରିଲିଫ୍



ବଂଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଶିବିର ରୋଟାରୀ କ୍ଲବ ଯାଜପୁର ର ସଭାପତି ପ୍ରଦୀପ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ଇନରୱିଲ କ୍ଲବର ସଭାପତି ସତ୍ୟଭାମାପତି, ସମ୍ପାଦକ ଲିଲି ରାଣୀ କର, ତୁଷାରକାନ୍ତି ନାୟକ, ବିବେକାନନ୍ଦ ବିଶ୍ୱାଳ,ପ୍ରବୋଧ କୁମାର ନାୟକ, ଡ. ହରିଶ୍ ଚନ୍ଦ୍ର ପଣ୍ଡା,ଡା ରାଜ କିଶୋର ପଣ୍ଡା, ଡା ଭାଗିରଥି ପାଣି, ପ୍ରବିର ରାୟ, ନିତ୍ୟାନନ୍ଦ ମିଶ୍ର, ଗିରିଶ ବିହାରୀ ମିଶ୍ର, କେଦାର ରାଉତ, ଡା ସୁପ୍ରକାଶ ଶତପଥି, ପ୍ରସନ୍ନ କୁମାର ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଗୌରୀପ୍ରିୟା ଦେବି, ସୁରୁଚି ପାଣି, ପ୍ରେମଲତା ପଣ୍ଡା, ଯଜ୍ଞାସେନି ମହାନ୍ତି,ପ୍ରତିମା ସାହୁ,ବିଜୟଲକ୍ଷ୍ମୀ ମହାନ୍ତି, ଚିକିମିକି ହିରା ସାହୁ, ବିଜୟ ଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ପ୍ରିତିମୟି ନାୟକ ରୋଟାରୀ କ୍ଲବ ଓ ଇନରୱିଲ କ୍ଲବ ର ସଭ୍ୟ ଓ ସଭ୍ୟା ବୃନ୍ଦ ରିଲିଫ୍ ସାମଗ୍ରୀ ପ୍ୟାକେଜ ଠାରୁ ଆରମ୍ଭ କରି ପ୍ରତିକୂଳ ପାଗ ସତ୍ତ୍ୱେ ଉକ୍ତ ସ୍ଥାନରେ ବଂଟନ ପର୍ଯ୍ୟନ୍ତ ନିଷ୍ଠାପର ଭାବରେ ସାହାଯ୍ୟ ଓ ସହଯୋଗ କରିଥିଲେ। ଆହୁରି ମଧ୍ୟ ଶିଶିର କୁମାର ମାନ୍ଧାତା, ବିଶ୍ୱଜିତ୍ ଦାସ ଓ ହୃଦାନନ୍ଦ ଦାସ ବିଶେଷ ଭାବରେ ସାହାଯ୍ୟ କରିଥିଲେ।

## ବାଣ ଉପରେ କେବେ ଲାଗିବ ରୋକ?



ଦଶପଲ୍ଲା, ୩୦।୮(ନି.ପ୍ର): ବିଗତ ଦିନରେ ବିଭିନ୍ନ ଅଞ୍ଚଳରେ ବାଣ ଫୁଟି ଅନେକ ମୃତାହତ ହୋଇଛନ୍ତି । ଅନେକ ଅକର୍ମଣ୍ୟ ହୋଇଛନ୍ତି। ତଥାପି ସରକାର ବାଣ ଫୁଟାଇବା ବା ବିକ୍ରି ଉପରେ ସେମିତି କିଛି ଆଖିଦୃଷ୍ଟିଆ ପଦକ୍ଷେପ ନେଇ ନ ଥିବା ଆଲୋଚନା ହେଉଛି। କେବଳ ଲାଇସେନ୍ସ ପ୍ରାପ୍ତ ଦୋକାନୀ ବାଣ ବିକ୍ରି କରି ପାରିବେ ବୋଲି ନିୟମ ଅଛି। ହେଲେ ଏହାକୁ ବେଖାତିର କରାଯାଇ ବଜାର ଘାଟ ସବୁଠି ବାଣ ବିକ୍ରି ହେଉଛି। ପୋଲିସ ପକ୍ଷରୁ ସେପରି କିଛି ବଡ଼ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି। ତେଣୁ ବାଣ ଫୁଟି କିଛି ଅଘଟଣ ଘଟିଲେ ସରକାରଙ୍କୁ ଦାୟୀ କରାଯାଉଛି। ବାଣର ଭୟାବହତା ପ୍ରତି ସମସ୍ତେ ସଜାଗ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାର ବାଣ ବିକ୍ରି ଓ ଫୁଟାଇବା ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

## ପ୍ରହ୍ଲାଦ ପୂର୍ତ୍ତିଙ୍କୁ ନୟାଗଡ଼ ଜିଲ୍ଲା ସଭାପତି ଚୟନ କମିଟିର ପର୍ଯ୍ୟବେକ୍ଷକ ମନୋନୀତ

ରାଇରଙ୍ଗପୁର,୩୦।୮(ନି.ପ୍ର): ଜାତୀୟ କଂଗ୍ରେସ ଦଳର ତତ୍ତ୍ୱାବଧାନରେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁଙ୍କ ଦ୍ୱାରା ରାଜ୍ୟ ସ୍ତରରେ ବିଭିନ୍ନ ଜିଲ୍ଲା ସଭାପତି ଚୟନ କମିଟିର ପର୍ଯ୍ୟବେକ୍ଷକ ସଦସ୍ୟ ମନୋନୀତ କରାଯାଇଛି । ଏହି କମିଟି ଗଠନ ପୂର୍ବରୁ ଜାତୀୟ କଂଗ୍ରେସ କମିଟି ଦ୍ୱାରା ରାଜ୍ୟରେ ବିଭିନ ଜିଲ୍ଲା ପାଇଁ ୩୫-ଜଣିଆ ପ୍ରଭାରୀ ପର୍ଯ୍ୟବେକ୍ଷକ ମନୋନୀତ କରିଛନ୍ତି । ତାଙ୍କରି ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲା ଗସ୍ତକରି ସମସ୍ତ କଂଗ୍ରେସ କର୍ମକର୍ତ୍ତା ଓ ବରିଷ୍ଠ ନେତାମାନଙ୍କର ମତାମତ ସଂଗ୍ରହ କରି ଜିଲ୍ଲା ସଭାପତି ଚୟନ ପାଇଁ ଏକ ରିପୋର୍ଟ ଅଲ ଇଣ୍ଡିଆ କଂଗ୍ରେସ କମିଟିକୁ ପ୍ରଦାନ କରାଯିବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟସ୍ତରୀୟ



କଂଗ୍ରେସ କମିଟି ପ୍ରଭାରୀ ଦ୍ୱାରା ଗୋଟିଏ ଜିଲ୍ଲା ପର୍ଯ୍ୟବେକ୍ଷକ କମିଟିଗୁଡିକ ଗଠନ କରିଛନ୍ତି। ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ ନୟାଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଥିବାରୁ ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଅଞ୍ଚଳର ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମକର୍ତ୍ତାମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହା ପୂର୍ବରୁ ମଧ ପ୍ରହ୍ଲାଦ ପୂର୍ତ୍ତିଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ କମିଟିର ରାଜ୍ୟ ପ୍ରବକ୍ତା ଭାବେ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ଜାତୀୟ କଂଗ୍ରେସ ଦ୍ୱାରା ଆଦିବାସୀ ସମାଜକୁ ଅଧିକ ଗୁରୁତ୍ୱ ଓ ଭାଗିଦାର ଦେଉଥିବାରୁ ଆଦିବାସୀ ସମାଜର ବହୁ ବରିଷ୍ଠ ବୁଦ୍ଧିଜୀବୀ, ମାଝୀ ପରଗାନା ଓ ମୁଣ୍ଡା ମାନକୀ ସମ୍ପ୍ରଦାୟ ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଜନନାୟକ ରାହୁଲ ଗାନ୍ଧୀ ତଥା ଜାତୀୟ କଂଗ୍ରେସ ପ୍ରତି ଆସ୍ଥା ବିଶ୍ୱାସ ବଢ଼ିଛି ଏବଂ ଆଦିବାସୀ ସମାଜ ମଧ ଜାତୀୟ କଂଗ୍ରେସ ଦଳରେ ବହୁ ସଂଖ୍ୟାରେ ସାମିଲ ହେବା ପାଇଁ ଆଗ୍ରହ ସମର୍ଥନ ଓ ଉତ୍ସୁକତା ପ୍ରକାଶ ପାଉଥିବାର ଖବର ହସ୍ତଗତ ହେଉଥିବା ଜଣାଯାଉଛି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

ଭଞ୍ଜନଗର, ୩୦।୮(ନି.ପ୍ର): ସ୍ଥାନୀୟ ପ୍ରେସ କ୍ଲବରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା ଭଞ୍ଜନଗର ବ୍ଲକ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଧାନଶିକ୍ଷକ ସତ୍ୟବାନ ସାହୁ, କାମରାଜୁ ଗୌଡ଼ ଓ ପ୍ରଧାନଶିକ୍ଷୟିତ୍ରୀ ସରୋଜଲକ୍ଷ୍ମୀ ଦାସ ଯୋଗଦେଇ ଥିଲେ।

ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ନେଇ ଆନ୍ଦୋଳନ ଜାରି ରହିଥିବାବେଳେ ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ୧୯୪ ବିଦ୍ୟାଳୟକୁ ଅନୁଦାନ, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ, ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଗ୍ରେଡ-ପେ ର ସମୀକରଣ, ଅବସର ବୟସ ୬୨



କୁ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ ସଂଘର ନିଷ୍ପତ୍ତିକୁ ଦୃଢ଼ ସମର୍ଥନ କରାଯାଇଥିଲା । ଭାସ୍କର ପାଣି, ପ୍ରଦୀପ କୁମାର ଗୌଡ଼, ଶରତ କୁମାର ଦଳବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଭାସ୍କର ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ନୂଆଁଖାଇ ଭେଟଘାଟର ଦ୍ୱିତୀୟ ସନ୍ଧ୍ୟା, ଜଳନ୍ଧର ପଟେଲ ସମ୍ମାନିତ

ବିଜେପୁର,୩୦।୮(ନି.ପ୍ର): ନୂଆଁଖାଇ ଅବସରରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ବରମୁଣ୍ଡା ଗ୍ରାମରେ ଦୁଇଦିନ ଧରି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମର ଗୌନ୍ତିଆ ଚନ୍ଦ୍ରଗୁପ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଜୟକୃଷ୍ଣ ଡନସେନା, କବି କିଶୋର ସାହୁ, ଅହଲ୍ୟା ପଧାନ, ଶିକ୍ଷକ ଘନଶ୍ୟାମ ବାରିକ, ଧୃବରାଜ ଭୋଇ, ଓକିଲ ସୁଶାନ୍ତ ସାହୁ, ବରିଷ୍ଠ ଚାଷୀ କିଶୋରଚନ୍ଦ୍ର ନାଏକ, କଳାକାର ହାରଧନ ସାହୁ, ସରପଞ୍ଚ ସୁମନ୍ତ ବରର୍ତ୍ତୀ, ସମିତି ସଭ୍ୟ ବ୍ୟାସଦେବ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବହ୍ନିକନ୍ୟା ପାର୍ବତୀ ଗିରି ନାମରେ ବୃଦ୍ଧାଶ୍ରମ ପ୍ରତିଷ୍ଠା କରି ବୃଦ୍ଧବୃଦ୍ଧାଙ୍କ ସେବା କରୁଥିବା ଜଳନ୍ଧର ପଟେଲଙ୍କୁ ମିତ ମୈତର ସମ୍ମାନ, କୋଶଳ ରାଜ୍ୟର ଉଲଗୁଲାନ କରୁଥିବାର ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଓ ପ୍ରବାସୀ କୁଟୁମ୍ ଅନୁଷ୍ଠାନ ସଦସ୍ୟଙ୍କୁ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ସମ୍ମାନିତ କରାଯାଇଥିଲା।ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନିତା ନୃତ୍ୟାଙ୍ଗନା, ଢେଙ୍କାନାଳ ଓ ଡ. ଆଲୋକ କୁମାର ପଣ୍ଡା ଓ ଦଳ ଲୋକକଳା, ଲୋକ ଗୀତ ଓ ଲୋକନାଚ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲା। ଗ୍ରାମର କଳାକାରମାନେ ସମ୍ବଲପୁରୀ ନାଟକ ନିସାସ୍ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଡ. ବୃନ୍ଦାବନ ନାଏକ, ସୁବୁ ପଧାନ ମଞ୍ଚପରିଚଳନା କରିଥିଲେ। ବରମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।



## ମା ସାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ଆର୍ଥିକ ସହାୟତା

ଜଗତସିଂହପୁର,୩୦।୮(ନି.ପ୍ର): ଜଗତସିଂହପୁର ଜିଲ୍ଲା ମା ସାରଳା ଟେଣ୍ଟ ହାଉସ ମାଲିକ ସଂଘର ସଦସ୍ୟ ତଥା ବାଲିକୁଦା କଣିଆ ସ୍ଥିତ ପାର୍ବତୀ ଡେକୋରେଟର ଆଣ୍ଡ ସପ୍ଲାୟର୍ସର ମାଲିକ ପ୍ରଭାକର ସାହୁଙ୍କର ହଠାତ ଦେହ ଅସୁସ୍ଥ ହେବାରୁ କଟକ ବଡ଼ ଡାକ୍ତର ଖାନରେ ଚିକିତ୍ସା ହେଉଥିବା ବେଳେ ସେଠାରେ ପ୍ରଭାକର ମୃତ୍ୟୁବରଣ କରିଥିଲେ । ପ୍ରଭାକରଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ପ୍ରଭାକରଙ୍କ ପତ୍ନୀ ଉଷାରାଣି ସାହୁ ଏବଂ ଏକ ମାତ୍ର ପୁଅ ମନୋଜ କୁମାର ସାହୁ ପ୍ରଭାକରଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ପ୍ରଭାକରଙ୍କ ଜନ୍ମମାଟି ନିଜ ଗାଁ କଣିଆ ଠାରେ ଏକାଦଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ମା ସାରଳା ଟେଣ୍ଟ ହାଉସ ମାଲିକ ସଂଘ ଜିଲ୍ଲା ସଭାପତି ସମାଜସେବୀ ମଧୁ ସୁଦନ ସାହୁ, ଉପଦେଷ୍ଟା ଦିଲ୍ଲୀପ କୁମାର ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ଧୀରିଆ ନନା, ସୁକାନ୍ତ ପଣ୍ଡା, ମାୟାଧର ପରିଡା, ଶହ ସମ୍ପାଦକ ଅଲେଖ ବିଶୋଇ, ଗଣେଶ ପାଲ, ବିନୋଦ ଦାସ, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପ୍ରଭାକରଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣକରି ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାଥନା କରିଥିଲେ ।ଏହା ପରେ ମା ସାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ପ୍ରଭାକରଙ୍କ ପତ୍ନୀ ଉଷାରାଣିଙ୍କୁ ଜିଲ୍ଲା ସଭାପତି ମଧୁ ସୁଦନ ସାହୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।



## ଭଷାଣି ପୂର୍ବରୁ ଡିଜେ ଗାଡ଼ି ଥାନାରେ ଅଟକ

ଭଞ୍ଜନଗର,୩୦।୮(ନି.ପ୍ର): ଭଞ୍ଜନଗର ସହରର ବିଭିନ୍ନ ପୂଜା ମଣ୍ଡପରେ ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି ଗଣେଶ ପୂଜା। ଏବେ ଭଷାଣି ଉତ୍ସବକୁ ଜାକଜମକରେ କରିବା ପାଇଁ ସବୁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୋଲିସ୍ ପକ୍ଷରୁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ସେଥିମଧ୍ୟରେ ଆତସବାଜି ଓ ଡ଼ିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ଏସମ୍ପର୍କରେ ବିଭିନ୍ନ ପୂଜା କମିଟିକୁ ସଚେତନ ମଧ କରାଯାଇଛି। ତେଣୁ ବିଭିନ୍ନ ବାଦ୍ୟ, ଲୋକ କଳା ଓ ପାରମ୍ପରିକ ନୃତ୍ୟର ଚାହିଦା ବୃଦ୍ଧି ପାଇଛି। ଭଞ୍ଜନଗର ସହରରେ କେତେକ ପୂଜା କମିଟି ପକ୍ଷରୁ ଭଷାଣି କରାଯାଉଛି। ସେଥି ମଧ୍ୟରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ଭଷାଣି ପାଇଁ ଡ଼ିଜେ ଆଣିଥିବା ଦେଖି ପୋଲିସ ଶୋଭାଯାତ୍ରା ବାହାରିବା ପୂର୍ବରୁ ଉକ୍ତ ଡ଼ିଜେ ଗାଡ଼ିକୁ ଥାନାକୁ ଆଣି ଅଟକ ରଖି ତାଗିଦ କରିଥିବା ଜଣାପଡିଛି। ସରକାରୀ ନିର୍ଦ୍ଦେଶ ପ୍ରକାରେ ଆଗାମୀ ଦିନରେ ମଧ ଭଷାଣି ସମୟରେ ଡ଼ିଜେ ବାଜିବ ନାହିଁ ବୋଲି ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

## ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ



ଜଗତସିଂହପୁର,୩୦।୮ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବି ତଥା ପୂର୍ବତନ ଜିଲ୍ଲା ଶିକ୍ଷା ପରିଦର୍ଶକ ରସାନନ୍ଦ ସାହୁଙ୍କ ବିୟୋଗରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଶିକ୍ଷାବି ନିକୁଞ୍ଜ କିଶୋର ବେହେରା, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ସମାଜସେବୀ ବିଶ୍ୱଜିତ ପୋଥାଳ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ଇଂ ବେଦଦ୍ୟୁତି ପୃଷ୍ଟି, ସମିର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପ୍ରଧାନ ମନୋରଞ୍ଜନ ଜେନା, ୟମତିୟାତ ଅହମ୍ମଦ ଖାଁ, ସେଖ୍ ଅମିନୁସ ସାଜେଦିନ, ସେଖ୍ ହେଦାୟତ ଅଲ୍ଲୀ,ଅନୀକାନ୍ତ ମହାରଣା, ହିଫଜୁଲ ରହେମାନ, ଆଇନଜୀବି ତ୍ରିପୁରେଶ୍ୱର ମଲ୍ଲିକ, ସୌମ୍ୟରଞ୍ଜନ ବିଶ୍ୱାଳ, ବସନ୍ତ କୁମାର ଭୋଇ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସିଳନ୍ଦି ଗ୍ରାମରେ ଜନ୍ମଗ୍ରହଣ କରିଥିବା ରସାନନ୍ଦ ସାହୁ ଜଗତସିଂହପୁର ଜିଲ୍ଲା ଶିକ୍ଷା ପରିଦର୍ଶକ ଭାବରେ ଅବସର ଗ୍ରହଣ କରିବା ପରେ ଜଗତସିଂହପୁର ସହରର କୋର୍ଟ ଛକ ନିକଟରେ ଥିବା ନିଜ ଘରେ ରହୁଥିଲେ। ଶିକ୍ଷା ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ପାଇଁ ତାଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବୁଢ଼ୀ ଠାକୁରାଣୀ ମନ୍ଦିରର ନୂତନ ସିଂହ ବିଗ୍ରହ ପ୍ରତିଷ୍ଠା

ଛତ୍ରପୁର,୩୦।୮(ନି.ପ୍ର): ରିକାପଲ୍ଲୀ କଳ୍ପବାସିନୀପୀଠ ମନ୍ଦିର ର ଆରାଧ୍ୟ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ର ନୂତନ ସିଂହ ବିଗ୍ରହ ଦ୍ୱୟ ଏବଂ ନବର୍ନିମିତ ନୂତନ ସୋନ୍ଦର୍ଯ୍ୟକରଣ କୋଠରୀ ପ୍ରତିଷ୍ଠା ଉତ୍ସ ବର୍ଣ୍ଣାଢ଼୍ୟ ସମାରୋହରେ ପାଳିତ ହୋଇଯାଇଛି । ଏଥିରେ କର୍ମକାଣ୍ଡ ବିଶେଷଜ୍ଞ ପୂଜାପଣ୍ଡିତ ମନୋଜ୍ ଶତପଥୀ, ବାନୋଜ ଶତପଥୀ ପ୍ରମୁଖ ପୂଜା କର୍ମରେ ଅଧିଷ୍ଠିତ ହୋଇ ସମାଜର ମଙ୍ଗଳ କମାନାର୍ଥେ ଯଥା ପୂଜାର୍ଚ୍ଚନା, ଚଣ୍ଡୀ ସ୍ତୋତ୍ରପାଠ, ମନ୍ତ୍ରପାଠ ହୋମ୍ ଆଦି ସମାହିତ ସାଂଗକୁ ନୂତନ ସିଂହ ବିଗ୍ରହ ଦ୍ୱୟ ର ଉନ୍ମୋଚନ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଯାଇଛି । ଅଗଣିତ ଭକ୍ତଙ୍କ ସମାଗମ ଏବଂ ଅର୍ଣ୍ଣ ପ୍ରସାଦରେ ଆପ୍ୟାୟିତ ହୋଇ ଭକ୍ତି ଭାବରେ ଖୁସି ମନାଇଛନ୍ତି । ଶ୍ରୀ ଶ୍ରୀ ବୁଢ଼ୀ ଠାକୁରାଣୀ ମନ୍ଦିର କମିଟି ପକ୍ଷରୁ କର୍ମକର୍ତ୍ତା ଏବଂ ସଦସ୍ୟ ମଣ୍ଡଳୀ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ସକ୍ରୀୟ ସହଯୋଗ କରିଥିଲେ। କମିଟିର ସଭାପତି ସୁନୀଲ କୁମାର ଗୌଡ଼, ସମାଜସେବୀ ତଥା ଭକ୍ତ ଦୀପକ୍ ମୁଦୁଲି, ସେବକ ଦିବାକର ବେହେରା ପ୍ରମୁଖ ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସକ୍ରୀୟ ସହଯୋଗ କରିଥିଲେ । ବିଧାୟକଙ୍କ ହାତ ପାଣ୍ଠିରୁ କଳ୍ପବାସିନୀପୀଠର ଉନ୍ନତିକରଣ ନିମନ୍ତେ ତିନି ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ହେତୁ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଙ୍କୁ କମିଟି ଓ ଭଦ୍ରମଣ୍ଡଳୀଙ୍କ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି ।



## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୩୦।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଧିନ ଘାଟିପଲ୍ଲୀ ଗ୍ରାମରେ ଶନିବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସେହି ଗ୍ରାମର ସିଲୁ ବେହେରା (୨୫) ବୋଲି ଜଣାପଡିଛି। ସୂଚନାନୁସାରେ, ଘାଟିପଲ୍ଲୀ ଗ୍ରାମର କିଛି ଉତ୍ସାହି ଯୁବକଙ୍କ ଉଦ୍ୟମ କ୍ରମେ ଗ୍ରାମରେ ଚଳିତବର୍ଷ ଗଣେଷ ପୂଜା ଧୁମଧାମ୍ ପାଳନ ହୋଇଥିଲା।

ଶୁକ୍ରବାର ଗ୍ରାମରେ ପୂଜା ପାଉଥିବା ଗଜାନନଙ୍କ ମୂର୍ତ୍ତୀ ବିସର୍ଜନ କରାଯାଇଥିଲା। ଶନିବାର ପୂଜା ପେଣ୍ଡାଲ ଖୋଲା ଯାଉଥିଲା।

ଏହି ସମୟରେ ଅସାବଧାନତା ବଶତଃ ନିକଟରେ ଥିବା ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ ସିଲୁଛ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ



ଗଞ୍ଜାମ,୩୦।୮(ନି.ପ୍ର): ଗଞ୍ଜାମ ଏନଏସି ପୁଇଁତୋଳା ଗଣେଶପୂଜା କମିଟି ଓ ଗ୍ରାସୀମ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ଗଣେଶ ପୂଜା ଉପଲକ୍ଷେ ଏକ ରକ୍ତଦାନ ଶିବିର ଏବଂ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାସୀମ ଇଣ୍ଡଷ୍ଟ୍ରି ଇୟୁନିଟ ହେଡ୍ ଅଜୟ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବାସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ କମ୍ପାନୀ କର୍ମକର୍ତ୍ତା ନିରୋଜା ପଟ୍ଟନାୟକ, ସିଏସଆର ସୁସ୍ମିତା ବେହେରା, ରାଜେଶ କୁମାର ସାହୁ, ଆକାଉଣ୍ଟ ଅଫିସର ପବିତ୍ର ମହାପାତ୍ର, ପୂର୍ବତନ ଏନଏସି ଉପାଧ୍ୟକ୍ଷ ନିଲଞ୍ଜଳ ବାରିକ, ଶଙ୍କର ବାରିକ, ଆଇନଜୀବୀ ପଙ୍କଜ ବାରିକ, ସୁଦାମ ଜେନା, ଯୁବନେତା ସିଲୁ ଦାସ, ସୁଧୀର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଏମ୍‌କେଜିସି ମେଡିକାଲ ବ୍ଲଡବ୍ୟାଙ୍କ ପକ୍ଷରୁ ଏମଓ ରାମଚନ୍ଦ୍ର ମହାପାତ୍ର, ସତ୍ୟ ପ୍ରଧାନ, ଏଲଟି ଗୋପାଳ କୃଷ୍ଣ ପଣ୍ଡା ପ୍ରମୁଖ ୫୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଅଁଳା, ପିଜୁଳି, ଡାଳିମ୍ବ, ଆତ ଆଦି ୧୦୦ ଚାରା ରୋପଣ କରାଯାଇଥିଲା । ୟୁନିଟ ହେଡ୍ ଅଜୟ ଗୁପ୍ତା ବୃକ୍ଷ ରୋପଣର ଶୁଭାରମ୍ଭ କରିଥିଲେ। ପୂଜା କମିଟି ସଭାପତି ମିଥୁନ ବାରକ, ସମ୍ପାଦକ ଶ୍ରବଣ ବାରିକ, ପଙ୍କଜ ପଲେଇ, ସୁନୀଲ ପ୍ରମୁଖ ସହଯୋଗ କରିଥିଲେ।

## ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼

ଭଞ୍ଜନଗର,୩୦।୮(ନି.ପ୍ର): ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ। ଏଥିପାଇଁ ଭଞ୍ଜନଗର ସହର ଚଳଚଞ୍ଚଳ ହୋଇଉଠିଛି। ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗୀନ ଆଲୋକ ମାଳାରେ ସହର ଝଲସୁଛି। ବିଭିନ୍ନ ସାହି ଗଳିରେ ପୂଜା ଚାଲିଛି। ଭଞ୍ଜନଗର ଅଞ୍ଚଳରେ ୨୦୦ ଅଧିକ ସ୍ଥାନରେ ପୂଜା ପାଉଛନ୍ତି ଗଣେଷ। ଗଜାନନଙ୍କ ଦର୍ଶନ ନିମନ୍ତେ ପୂଜା ମଣ୍ଡପ ଗୁଡିକରେ ଭକ୍ତଙ୍କ ସମାଗମ ହେଉଛି।



ସ୍ଥାନୀୟ ଲାଲସିଂ ପଞ୍ଚାୟତ ସ୍ଥିତ ଛେଦାଭୂମି ରୋଡ୍ ଯୁବକ ସଂଘ ପକ୍ଷରୁ ଚଳିତ ବର୍ଷ ଏକ ନିଆରା ବେଶରେ ଗଣେଶଙ୍କ ମୂର୍ତ୍ତି ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏକ ବରଗଛ ତଳେ ଶିବ ଜଟାୟୁ ବେଶ ଧାରଣ କରି କୋଳରେ ଗଣେଶଙ୍କୁ ଧରି ବସିଛନ୍ତି। ଏହିପରି ନିଆରା ଢଙ୍ଗରେ ମୂର୍ତ୍ତି ତିଆରି କରିଛନ୍ତି ଢୁଢୁଆ ଗ୍ରାମ ସ୍ଥିତ ମୂର୍ତ୍ତି କାରିଗର ଶିବା। ସଂଘର ଯୁବକମାନେ ବର ଓହଳ ସଂଗ୍ରହ କରି ସାଜସଜା ନିମନ୍ତେ ବ୍ୟବହାର କରିଛନ୍ତି। ଚଳିତ ବର୍ଷ ୧ ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କାର ବଜେଟ ରହିଥିବା କହିଛନ୍ତି ସଂଘ ସଦସ୍ୟ। ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ଭସାଣିରେ ଡିଜେ ବ୍ୟବହାର ନ କରି ଢୋଲ ବାଜା ବାଜିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

## ଗଣେଶ ବଜାର ପୂଜା ମଣ୍ଡପରେ ବନ୍ଧୁମିଳନ

ଦଶପଲ୍ଲା,୩୦।୮(ନି.ପ୍ର): ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଗଣେଶ ବଜାର ପୂଜା ମଣ୍ଡପ ପ୍ରାଙ୍ଗଣରେ ୧୩ଟି ବଜାର କମିଟିର ସଦସ୍ୟଙ୍କ ସହିତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁ ମିଳନରେ ବିଜେପିର ବରିଷ୍ଠ ନେତା ରାଘବ ମଲ୍ଲିକ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ବଜାର କମିଟି ସଦସ୍ୟମାନଙ୍କ ସହିତ ମତବିନିମୟ କରି ବିକାଶ ଓ ସହଯୋଗ ଉପରେ ଆଲୋଚନା କରିଥିଲେ। ବଣିକ ମହାସଂଘ ତରଫରୁ ପ୍ରତିବର୍ଷ ଗଣେଶ ପୂଜା ଅବସରରେ ଏହିପରି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ କରାଯାଏ। ଏହି କାର୍ଯ୍ୟକ୍ରମ ଦ୍ୱାରା ବଜାର ସଂଗଠନମାନଙ୍କ ମଧ୍ୟରେ ଏକତା, ସମନ୍ୱୟ ଓ ମିଳିତ ଉଦ୍ୟମକୁ ବୃଦ୍ଧି ମିଳିଥାଏ। ଏହି ଅବସରରେ ବିଭିନ୍ନ ବଜାର କମିଟିର ଅଧ୍ୟକ୍ଷ, ସଦସ୍ୟ ଓ ସ୍ଥାନୀୟ ବଣିକମାନେ ଉପସ୍ଥିତ ଥିଲେ। ସମାରୋହର ଶେଷରେ ସଭାପତି ସବୁ ଅତିଥି ଓ ଅଂଶଗ୍ରାହୀଙ୍କୁ ଧନ୍ୟବାଦ ଓ ଆଭାର ଜଣାଇଥିଲେ।

**NOTICE**

BY virtue of an affidavit before the EXECUTIVE MAGISTRATE BHADRAK on Dated 30th Aug 2025 , I, Mrs. MONALISHA SWAIN aged about 36 yrs W/o Prasanta Kumar Dash Address ACHARYA NAGAR, BHADRAK-756100, ODISHA , I have changed my Daughters name from "RAKSHITA DASH to "RITVIKA DASH" . Henceforth, she will be known as "RITVIKADASH" for all purposes.
**MONALISHA SWAIN**

## କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫'' ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ କାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

### ନିବେଦନ

୧ ସକରର ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡ଼ି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ ଜାଗଜ ନିର୍ମିତ ଚା କପ ବ୍ୟବହାକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଯ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାର ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି' କୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।

୫ ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାର ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି
ନିର୍ବାହୀ ଅଧିକାରୀ

# ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ପ୍ରୋଗ୍ରାମ



ଆଲେପେ,୩୦।୮ଏଜେନ୍ସି): ଭାରତ ସରକାରଙ୍କ ଏମଏସଏମଇର କଏର ବୋର୍ଡ ମନ୍ତ୍ରାଳୟ ଆନୁକୂଲ୍ୟରେ ରପ୍ତାନୀ ପ୍ରମୋସନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଦୁଇ ଦିନିଆ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ପ୍ରୋଗ୍ରାମ ଆଲ୍ଲିପେ ଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନିଲ ରାଜ, ଆଇଆରଏସ,ଡେପୁଟୀ କମିଶନର ,କୋଚିନ କଷ୍ଟମସ ଉଦଘାଟନ କରିଥିଲେ । କଏର ରପ୍ତାନୀ କ୍ଷେତ୍ରରେ ଷ୍ଟେକହୋଲ୍ଡର୍ସଙ୍କ ଜ୍ଞାନ ଓ କ୍ଷମତା ବୃଦ୍ଧି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହା ସହିତ ଏକ ପଲିସ ଓରିଏଣ୍ଟେଡ ଓ ଟେକନିକାଲ ସିରିଜ ଅଧିବେସନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ୍ସପୋର୍ଟ ଡକୁମେଣ୍ଟେସନ ଓ ପ୍ରୋସିଡ୍ୟୁଅର, ବୈଦେଶିକ ଟ୍ରେଡ ନୀତି, ଅନ୍ତର୍ଜାତୀୟ ଟ୍ରେଡରେ କ୍ରେଡିଟ ରିସ୍କ ଓ ମ୍ୟାନେଜମେଣ୍ଟ ଏବଂ ଫିଟୋ-ସାର୍ଟିଫିକେସନ ପ୍ରସଙ୍ଗ ଉପରେ ଆଲେଚନା ହୋଇଥିଲା। କଷ୍ଟମସ, ଡିଜିଏଫଟି, ଇସିଜିସି,ଏଫଆଇଇଓ, ପ୍ଲାଣ୍ଟ କ୍ୱାରେଣ୍ଟାଇନ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏସବିଆଇ ଓ ଜିଏସଟି ଡିଭିଜନର ବିଶେଷଜ୍ଞମାନେ ଏହି ପ୍ରସଙ୍ଗ ଉପରେ ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଆଲୋକପାତ କରିଥିଲେ। ସିଜିଏସଟି ଆଣ୍ଡ କଷ୍ଟମସର ମୁଖ୍ୟ କମିଶନର ଏସ,କେ ରହମନ, ଆଇଆରଏସ, ତିରୁବନନ୍ତପୁରମ ଜୋନ କଏର ରପ୍ତାନିକାରୀ ,ନିର୍ମାତା ଓ ଷ୍ଟେକହୋଲ୍ଡର୍ସଙ୍କ ସହିତ ସ୍ୱତନ୍ତ୍ର ମତ ବିନିମୟ କରି ଗ୍ଲୋବଲ ଟ୍ରେଡ ପରିବେଶରେ ଶିଳ୍ପ ଚାଲେଞ୍ଜ ଓ ସୁଯୋଗ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ସେହିପରି କେ କାଲିମୁଥୁ, ଆଇଆରଏସ, ସିଜିଏସଟି କମିଶନର ,ତିରୁବନନ୍ତପୁରମ ଓ ଗୁରୁକରନ ସିଂ ,ବିଁନସ, ଆଇଆରଏସ, କଷ୍ଟମସ,କୋଚିନର କମିଶନର ଉଦବୋଧନ ଦେଇ କଏର କ୍ଷେତ୍ରର ଆଧୁନିକୀକରଣ ତଥା ବୃଦ୍ଧି ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ଏହା ସହିତ ଓ.ଏଲ ଶାନମୁଗାସୁନ୍ଦରମ ,ଡାଇରେକ୍ଟର, ଆରଡିଟିଇ ଓ କଏର ବୋର୍ଡର ଏକସପୋର୍ଟ ମାର୍କେଟିଂ ଡେପୁଟୀ ଡାଇରେକ୍ଟର କେ,ଭି ରେଜି ଷ୍ଟ୍ରାଟେଜିକ ମାର୍କେଟିଂ, କଏର ବୋର୍ଡର ପ୍ରୟାସ ଓ ସପୋର୍ଟ ମେକାନିଜିମ ଉପରେ ଆଲୋଚନା ପାଇଁ ପ୍ରତିନିଧିଙ୍କୁ ସମର୍ଥନ କରିଥିଲେ।

# ବାଲିଯାତ୍ରା କଟକ ଉତ୍ସବ ପ୍ରସ୍ତୁତି ପାଇଁ ପ୍ରଶାସନର ପ୍ରାଥମିକ ବୈଠକ

କଟକ, ୩୦।୮(ନି.ପ୍ର.): ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ବାଲିଯାତ୍ରାର ପ୍ରସ୍ତୁତି ନିମନ୍ତେ ଏହି ପ୍ରାକ୍ ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତମାନର କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବାଲିଯାତ୍ରା କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ନୋଡ଼ାଲ ଅଧିକାରୀ ଭାବେ ଦାୟିତ୍ୱ ବହନ କରିବେ । ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଂଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତାକର୍ଷକ କରିବା, କଟକ ଇନ କଟକକୁ ଅଧିକ ଜନାଦୃତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଉଠାଦୋକାନୀଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଭାଗିଦାର ଓ ଯାତ୍ରୀମାନଙ୍କ ନିମନ୍ତେ ଉପଯୋଗୀ ଯୋଜନାମାନ ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଆଜିର ଏହି ପ୍ରାଥମିକ ବୈଠକରେ ସିଏମସି କମିଶନର କିରଣଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ ଦିବ୍ୟଲୋଚନ ମହନ୍ତି, ଅତିରିକ୍ତ ଜିଲ୍ଲାପାଳ ଡ ଇସ୍ମିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ ବେହେରା, କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦ୍ମଶ୍ରୀ ତୁଳସୀ ମୁଣ୍ଡା 'ପ୍ରାଚୀ ସମାଜସେବୀ ସମ୍ମାନ'ରେ ସମ୍ମାନିତ



କଟକ,୩୦।୮(ନି.ପ୍ର.): ପ୍ରାଚୀ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସମାଜସେବୀ ଓ ପ୍ରଖ୍ୟାତ ସମାଜ ସୁଧାରକ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଆଦିବାସୀ ବିକାଶ ସମିତି ବଡବିଲ, କେନ୍ଦୁଝରଠାରେ ମାନପତ୍ର ଓ ଉପଢୌକନ ପ୍ରଦାନ କରି 'ପ୍ରାଚୀ ସମାଜସେବୀ' ସମ୍ମାନରେ ସମ୍ମାନିତ କରାଯାଇଛି। ପଦ୍ମଶ୍ରୀ ମୁଣ୍ଡା ଆଦିବାସୀ ଅଞ୍ଚଳର ଅବହେଳିତ, ଅନଗ୍ରସର ବର୍ଗଙ୍କ ସାମଗ୍ରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରି ଚାଲିଛନ୍ତି। ଆଦିବାସୀ ବିକାଶ ସମିତି ବିଦ୍ୟାଳୟ ସହିତ ସତରଟି ବିଦ୍ୟାଳୟ ପ୍ରତିଷ୍ଠା କରି ଅଦିବାସୀ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନାଲୋକର ଅରୁଣାଭା ପଦ୍ମଶ୍ରୀ ମୁଣ୍ଡା ପ୍ରଦାନ କରିପାରିଛନ୍ତି। ଜଙ୍ଗଲର ରକ୍ଷଣାବେକ୍ଷଣ, ଜଳସଂରକ୍ଷଣ ଓ ଏହାର ସଦୁପୋଯୋଗ ଉପରେ ସେ ଗୁରୁତ୍ୱ ଦେଇଆସିଛନ୍ତି। ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ସମାଜସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ସେ ତ୍ୟାଗ, ପ୍ରେମ, ଶାନ୍ତି, ଧୈର୍ଯ୍ୟ ଓ ସହବସ୍ଥାରେ ପ୍ରତିମୂର୍ତ୍ତିରେ ପରିଣତ ହେଇପାରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ସଭାରେ ପ୍ରଫେସର ଡ. ମନ୍ଦାକିନୀ ଦାସ, ଡ. ଦ୍ୱୀପାୟନ ପଟ୍ଟନାୟକ, ଡ.ଦୀପକ ଦାଶ ଓ ହୃଦାନନ୍ଦ କୁଅଁର ଯୋଗଦାନ କରି ସମାଜସେବାରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଅୀବଦାନ ସର୍ମ୍ପକରେ ଆଲୋକପାତ କରିଥିଲେ। ମାନସ ରାଉତ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଦାମ ଲେଙ୍କା ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶୁଭେଚ୍ଛା ବାର୍ତ୍ତା ଜଣାଇ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରଥିଲେ ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ।

# ନିଶାସକ୍ତ ଯୁବପିଢ଼ିକୁ ଘାଇଲା କରିଛି କଫ ସିରପ

କଟକ, ୩୦।୮(ନି.ପ୍ର.): ଯୁବ ସମାଜ ହେଉଛି ଦେଶର ଭବିଷ୍ୟତ । ସାଂପ୍ରତିକ ସମୟରେ ଯୁବଶକ୍ତିର ଗୁରୁତ୍ୱ ସର୍ବତ୍ର ଉପଲବ୍ଧ ହୋଇଥାଏ । ଯେଉଁ ଦେଶ ପ୍ରଗତିଶୀଳ ସେ ଦେଶର ଯୁବସମାଜକୁ ସେତେ ମାତ୍ରାରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିଥାଏ । ମାତ୍ର, ପାଶ୍ଚାତ୍ୟ ଦେଶମାନଙ୍କର ଉଗ୍ର ଆଧୁନିକତା ସଂସ୍କୃତିର ବଶବର୍ତ୍ତୀ ହୋଇ ଆଜି ଯୁବ ସମାଜର କିଛି ଅଂଶ ପଥଭ୍ରଷ୍ଟ ହୋଇଯାଇଛି । ପାଠ ପଢ଼ାରେ ତୀବ୍ର ପ୍ରତିଦ୍ୱନ୍ଦିତା, ବ୍ୟବସାୟରେ ଅସଫଳତା, ପ୍ରେମରେ ବିଫଳତା, ଆଶା ଆକାଂକ୍ଷାକୁ ପୂରଣ କରିବାରେ ଅସାମର୍ଥ୍ୟ ତଥା ସମାଜ ସହ ତାଳ ଦେଇ ଚାଲି ନପାରି ନୂତନ ପିଢ଼ିର କିଛି ଯୁବକ ଯୁବତୀ ମାନସିକ ଭାରସାମ୍ୟ ହରାଇ ଆଦରି ନେଇଛନ୍ତି ନିଶାର ଆଶ୍ରୟ । ଏହାଛଡ଼ା କର୍ପୋରେଟ କଲଚରରେ ନିଶା ସେବନ ଏକ ଦରକାରୀ ଅଂଶ ଭାବେ ମନେକରି ସହରର ଅନେକ ଯୁବପିଢ଼ି ସଂପ୍ରତି ବିଭିନ୍ନ ପ୍ରକାର ନିଶାସେବନ କରୁଥିବା ପରିଲକ୍ଷିତ ହେଉଛି । କଫ ସିରପଠୁ ଆରମ୍ଭ କରି ଭାଙ୍ଗ, ଗଂଜେଇ, ମଦ, ବ୍ରାଉନସୁଗାର ପ୍ରଭୃତି ନିଶା ସେବନରେ ସେମାନେ ନିଜକୁ ହଜାଇ ଦେଉଛନ୍ତି । ନିଶା ସାମଗ୍ରୀଗୁଡ଼ିକ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସହଜରେ ବର୍ତ୍ତମାନ ଉପଲବ୍ଧ ହେଉଛି । ଫଳରେ ଆଜିର ବହୁ ଯୁବକ କଫ ସିରପ ନିଶାର ଶିକାର ହେଉଛନ୍ତି । ବିଶେଷକରି କୋରେକ୍ସ କଫ ସିରପକୁ ନିଶା ଭାବେ ବ୍ୟବହାର କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସିରଫରେ ଥିବା କୋଡ଼ିନ ଫସପେଟର ପ୍ରଭାବରେ ନିଶା ଆସିଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ସ୍ୱଳ୍ପ ମୂଲ୍ୟ ସହିତ ସହଜରେ ଉପଲବ୍ଧ ହେଉଥିବାରୁ ନିଶାସକ୍ତ ଯୁବକମାନଙ୍କ ପାଇଁ ଏହା ପ୍ରଥମ ପସନ୍ଦ ପାଲଟିଛି । ନିକଟରେ ସ୍ଥାନୀୟ ବାଦାମବାଡ଼ି ଅଂଚଳରୁ ପୋଲିସ ପାଖାପାଖି ୧୦୦୦ବୋତଲ କୋରେକ୍ସ କଫସିରପ ଜବତ କରିଥିଲା । ଏହାଛଡ଼ା ବଜାରରେ ମିଳୁଥିବା ଶସ୍ତା ନିଦ ବଟିକାକୁ ଅନେକ ନିଶା ଭାବେ ବ୍ୟବହାର କରୁଛନ୍ତି । ସିଗାରେଟ ଓ ଗୁଟଖା ସେବନ ଆଜିକାଲି ସାଧାରଣ ଘଟଣା ହୋଇସାରିଛି ।

ନିଶା ମଣିଷର ଶରୀର ଓ ମନ ଉପରେ ବହୁ କୁପ୍ରଭାବ ପକାଇଥାଏ । ମଣିଷକୁ ଅପରାଧପ୍ରବଣ କରିବା, ଅର୍ଥନୈତିକ ଜୀବନ ବିପର୍ଯ୍ୟସ୍ତ ହେବା, ପାରିବାରିକ ଅଶାନ୍ତି ବୃଦ୍ଧି ପାଇବା, ସାମାନ୍ୟ କଥାରେ ଉତେଜିତ ହୋଇପଡ଼ିବା, ଶରୀର ଦୁର୍ବଳ ହେବା ପ୍ରଭୃତି ନିଶା ସେବନର କୁପରିଣାମ ହୋଇଥାଏ । ନିଶା ସେବନର କୁପରିଣାମ କେବଳ ନିଶାସକ୍ତ ଭୋଗ କରେନାହିଁ, ଭୋଗ କରିଥାଏ ସମଗ୍ର ସମାଜ ।

ନିଶା ନିବାରଣ ପାଇଁ ସୁଚିନ୍ତିତ ଯୋଜନାର ଆବଶ୍ୟକତା ରହିଛି । ଆଇନର ସହାୟତା ଓ ଜନ ସଚେତନତା ମାଧ୍ୟମରେ ଏହା ସମ୍ଭବ ହୋଇପାରିବ । ସଂପ୍ରତି ପୋଲିସ ପକ୍ଷରୁ ଅପରେସନ ଗଜ ମାଧ୍ୟମରେ ସହରରେ ଅବୈଧ ନିଶା ସାମଗ୍ରୀର ମହଜୁଦ, ବିକ୍ରୟ ଓ ପରିବହନକୁ ରୋକିବା ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଜଣା ପଡ଼ିଛି । ନିଶାସକ୍ତ ଯୁବକମାନଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ ପାଇଁ ସହରରେ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଉଦ୍ୟମରେ ନିଶା ନିବାରଣ କେନ୍ଦ୍ରମାନ ଖୋଲା ଯାଇଛି । ଏହି କେନ୍ଦ୍ରମାନଙ୍କରେ ଆଧୁନିକ ଚିକିତ୍ସା ପଦ୍ଧତି ସହିତ କାଉନସେଲିଂ ମାଧ୍ୟମରେ ଚିକିତ୍ସା କରାଯାଇ ନିଶା ନିବାରଣ କରାଯାଇଥାଏ ବୋଲି ଜଣାପଡ଼ିଛି । ଅଭିଭାବକ, ସ୍ୱେଚ୍ଛାସେବୀ ସଂଗଠନ ଓ ପ୍ରଶାସନର ମିଳିତ ଉଦ୍ୟମରେ ହିଁ ସଚେତନତା ସୃଷ୍ଟି କରି ସମାଜରୁ ନିଶା ନିବାରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇ ପାରିବ ବୋଲି ବହୁ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି ।

# ୮୪ ଘର ଅଘରିଆ ସମାଜ ପକ୍ଷରୁ ୫୦ ଡାକ୍ତର ସମ୍ବର୍ଦ୍ଧିତ



ବଲାଙ୍ଗୀର,୩୦।୮(ନି.ପ୍ର.): ବଲାଙ୍ଗିର ଜିଲ୍ଲା ୮୪ ଘର ଅଗ୍ରିଆ ସମାଜ ଟ୍ରଷ୍ଟ ତରଫରୁ ଏକ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ କନ୍ଧପାଲି ସ୍ଥିତ ଅଘରିଆ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଏସ. ପି. ସିକୁରିଟି ନରେଶ କୁମାର ପଟେଲ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଡାକ୍ତର ତଥା ଭୂମିଦାତା ଲୋକେଶ୍ୱର ସାଏ ଯୋଗଦେଇ ସମ୍ବର୍ଦ୍ଧିତ ଡାକ୍ତରଙ୍କୁ ସେବା କରିବାର ଧାରା ଉପରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ସେବା ଓ କର୍ତ୍ତବ୍ୟକୁ ଠିକ୍ ଭାବରେ ବିନିଯୋଗ କଲେ ରୋଗୀଙ୍କ ଦୁଃଖ ଅଧା ମିଠା କଥାରେ ଆରୋଗ୍ୟ ହୁଅନ୍ତି ବୋଲି ବକ୍ତବ୍ୟ ରଖିଥିଲେ । ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ସମାଜ ସହିତ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ସମାଜକୁ ଆଗକୁ ନେବାକୁ ସହଯୋଗ କରିବା ନେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଆହ୍ୱାନ କରିଥିଲେ । ଏ ବର୍ଷ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ରାଷ୍ଟ୍ରପତି ପଦକ ପାଇଥିବାରୁ ସମାଜର ଗର୍ବ ଓ ଗୌରବ ଯୋଗୁଁ ବଲାଙ୍ଗିର ଜିଲ୍ଲା ଅଘରିଆ ସମାଜ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକାର୍ଯ୍ୟକୁ ପରିଚାଳନା ଓ ସଂଯୋଜନା କରିଥିଲେ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ। ଯୁବାମଞ୍ଚ ସଭାପତି ପ୍ରମୋଦ କୁମାର ପଟେଲ, ପୁସ୍ତକ କମିଟି ମୁଖ୍ୟ ସନ୍ତୋଷ କୁମାର ରାଉତ, ବିବେକାନନ୍ଦ ପଟେଲ ଭକ୍ତ ଚରଣ ନାଏକ, ଶିବାନନ୍ଦ ସାଏ, ମନୋଜ କୁମାର ନାଏକ, ରାଜକିଶୋର ପଟେଲ ଓ ଭକ୍ତରାମ ପଟେଲ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ମାନିତ କରିବାରେ ସହଯୋଗ କରିଥିଲେ । ଯୁବାମଞ୍ଚର ସମସ୍ତ ସଭ୍ୟ, ଉପଦେଷ୍ଟା ମଣ୍ଡଳୀ, ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା, କେନ୍ଦ୍ର କମିଟି, ମହିଳା ମଞ୍ଚ, କୃଷକ ମଞ୍ଚ, ଶିକ୍ଷା କମିଟି, ନିର୍ମାଣ କମିଟି ର ସଭ୍ୟ ସଭ୍ୟା ସହଯୋଗ କରିଥିଲେ । ଶେଷରେ ଉପ ସଭାନେତ୍ରୀ ଲିଲି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜର ଏତାଦୃଶ କାର୍ଯ୍ୟକଳାପକୁ ସମସ୍ତେ ପ୍ରଶଂସା କରୁଛନ୍ତି।

## ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ ପ୍ରତି ପାଠକ ଜଣେ ଅବିକଶିତ ଲେଖକ

# ଗାଳ୍ପିକ ଜ୍ୟୋତି ନନ୍ଦଙ୍କ ଗଳ୍ପବହି ବାପା ଓ ସୋଫା ଉନ୍ମୋଚିତ




ଭୁବନେଶ୍ୱର,୩୦।୮(ନି.ପ୍ର.): ଆତ୍ମଜୀବନୀ ଓ ବିବରଣୀ ତଥା ଆବେଗ ବ୍ୟତୀତ ସମକାଳୀନ ଓଡ଼ିଆ ଗଳ୍ପ ଅଧିକ ଉପରକୁ ଯିବା ଦରକାର ବୋଲି ବିଶିଷ୍ଟ କଥାଶିଳ୍ପୀ ଶ୍ରୀ ଜ୍ୟୋତି ନନ୍ଦ ମତ ଦେଇଛନ୍ତି। ଆଜି ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ମାସିକୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଲେ ଯେ ଗଳ୍ପକାରୀତାରେ ମଧ୍ୟ ସୂଚନା ଓ କୃତ୍ରିମତା ରହିବା ଆବଶ୍ୟକ । ଲେଖକ ମନେ ରଖିବା ଉଚିତ ଯେ ପ୍ରତି ପାଠକ ଜଣେ ଅବିକଶିତ ଲେଖକ । ପ୍ରତି କାହାଣୀର ଗଠନ- ଶୈଳୀ ଓ ଦ୍ୱନ୍ଦ୍ୱ ନିର୍ମାଣ ଉପରେ ଲେଖକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକବାପା ଓ ସୋଫା ପାଠକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଥାକାର ପ୍ରଦୀପ୍ତ କୁମାର ମିଶ୍ର ପୁସ୍ତକ ସମ୍ପର୍କରେ ସମୀକ୍ଷାତ୍ମକ ଆଲୋଚନା କରିଥିଲେ । ଲେଖକ ଶ୍ରୀ ପଟ୍ଟନାୟକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏ ମାସର କବି ଭାବରେ ତରୁଣ କବି ଜିତୁ ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଧାରାଣୀ ସରକାର ଓ ସ୍ନେହ ଦାସ ଲେଙ୍କାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଜୟ ମହାପାତ୍ର, ମନୋରଞ୍ଜନ ପାଣିଗ୍ରାହୀ, ଅଲେଖ ଚରଣ ରାଉତ, ସୁବ୍ରତ ସେନାପତି, ଶୈଳେନ୍ଦ୍ର ଜେନା, ସୁଶାନ୍ତ ଷଡ଼ଙ୍ଗୀ, ଜୟନାରାୟଣ ନନ୍ଦ, ତୃପ୍ତିମୟୀ ରାଉଳ, ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ, ଇତିଶ୍ରୀ ପତି,ସୁଷମା ଦାସ, ରମେଶ ପଟ୍ଟନାୟକ,ଅକ୍ଷୟ ସାହୁ, ଅରୁଣ ଡାକୁଆ, ଚିନ୍ମୟ ନାୟକ କଳ୍ପନା ମହାରଣା , ନବୀନ ସୂତ୍ରଧର ପ୍ରମୁଖ ଲେଖା ପାଠ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପରଲୋକ-ଗତ ବିନୋଦ ପଶାୟତ ଓ ବିପିନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା ।

# ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ



କେନ୍ଦ୍ରାପଡ଼ା,୩୦।୮(ନି.ପ୍ର.): ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତଙ୍କ ଆକ୍ରମଣ କରାଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ସଦର ଥାନା ଅଧିନ ଜମଧର ଗ୍ରାମପଞ୍ଚାୟତର ବଳଭଦ୍ରପୁର ଗ୍ରାମର କୈଳାସ ଚନ୍ଦ୍ର ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ଦୁହୁରିଆଛକସ୍ଥିତ ତାଙ୍କ ମାଛଦୋକାନ ସମ୍ମୁଖରେ ଶୁକ୍ରବାର ପ୍ରାୟ ଅପରାହ୍ନ ଗୋଟାଏ ସମୟରେ କେତେକ ଲୋକ ସଙ୍ଘବଦ୍ଧ ହୋଇ ଲୋକମାନଙ୍କ ଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ। କୈଳାସ ଏହା ଦେଖି ଚାନ୍ଦାଆଦାୟକାରୀଙ୍କୁ କହିଲେ ଯେ ତାଙ୍କ ଦୋକାନ ଆଗରୁ ଦୂରକୁ ଯାଇ ଚାନ୍ଦା ଆଦାୟ କର। ଏଥିରେ ସେମାନେ ରାଗିଯାଇ କୈଳାସକୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତଳେ ପକାଇଦେଇ ମରଣାନ୍ତଙ୍କ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଗୁରୁତର ଭାବେ ଆହତ ହୋଇଥିଲେ। କୈଳାସର ପାଟିଶୁଣି ସ୍ଥାନୀୟ ଲୋକେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏସମ୍ପର୍କରେ ସଦର ଥାନା ଅଧିକାରୀଙ୍କୁ ପଚାରିବାରେ ସେ କହିଥିଲେ ଯେ ଆମେ ଅଭିଯୋଗ ପାଇ ତଦନ୍ତ କରୁଛୁ। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଗଣେଷ ପୂଜା ବୁଲି ଦେଖିଲେ ବିଧାୟକ କଳିକେଶ ନାରାୟଣ ସିଂହଦେଓ



ବଲାଙ୍ଗିର,୩୦।୮(ନି.ପ୍ର.): ବଲାଙ୍ଗିର ଜିଲ୍ଲାପରିଷଦ ଅଫିସ ଠାରେ ଶ୍ରୀ ସିଦ୍ଧିବିନାୟକ ଗଣେଷ ପୂଜା କମିଟି ତରଫରୁ ଆୟୋଜିତ ଗଣେଷ ପୂଜା ଦର୍ଶନ କଲେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ପୌରାଧ୍ୟକ୍ଷା ଲିକା ସାହୁ ଏବଂ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, କାଉନସିଲର ମହେନ୍ଦ୍ର ବାଗ, କାଉନସିଲର ନନ୍ଦିନୀ ପୋଡ, ଅରୁଣା ମେହେର ଓ ସଭାପତି ସାଗର ସଙ୍ଗମ ସତପଥୀ ସହିତ ପୂଜା କମିଟି ର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଜରିପାଲ ତଳେ କଟୁଛି ଜୀବନ, ଡିବିରି ଆଲୁଅରେ ୩ ଶିଶୁଙ୍କ ଭାଗ୍ୟ



ଆଳି,୩୦।୮(ନି.ପ୍ର.): ସରକାର ଗରିବ କଲ୍ୟାଣ ଯୋଜନାରେ ଅସହାୟ ଅଭାବୀ ପରିବାରକୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଥିବା ନେଇ ଡିମଡିମ ପିଟୁଥିବା ବେଳେ କୋଉଠି ନା କୋଉଠି ତାହା ବାଟମାରଣା ଭଳି ମନେହୁଏ. ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କଲେ ବି କିଛି ସୁଫଳ ମିଳେନାହିଁ । ଏମିତି ଏକ ଦୁର୍ଭାଗ୍ୟପୂର୍ଣ ବାସ୍ତବ ଘଟଣା ର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଳି ବ୍ଲକ ଅନ୍ତର୍ଗତ କଳସପୁର ଗାଁ ର ଲତା ଦାସଙ୍କ ପରିବାର କ୍ଷେତ୍ରରେ । ଲତା ଦାସଙ୍କ ପରିବାର କହିଲେ ସ୍ୱାମୀ ରତିକାନ୍ତ ଦାସ ଦୁଇଜଣ ୯ ଓ ୧୧ ବର୍ଷୀୟ ପୁଅ ସହିତ ଗୋଟିଏ ୮ ବର୍ଷ ର ଝିଅ କୁ ମିଶାଇ ପାଞ୍ଚପ୍ରାଣୀ କୁଟୁମ୍ବ । ପରିବାରର ମୁଖ୍ୟ ରତିକାନ୍ତ ଦିନ ମଜୁରିଆ ଭାବେ ଅନ୍ୟ କାହାର ଭଡା ଗାଡି ଚଳେଇ ନିଜର ପରିବାର ପ୍ରତିପୋଷଣ କରୁଥିଲା ବେଳେ ବାରମ୍ବାର ତାଙ୍କ ଦେହ ଅସୁସ୍ଥତା କାରଣରୁ ପ୍ରତ୍ୟେକ ଦିନ କାମକୁ ଯାଇ ନ ପାରି ଘରେ ରହୁଛନ୍ତ। ପରିବାର ବୋଝରେ ଛନ୍ଦି ହୋଇ ନିଜର ଜାଗାବାଡି ଖଣ୍ଡେ ନ ଥିବାରୁ କଳସପୁର ରିଂ ବନ୍ଧ ପାଖ ରାସ୍ତା କଡ଼ରେ ଜରିପାଲ ଟାଣି ଭଙ୍ଗା ଚାଳ ଛପର ଛୋଟିଆ କୁଡ଼ିଆରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଯାହା ଆପଣ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବେନି । ବିଜୁଳି ସଂଯୋଗ ନ ଥିବାରୁ ରାତିରେ ଘର ଅନ୍ଧାର ଫଳରେ ୩ଟି ପିଲାଙ୍କ ପାଠପଢା ରେ ବ୍ୟାଘାତ। ଡିବିରି ଆଲୁଅ ଟିକକ ସାହାଭରସା ରେ ୩ ଟି ପିଲାଙ୍କ ସୁନେଲି ଭବିଷ୍ୟତ ର ସ୍ୱପ୍ନ । ବନ୍ଧ କଡ଼ରେ ପାଲ ଟାଣି ରହିଥିବାରୁ ବର୍ଷାଦିନ ହେତୁ ସରୀସୃପ ଙ୍କ ଭୟ ମଧ୍ୟ ପରିବାରକୁ ପ୍ରତି ରାତିରେ ଉଜାଗର ରଖୁଛି । ବିଜୁଳି ଆଲୁଅ ଟିକକ ପାଇଁ ଭୂଇଁପୁର ବିଦ୍ୟୁତ ସେକ୍ସନ ପାଖରୁ ଆରମ୍ଭ କରି କେନ୍ଦ୍ରାପଡ଼ା ର ପୂର୍ବତନ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କୁ ଗୁହାରି କରି ବିଜୁଳି ଆଲୁଅ ଟିକେ ପାଇଁ ହାତଲେଖାର ପ୍ରତିଶୃତି ଆଣିଥିଲେ ସୁଧା ଭୂଇଁପୁର ବିଦ୍ୟୁତ ସେକ୍ସନର ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ବିଜୁଳି ଆଲୁଅ ଟିକେ ମିଳିପାରୁନି । ରାଜ୍ୟ ସରକାର ଙ୍କ ବହୁମୁଖୀ ଗରିବ କଲ୍ୟାଣ ଯୋଜନା ଯେମିତି ଏହି ପରିବାର ପାଇଁ ପ୍ରହସନ ପାଲଟିଛି । ଭୂମିହୀନଙ୍କୁ ଜମି ଯୋଗାଇଦେବାକୁ ସରକାର ଯୋଜନା ପ୍ରସ୍ତୁତ କରିଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଏହାର ଫାଇଦା ନ ମିଳି ବଡ଼ବଡିଆ ବାବୁଙ୍କୁ ପଞ୍ଚା ମିଳୁଛି । ସ୍ଥାୟୀ ଜାଗା ଖଣ୍ଡିକ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡେ ମିଳିପାରୁନି । ବାରମ୍ବାର ତହସିଲ ଠାରୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା କେହି ତାଙ୍କ ଗୁହାରି ଶୁଣୁ ନଥିବା ଲତା ଦାସ ଅଭିଯୋଗ କରିଛନ୍ତି । କେଉଁ କାରଣରୁ ଏଭଳି ଅସହାୟ ପରିବାର କୁ ଅଣଦେଖା କରାଯାଉଛି ତାହା ତଦନ୍ତ ସାପେକ୍ଷ । ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶୃତି ପାଣିରେ ଗାର ସଦୃଶ ପାଲଟିଛି। ଏନେଇ ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କ ରେ ଅବଗତ ନଥିବା ବେଳେ ତୁରନ୍ତ ସେ ପରିବାରକୁ ଚିହ୍ନଟ କରାଯାଇ ଯାହା ସରକାରୀ ସୁବିଧା ହେଇପାରିବ ସେ ପରିବାରକୁ ଯୋଗାଇଦେବାକୁ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।

# ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ନିଶ୍ଚିତ କରିବା ଦାବିରେ ନାଗରିକ କନଭେନସନ




କଟକ, ୩୦।୮(ନି.ପ୍ର.): ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଦାବିରେ ଆଜି ସ୍ଥାନୀୟ ଗାନ୍ଧୀଭବନଠାରେ ଏକ ନାଗରିକ କନଭେନସନ ଅନୁଷ୍ଠିତ ହୋଇଯାଇଛି । ଆଡ଼ଭୋକେଟ ଶର୍ମିଷ୍ଠା ନାଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କନଭେନସନରେ ଶିକ୍ଷାବିତ ଡ ସୁଶାନ୍ତ ଦାସ, ବରିଷ୍ଠ ସାମ୍ବାଦିକ ଡ ସତ୍ୟ ରାୟ, ଶିକ୍ଷାବିତ ଡ ରାଜଶ୍ରୀ ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଚିତ୍ତରଂଜନ ମହାନ୍ତି, ଯୁଗଳ କିଶୋର ନାୟକ, ମଞ୍ଜୁଲତା ଜେନା, ଇଂ କ୍ଷୀରୋଦ ମହାପାତ୍ର, ନୟନା ମହାନ୍ତି, ଅନୁସୟା ମହାରଣା, ପୁଷ୍ପିତା ମହାନ୍ତି, କଳ୍ପନା ରାଉତ, ଅମୃତା ଦାସ, ଆଡ଼ଭୋକେଟ ସୁକାନ୍ତ ନାୟକ, ପ୍ରତିମା ଦାସ, ପ୍ରତାପ ଦାସ, ଶିକ୍ଷାବିତ ରଂଜନ ଲେଙ୍କା, ଅଧ୍ୟାପକ ଡ ବିଭୂତି ଭୂଷଣ ନାୟକ, କବି ଅର୍ଜ୍ଜୁନ ଜେନା, ଅକ୍ଷୟ ରାହୁଳ, ଶିକ୍ଷୟତ୍ରୀ ନସିଫା ବେଗମ, ନାରୀନେତ୍ରୀ ମାଳବିକା ସାମଲ ଓ ଛାତ୍ରନେତା ତରୁଣ ସେନ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସାମାଜିକ କର୍ମୀ ବବି ବଳବନ୍ତ ରାୟ କନଭେନସନର ଭିତ୍ତିପତ୍ର ପାଠ କରିଥିଲେ ।

# ବ୍ରହ୍ମପୁର ସାଂସଦଙ୍କ ସିଦ୍ଧି ବିନାୟକ ପୀଠ ଦର୍ଶନ



ବ୍ରହ୍ମପୁର,୩୦।୮(ନି.ପ୍ର): ସ୍ଥାନୀୟ ହିଲ୍‌ପାଟଣାସ୍ଥିତ ଶ୍ରୀ ସିଦ୍ଧ ବିନାୟକ ପୀଠକୁ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଆଜି ସନ୍ଧ୍ୟାରେ ଦର୍ଶନ କରି ମନ୍ଦିର କମିଟି ସହ ଅନୁଷ୍ଠାନର ବିକାଶ ନେଇ ଆଲୋଚନା କରିଥିଲେ। ମନ୍ଦିର କମିଟିର ସୁଶାନ୍ତ କୁମାର ସାବତ, ରଘୁପ୍ରସାଦ ପାଣିଗ୍ରାହୀ, ରତ୍ନାକର ସାବତ, ସମର ପାତ୍ର, ଅଶୋକ ପଣ୍ଡା, ଲଳିତ ମହାପାତ୍ର, ଭଗବାନ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଅନ୍ତିମ ଇଚ୍ଛା

**ବିନୋଦ**

ସମୃଦ୍ଧ(!) ବିଶ୍ୱର ଦାବାନଳ ଭିତରେ ଆବହମାନ ଚିତ୍କାରର ସ୍ୱରଲିପି ସଜାଡୁଥିଲେ ମନମୋହନ।

ଅଗନାଅଗନି ବନସ୍ତରେ ବାସ କରୁଥିବା ଦରିଦ୍ର, ନିଷ୍ପେସିତ ଜନଗଣଙ୍କ ଦୁର୍ଦ୍ଦଶାଠାରୁ ଆରମ୍ଭକରି ସହରାଞ୍ଚଳର ବିକାଶରେ ସାମିଲ ହୋଇପାରି ନଥିବା ପୀଡ଼ିତ ବର୍ଗ ଲାଗି ବେଶ୍ ଚିନ୍ତିତ ଥିଲେ ମନମୋହନ। ଆଜୀବନ ସଂଗ୍ରାମର ପର୍ବରେ ନିଜକୁ ରଞ୍ଜିତ କରିଥିବା ମନମୋହନଙ୍କ ତ୍ୟାଗ, ଅଙ୍ଗୀକାର, ବିପ୍ଳବାନ୍ୱିତ ଚେତନା, ଅପୂର୍ବ ଜନସଂଗ୍ରାମର ପ୍ରତୀକ ଭାବେ ଚର୍ଚ୍ଚିତ ମନମୋହନଙ୍କ ପ୍ରତିଟି ସ୍ୱେଦ ବିନ୍ଦୁ କହିବାକୁ ସକ୍ଷମ ଥିଲା ତାଙ୍କର ଜୀବନ ପୃଷ୍ଠାର ଅବିଚଳ ଅଭିବ୍ୟକ୍ତି।

ମନମୋହନଙ୍କ ଜୀବନ ଥିଲା ଖୋଲା ବହି। ଆଜି ନୁହେଁ, କାହିଁ କେତେ ଆଗରୁ ତାଙ୍କର ଜୀବନ ସଂଗ୍ରାମର କାହାଣୀ ସମସ୍ତେ ଜାଣନ୍ତି । ନିଜ ଲାଗି ନୁହେଁ ବରଂ ଅନ୍ୟ ଲାଗି ତ୍ୟାଗପୂତ ଥିବା ମନମୋହନଙ୍କ ନିରବଚ୍ଛିନ୍ନ ଯାତ୍ରାରେ କେବେ ବି ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ଅଜସ୍ର ଦୁଃଖ, କଷ୍ଟ, ଯାତନା, ସନ୍ତାପ ଭିତରେ ସେ ଦେଖିବାକୁ ଚାହିଁଛନ୍ତି ଏକ ନୂଆଦୁନିଆର ଚିତ୍ରପଟ। ମାନବ ସମାଜର ରକ୍ତ ରଞ୍ଜିତ ଇତିହାସର ଧାରା ଏବେ ବି ସତେଜ। ବିକାଶର ଅଦମନୀୟ ପର୍ବରେ ଝଡ଼ିପଡୁଥିବା ଜୀବନର ଅଧିକାର ପୂରଣ, କ୍ଷୁଧିତ ନରନାରୀଙ୍କ ମୁହଁରେ ହସ ଫୁଟାଇବା, ସବୁଥିରୁ ବଞ୍ଚିତ ଶ୍ରମଜୀବୀମାନଙ୍କ ଜୀବନାଲେଖରେ ଆଲୋକ ଖେଳାଇବା ଥିଲା ମନମୋହନଙ୍କ ସର୍ବଶ୍ରେଷ୍ଠ ମୂଲ୍ୟବୋଧର ଅନ୍ୟତମ ପ୍ରତୀକ।

ଦୁନିଆର ଶ୍ରମଜୀବୀ ବିପ୍ଳବ, ଅଦମନୀୟ ଶ୍ରେଣୀ ସଂଗ୍ରାମର ଲୋହିତ ପର୍ବ, ଅନେକ ମୁକ୍ତି ଆନ୍ଦୋଳନର ଜୟଯାତ୍ରା ସମ୍ପର୍କରେ ଅଭିଜ୍ଞ ଥିଲେ ମନମୋହନ। ମଧ୍ୟଯୁଗୀୟ ଝଡ଼ ମଧ୍ୟରେ ଶୋଷିତ ବିଶ୍ୱ ଇତିହାସର ପର୍ଯ୍ୟାୟ ପର୍ଯ୍ୟାୟ ଇତିହାସ ମଧ୍ୟରେ ଶ୍ରମଜୀବୀ ଜନତାର ଉତ୍‌ଥାନକୁ ବେଶ୍ ଅବଲୋକନ କରିଥିଲେ। ଫ୍ରାନ୍ସରେ ବାସ୍ତିଲ ଦୁର୍ଗର ପତନ ହେଉ ବା ବ୍ରିଟେନରେ ଶିଳ୍ପ ବିପ୍ଳବ, ଋଷରେ ସମାଜବାଦୀ ବିପ୍ଳବ ହେଉ ବା ଜର୍ମାନୀରେ ନାଜି ବିରୋଧୀ ସଂଗ୍ରାମ... ସବୁକିଛିକୁ ଐତିହାସିକ ଶାଣିତ ଭଙ୍ଗୀରେ ବିଶ୍ୱ ଦୃଷ୍ଟିକୋଣରୁ ବିଚାର କରିଆସିଥିଲେ।

ଜୀବନ କାଳରେ ଲୋହିତ ମୁକ୍ତି ସଂଗ୍ରାମର ଧ୍ୱଜା ଉଡ଼ାଇ ସମାଜରେ ଶ୍ରେଣୀ ବିପ୍ଳବକୁ ତ୍ୱରାନ୍ୱିତ କରିବାର ଯେଉଁ ବିଶାଳ ଅବଦାନ ତାହାର ଅନନ୍ୟ ଉଦାହରଣ ଥିଲେ ମନମୋହନ। କ୍ୱଚିତ ନେତାଙ୍କଠାରେ ଏହା ଦେଖିବାକୁ ମିଳିଥାଏ। କ୍ଷମତା ଜର୍ଜରିତ ମାନସିକତା ପର୍ବରେ ଆଜିକାଲି ନିଜର ଦୃଷ୍ଟିଭଙ୍ଗୀକୁ ଜାରଜ କରି ପକାଉଥିବା ନେତାମାନଙ୍କଠାରୁ ସେ ଭିନ୍ନ ଥିଲେ। ନଚେତ ଅତୀବ ଦୁଃଖକଷ୍ଟରେ ନିଜେ ଚଳିବା ସହ ପରିବାର ଏତେ ଦୁର୍ଦ୍ଦିନରେ ରହି ନଥାନ୍ତା।

ମନମୋହନଙ୍କ ଜୀବନ ପୃଷ୍ଠା ଖୋଲା । ତାଙ୍କ ଘରକୁ ସର୍ବସାଧାରଣଙ୍କ ଆତଯାତ ଥାଏ। ବିଶେଷ କରି ସମସ୍ୟାରେ ପଡ଼ିଥିବା ଶ୍ରମଜୀବୀଙ୍କ ଲାଗି ସେ ଥିଲେ ସଂଗ୍ରାମର ପ୍ରତୀକ। କେଉଁଠି ଶ୍ରମିକ ଛଟେଇ ହେଲା, କେଉଁଠି ତାଲାବନ୍ଦ ଘଟିଲା, କେଉଁଠି ଶ୍ରମିକ ଦୁର୍ଘଟଣାରେ ଆହତ ହେଲା, କେଉଁଠି ଶ୍ରମିକଙ୍କ ଲାଗି ସରକାର ଜନମାରଣ ନୀତି ଅବଲମ୍ବନ କରୁଛନ୍ତି... ଏସବୁ ପ୍ରତି ବେଶ୍ ନିଘା ରଖିଥାନ୍ତି ମନମୋହନ। ଏହା ସହଜ କଥା ନୁହେଁ। ତଥାପି ଯାହାର ଜୀବନ ଯେଉଁଥି ପାଇଁ ଗଢ଼ା ସେ ସେଥିରୁ ବିରତ ହେବେ କିପରି?

ଦିନେ ସହରରେ ପ୍ରତିଷ୍ଠିତ ଏକ ବୃହତ୍ କାରଖାନାରେ ଅସନ୍ତୋଷ ବ୍ୟାପିଲା। ମଜୁରୀ ହ୍ରାସ, ଛଟେଇ ଆଦି ସମସ୍ୟା ଲାଗି ରହିଥିଲା। ବେପରୁଆ ପରିଚାଳନା ଯୋଗୁ ହନ୍ତସନ୍ତ ହେଲେ ଶ୍ରମିକ। ଶେଷରେ ପଚାଶରୁ ଅଧିକ ଶ୍ରମିକଙ୍କୁ ଛଟେଇ କରିଦେଲା ପରିଚାଳନା କର୍ତ୍ତୃପକ୍ଷ। ଶ୍ରମିକମାନେ କରିବେ କ'ଣ ? କିପରି ସେମାନେ ପରିବାର ପ୍ରତିପୋଷଣ କରିବେ?

ଶ୍ରମିକ ଆନ୍ଦୋଳନ ଜୋର ଧରିଲା। ଗୋଟିଏ ପଟେ ମାଲିକର ଜିଦ୍– ଶ୍ରମିକ ଛଟେଇ କରାଯିବ। ଅନ୍ୟ ପଟେ ଶ୍ରମିକ ସଂଘର ଜିଦ୍– ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଦିଅ।

ଶ୍ରମିକମାନଙ୍କ ନେତୃତ୍ୱ ନେଉଥିଲେ ମନମୋହନ। ତାଙ୍କ ଲାଗି ଏହା ଏକ ଅଗ୍ନି ପରୀକ୍ଷା ଥିଲା। ନିଜର ଶାଣିତ ଯୁକ୍ତି, ଦୃଷ୍ଟିଭଙ୍ଗୀ, ସଂଗ୍ରାମର ବିଚାରଧାରାକୁ ପାଥେୟ କରି ଆନ୍ଦୋଳନକୁ ଆଗେଇ ନେଉଥିଲେ ମନମୋହନ।

ତାଙ୍କ ଜୀବନରେ ଏହା ପ୍ରଥମ ନୁହେଁ। ଅନେକ ସଂଗ୍ରାମ ତାଙ୍କ ନେତୃତ୍ୱରେ ସଂଗଠିତ ହୋଇଛି। କିଛିଟାରେ ପରାଜୟ ତ ଅନେକ କ୍ଷେତ୍ରରେ ହୋଇଛି ବିଜୟ। ବିଜୟ ପରାଜୟ ତ ଲାଗି ରହିବ। ମାତ୍ର ସଂଗ୍ରାମର ଯେଉଁ ଗତିଧାରା ତାହା ସେ ବେସାଲିସ୍‌ମୂଳକ ଏହା ସ୍ୱଷ୍ଟ । ମନମୋହନଙ୍କ ନେତୃତ୍ୱ ଉପରେ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବା ସମ୍ଭବ ନୁହେଁ । ଯେଉଁମାନଙ୍କ ଲାଗି ସେ ଜୀବନ ଦେଇଛନ୍ତି ସେମାନଙ୍କ ସାମଗ୍ରିକ ସ୍ୱାର୍ଥ ହିଁ ତାଙ୍କ ଜୀବନର କାମ୍ୟ। କୌଣସି କ୍ଷେତ୍ରରେ ପ୍ରଲୋଭନ, ଧମକ, ଆର୍ଥିକ ଫାଇଦାକୁ ଆପଣାଇ ନାହାଁନ୍ତି ମନମୋହନ। ଏଥିପାଇଁ ତ ସେ ପାଲଟିଛନ୍ତି ସର୍ବପୂଜ୍ୟ ନେତା।

ଛଟେଇ ଶ୍ରମିକଙ୍କ ଲାଗି ଦୀର୍ଘ ଦିନ ଧରି ଚାଲିଲା ଆନ୍ଦୋଳନ, ଅନଶନ, ଧର୍ମଘଟ। ତଥାପି ମାଲିକ ବେପରୁଆ।

ଦିନେ ରାତିରେ ମନମୋହନ ଘରେ ରହିଥାନ୍ତି। ସେହିଦିନ ତାଙ୍କ ଘରେ ସମସ୍ୟା ସବୁଦିନଠୁ ବଳି ଯାଇଥାଏ। ପୁଅର ଦେହ ଅତ୍ୟନ୍ତ ଖରାପ। ଘରେ ନାନା ପ୍ରକାର ଆର୍ଥିକ ସମସ୍ୟା। ନିଜ ଦେହରେ ବି ଜ୍ୱର। ଘଡ଼ିଏ ବଞ୍ଚିଲେ ଦିନେ ବଞ୍ଚିବା ପରି ସ୍ଥିତି। ବାହାରେ ସାମାନ୍ୟ ବର୍ଷା ଲାଗି ରହିଥାଏ।

ହଠାତ୍ କେହି ତାଙ୍କ କବାଟରେ ଆଘାତ କଲା।

ମନମୋହନ ନିଜେ ଯାଇ କବାଟ ଖୋଲିଲେ। ସାଧାରଣତଃ ପ୍ରତିଦିନ କେହି ନା କେହି ତାଙ୍କ ଘରକୁ ଆସିଥାନ୍ତି। ଶ୍ରମିକଙ୍କ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ସେ ପରାମର୍ଶ ଦେଇଥାନ୍ତି। ଆବଶ୍ୟକ ସ୍ଥଳେ ନିଜେ ଯାଇ ଏହାର ସମାଧାନ କରିଥାନ୍ତି।

ସେ ଦେଖିଲେ ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ଘରକୁ ଆସିଛନ୍ତି । ସେ କିନ୍ତୁ ଶ୍ରମିକଙ୍କ ପରି ଦେଖାଯାଉ ନଥାନ୍ତି ।

ମନମୋହନ ତାଙ୍କୁ ଘର ଭିତରକୁ ଡାକିବା ସହ ଆସିବାର ଉଦ୍ଦେଶ୍ୟ ପଚାରିଲେ।

ସେ କିନ୍ତୁ ଯେ ଶ୍ରମିକ ସମସ୍ୟା ନେଇ ଆସିଥିଲେ ଏହା ଜଣାପଡ଼ିଲା ନାହିଁ। କିଛି ସମୟ ଅତିକ୍ରାନ୍ତ ହେଲା।

ଆଶ୍ଚର୍ଯ୍ୟ ହେଲେ ମନମୋହନ। ଉକ୍ତ ଆଗନ୍ତୁକଙ୍କ ଲାଗି ସେ ଦ୍ୱନ୍ଦ୍ୱରେ ପଡ଼ିଗଲେ। ଜଣେ ଅପରିଚିତ ବ୍ୟକ୍ତି ହୋଇ ସେ ଯେଉଁ ସବୁ କଥା କହୁଥିଲେ ତାହାକୁ ମନମୋହନ ସହଜରେ ଗ୍ରହଣ କରିପାରୁ ନଥିଲେ।

ଆଗନ୍ତୁକଙ୍କ କହିବାର କଥା ହେଲା– ମନମୋହନ ଶ୍ରମିକ ଅନ୍ଦୋଳନରୁ ଓହରିଯାଆନ୍ତୁ। ଧର୍ମଘଟ ହଟାଇ ନିଅନ୍ତୁ। ଆଉ ଏଥିଲାଗି ମାଲିକଙ୍କ ପକ୍ଷରୁ ମିଳିତ ଆର୍ଥିକ ପୁରସ୍କାର। ଏହି କ୍ଷଣରେ ବି ସେ ଆଣିଥିବା ଦୁଇ ଲକ୍ଷ ଟଙ୍କା ବି ମନମୋହନଙ୍କୁ ଦିଆଯିବ।

ଏହା ଶୁଣି ମନମୋହନଙ୍କ କ୍ରୋଧ କାହିଁ କୁଆଡ଼େ ବଢ଼ିଗଲା। ପ୍ରକମ୍ପିତ ଶରୀରରେ ଭୟଙ୍କର ଗର୍ଜନ କଲେ। ତାଙ୍କ ପାଟି ଶୁଣି ପରିବାରର ସଦସ୍ୟମାନେ ଉଠିଆସିଲେ।

ଏ କ'ଣ ? ମନମୋହନଙ୍କ ଆଗରେ ଥୁଆ ହୋଇଛି ଟଙ୍କା ବିଡ଼ା। ଏତେ ଟଙ୍କା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସାରା ଜୀବନ କାଳରେ ସେମାନେ ଏତେ ଟଙ୍କା କେବେ ବି ଦେଖି ନଥିଲେ। ପରିବାର ସଦସ୍ୟ ଏସବୁ ଦେଖି କିଛି ବୁଝିପାରୁ ନଥିଲେ ଘଟଣା କ'ଣ?

ମନମୋହନ ଏହା ଯେ କରିବେ କାହାରି କଳ୍ପନାରେ ନଥିଲା। ସେ ସବୁତକ ଟଙ୍କା ବିଡ଼ାକୁ ଆଗନ୍ତୁକଙ୍କ ଉଦ୍ଦେଶ୍ୟରେ ଫୋପାଡ଼ି ଦେଲେ। କହିଲେ– ତାଙ୍କ ଜୀବନରେ ଏହା କେବେ ହୋଇନାହିଁ। ଶ୍ରମିକଙ୍କ ସ୍ୱାର୍ଥ ଲାଗି ଯିଏ ସାରା ଜୀବନ ସବୁ କିଛି ତ୍ୟାଗ କରିଛି ତାକୁ କ'ଣ ଟଙ୍କାରେ କିଣାଯାଇପାରିବ?

ବିଚାରା ଆଗନ୍ତୁକ ରାଗ ତମତମ ହୋଇ ଟଙ୍କାତକ ଉଠାଇ ଏକା ନିଶ୍ୱାସେକେ ସେଠାରୁ ଚାଲିଗଲା।

ମନମୋହନ ଧଡ଼ କରି କବାଟଟା ଦେଇଦେଲେ।

ମନମୋହନ ସେହି ଆଗନ୍ତୁକକୁ ଏପରି ବ୍ୟବହାର ପ୍ରଦର୍ଶନ କରିଥିବାରୁ ନିଜକୁ ନିଜେ ଦୋଷ ଦେଲେ। ତା'ର ବିଚାରା ଭୁଲ୍ କ'ଣ ? ସେ ଅନ୍ୟ ଜଣଙ୍କ ପ୍ରରୋଚନାରେ ଆସିଥିଲା। ସବୁ ଭୁଲ୍ ଏହି ସମାଜର। ସବୁଠି ସ୍ୱାର୍ଥର ବିଭୀଷିକା। କାହା ଲାଗି କେହି ନୁହଁନ୍ତି। ଅନ୍ୟର ପେଟରେ ଲାତ ମାରିବାକୁ ସମସ୍ତେ। ଅନ୍ୟର ପେଟରେ ମୁଠାଏ ଦାନା ଲାଗି ସମସ୍ତେ କୁଣ୍ଠିତ। ମଣିଷର ତ ବିଚିତ୍ର ଚରିତ୍ର ସବୁଠି।

ମନମୋହନଙ୍କୁ ସେହିଦିନ ରାତିରେ ନିଦ ହେଲାନି। ଉକ୍ତ କମ୍ପାନୀର ମାଲିକର ସାହସ କେତେ? ଟଙ୍କା ଦେଇ ଶ୍ରମିକ ନେତାଙ୍କୁ କିଣିବାର ଅନେକ ଉଦାହରଣ ଅଛି। ମାତ୍ର ମନମୋହନଙ୍କ କ୍ଷେତ୍ରରେ ତାହା ହୋଇପାରିବ ନାହିଁ। ସେ ଅନ୍ୟ ଉପାଦାନରେ ଗଢ଼ା।

ଆନ୍ଦୋଳନର ତରିକା ବଦଳିଲା। ସାଧାରଣ ଅନଶନବଦଳରେଆରମ୍ଭ ହେଲା ତେଜିୟାନ ଆନ୍ଦୋଳନ। ଅଧିକ ଉଗ୍ର ହେଲା ଶ୍ରମିକ ସଂଗଠନ। ଏହି ଆନ୍ଦେଳନ ଲାଗି ଅନ୍ୟ ସଂଗଠନ ବି ସାମିଲ ହେଲେ। ପ୍ରମାଦ ଗଣିଲେ କାରଖାନା କର୍ତ୍ତୃପକ୍ଷ।

ଫଳ ଏହା ହେଲା ଯେ ଶେଷରେ ଶ୍ରମିକ ସଂଗଠନର କଥା ରହିଲା। ଶ୍ରମିକମାନେ ଦୀର୍ଘ ଆନ୍ଦୋଳନ ପରେ ବିଜୟୀ ହେଲେ।

ମନମୋହନଙ୍କ ସହ ଅନ୍ୟ ଯେଉଁ ନେତା ଜଣକ ଆନ୍ଦୋଳନର ଅଗ୍ରଭାଗରେ ଥିଲେ ସେ ହେଉଛନ୍ତି ନବକିଶୋର। ଅନ୍ୟତମ ଶକ୍ତିଶାଳୀ ନେତା। ସାଂଗଠନିକ ଶକ୍ତି ଅମାପ। ସରକାରୀ ଦଳ ବି ତାଙ୍କୁ ଖାତିର କରୁଥିଲା। ନବକିଶୋରଙ୍କ ଉପରେ ଅନେକ ସମୟରେ ନିର୍ଭର କରୁଥିଲେ ମନମୋହନ। ମନମୋହନଙ୍କଠାରୁ ଅନେକ ବିଷୟ ଯଦିଓ ନବକିଶୋର ଶିଖୁଥିଲେ ତଥାପି ତାଙ୍କର ଶକ୍ତିଶାଳୀ ସାଙ୍ଗଠନିକ ଭୂମିକା ଯୋଗୁ ସେ ଖ୍ୟାତ ଥିଲେ। ନବକିଶୋରଙ୍କୁ ନେଇ ମଧ୍ୟ ମନମୋହନ ନିଜକୁ ଗର୍ବ ଅନୁଭବ କରୁଥିଲେ। କାରଣ ସବୁକଥାରେ ସେ ଏକାକୀ ନେତୃତ୍ୱ ନେବା ସମ୍ଭବ ହେଉ ନଥିଲା। ନବକିଶୋରଙ୍କୁ ଦାୟିତ୍ୱ ଦେଇ ସେ ସାମାନ୍ୟ ଆଶ୍ୱସ୍ତ ହେଉଥିଲେ।

ପରିଣତ ବୟସରେ ଅନେକ ଚିନ୍ତିତ ଥିଲେ ମନମୋହନ । କାରଣ ସେ ସାରା ଜୀବନ ଲଢ଼େଇ ଯେଉଁଥିପାଇଁ କରିଛନ୍ତି ସେ ସେଥିରେ ସଫଳ ହୋଇଛନ୍ତି କି ନାହିଁ ଜାଣନ୍ତିନି। ମାତ୍ର ଏ କଥା ସତ ଯେ ସେ ନିଜର ଜୀବନକୁ ନିଜ ଲାଗି କେବେ ବି ବ୍ୟବହାର କରିନାହାନ୍ତି। ସେ ଅନ୍ୟର ଜୀବିକା, ପେଟ, ପରିବାର ଲାଗି ହିଁ ତ୍ୟାଗ କରିଛନ୍ତି। ସମସ୍ତ ପ୍ରଲୋଭନକୁ ସେ ଦୂରେଇ ଦେଇଛନ୍ତି। ସମସ୍ତ ସ୍ୱାର୍ଥ ପରିତ୍ୟାଗ କରିଛନ୍ତି। ଏଥିଲାଗି ସେ ନିଜକୁ ସାନ୍ତ୍ୱନା ଦେବା ହିଁ ସାର ହେଉଥିଲା।

ଦିନେ ସନ୍ଧ୍ୟାରେ ଘରେ ମନମୋହନ ବସିଥାନ୍ତି । ଏହି ସମୟରେ ଆସିଲେ ନବକିଶୋର।

ତାଙ୍କୁ ଦେଖି ମନମୋହନ ଭାରି ଖୁସି ହେଲେ । ଚିରାଚରିତ ଢଙ୍ଗରେ ତାଙ୍କୁ ବସିବାକୁ କହିଲେ।

କଥାବାର୍ତ୍ତା ଛଳରେ କିନ୍ତୁ ନବକିଶୋର ଏପରି ଯୁକ୍ତି ଆଡ଼କୁ ଯାଉଥିଲେ ଯାହାକୁ ମନମୋହନ ବିଶ୍ୱାସ କରିପାରୁନଥିଲେ। କାରଣ ପ୍ରଥମ ଥର ଲାଗି ନବକିଶୋର ଭିନ୍ନ ଭିନ୍ନ ଆଲୋଚନା ଦିଗରେ ମନମୋହନଙ୍କୁ ଟାଣୁଥିଲେ।

....କାହିଁକି ଏ ତ୍ୟାଗ ? କ'ଣ ମିଳିବ ଏଥିରୁ? ଆମେ କ'ଣ ପାଇଲେ ? ଇତ୍ୟାଦି।



ଯେଉଁ ନବକିଶୋର ଦିନେ ମନମୋହନଙ୍କଠାରୁ ନିର୍ଦ୍ଦେଶ ପାଇବା ମାତ୍ରେ ସାଙ୍ଗଠନିକ ଉଦ୍ଦାମତା ମଧ୍ୟରେ ଲମ୍ଫ ପ୍ରଦାନ କରୁଥିଲେ, ଶହଶହ ଶ୍ରମିକଙ୍କ ନେତୃତ୍ୱ ନେବାକୁ ଆଗଭର ହେଉଥିଲେ ସେହି ନବକିଶୋରଙ୍କ ବିଭିନ୍ନ ନକାରାତ୍ମକ ଯୁକ୍ତି ଶୁଣି ମନମୋହନ ନିଜକୁ ନିଜେ ବିଶ୍ୱାସ କରିପାରୁ ନଥିଲେ।

କାହିଁକି ଏ ପରିବର୍ତ୍ତନ ? ଅନେକ ଆନ୍ଦୋଳନର ସାରଥିଙ୍କ ନିକଟରେ କାହିଁକି ଏହି ମାନସିକତା?

ତାଙ୍କ କହିବାର କଥା ହେଲା– ତ୍ୟାଗ ବହୁତ ହୋଇଗଲା। ଏଣିକି ନିଜ ଲାଗି କିଛି କରିବାକୁ ହେବ। ଲାଲ ପତାକା ଛାଡ଼ି ଶାସକ ଦଳ ପତାକା ଧରିବାକୁ ପଡ଼ିବ।

ମନମୋହନ ଆଉ ସହି ପାରିଲେ ନାହିଁ। ଇତି ମଧ୍ୟରେ ନବକିଶୋର ଯେ ନିଜର କ୍ରାନ୍ତିକାରୀ ଚେତନା ଛାଡ଼ି ବୁର୍ଜୁଆ ଚେତନାର ବଶବର୍ତ୍ତୀ ହେଲେଣି ଏହା ସ୍ପଷ୍ଟ ହେଉଥିଲା। ଖୁବ୍ ଶୀଘ୍ର ସେ ସଂଗଠନ ଛାଡ଼ିବେ ବୋଲି ନିଶ୍ଚିତ ହୋଇସାରିଥିଲେ ମନମୋହନ।

ମନମୋହନ ଜାଣନ୍ତି ମଣିଷ ଏକ ସ୍ୱାର୍ଥବାଦୀ ପ୍ରାଣୀ। ନିଜ ସ୍ୱାର୍ଥ ଲାଗି ସେ ସବୁ କିଛି କରିପାରେ। ଜୀବଜଗତର ଏକମାତ୍ର ପ୍ରାଣୀ ହେଉଛି ମଣିଷ ଯିଏକି ପ୍ରତି କ୍ଷଣରେ ନିଜର ମାନସିକତା ପରିବର୍ତ୍ତନ କରିଥାଏ। ଆଉ ନବକିଶୋର ବାଦ୍ ଯିବେ କିପରି ?

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଲେ ମନମୋହନ ଏଥିପାଇଁ ଯେ, ଶ୍ରମଜୀବୀଙ୍କ ଲାଗି ଅନର୍ଗଳ କହିପାରୁଥିବା, ଶ୍ରମିକ ଦଳର ଆନ୍ତର୍ଜାତୀୟ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଅଜସ୍ର ଜ୍ଞାନ ହାସଲ କରିଥିବା ନବକିଶୋର ଅନ୍ୟ ଦଳକୁ ଯିବେ।

ପରେ ପରେ ନବକିଶୋରଙ୍କ ଉଦ୍ଦେଶ୍ୟରେ ନମସ୍କାର କରିଦେଲେ ମନମୋହନ। ନିଜ ଆଡୁ ତାଙ୍କୁ ବିଦାୟ ଦେଲେ।

ମାତ୍ର ନବକିଶୋର ତାଙ୍କୁ କହିଲେ– ସେ ବି ଚାହିଁଲେ ସରକାରୀ ଦଳକୁ ଯାଇପାରିବେ। ବାଟ ଖୋଲା ଅଛି।

ଏହା ଶୁଣି ମନମୋହନ ଚମକିପଡିଲେ। ବସିଥିବା ଚୌକିରୁ ଉଠିପଡ଼ି ତୁରନ୍ତ ସେଠାରୁ ଚାଲିଯିବା ଲାଗି କହିଲେ। ସେ କୌଣସି ପରିସ୍ଥିତିରେ ଶ୍ରମିକ ସଂଗଠନ ଛାଡ଼ି ଅନ୍ୟ ଦଳକୁ ଯାଇପାରିବେ ନାହିଁ ।

ଶେଷରେ ନିରୁପାୟ ହୋଇ ସେଠାରୁ ବିଦାୟ ନେଲେ ନବକିଶୋର।

ନବକିଶୋରଙ୍କ ବିଦାୟ ପରେ ମନମୋହନଙ୍କୁ ଲାଗିଲା ସେ ଆଶ୍ୱସ୍ତ ହୋଇଛନ୍ତି । ଏପରି ସାମାଜିକ ଦଲାଲମାନଙ୍କଠାରୁ ଯଥାସମ୍ଭବ ଦୂରରେ ରହିବା ଲାଗି ମାନସିକତା ବଳିଷ୍ଠ କଲେ ।

କିଛି ଦିନ ବିତିଲା। ଅବିଚଳ ମନମୋହନଙ୍କ ଆନ୍ଦୋଳନ ଆଗକୁ ମାଡ଼ି ଚାଲିଲା। ବେସାଲିସ୍ ଚିନ୍ତାନାୟକଙ୍କ ଅମୃତ ଭାବନାରେ ଶ୍ରମିକ ସଂଗଠନର କ୍ରାନ୍ତିକାରୀ ଚେତନା ଅଧିକ ବଳିଷ୍ଠ ହେଲା।

ନବକିଶୋର ଅନ୍ୟ ଦଳକୁ ଚାଲିଗଲେ। ଯେଉଁ ଲୋକଟି ଦିନେ ରାଜପଥରେ ଶ୍ରମିକ ସଂଗଠନର ନେତୃତ୍ୱ ନେଇ ସରକାର ବିରୋଧରେ ଗର୍ଜନ କରୁଥିଲା ସେହି ଲୋକଟି ଏବେ ସରକାରଙ୍କ ବଚସ୍କର ହୋଇଗଲା। ସରକାରଙ୍କୁ ପ୍ରଶଂସାରେ ପୋତି ପକାଇଲା। ନିଜର ସମସ୍ତ କ୍ରାନ୍ତିକାରୀ ଚିନ୍ତା, ଚେତନା, ବକ୍ତବ୍ୟ, ତ୍ୟାଗ, ଯୁକ୍ତି, ଶାଣିତ ଆବେଦନ ନିମିଷକେ ମଧ୍ୟରେ ସରକାରୀ ବାହୁଛାୟା ତଳେ ନିଶ୍ଚିହ୍ନ ହୋଇଗଲା।

କିଛିଦିନ ବିତିଲା।

କ୍ରମଶଃ ବୟସ୍ୟାଧିକ କାରଣରୁ ଅନେକ ବିପଦରେ ଦଗ୍ଧୀଭୂତ ହେଲେ ମନମୋହନ। ଆର୍ଥିକ ଦୁରବସ୍ଥା, ପାରିବାରିକ ଅବ୍ୟବସ୍ଥା, ଶାରୀରିକ ଦୁର୍ଦ୍ଦିନ ଭିତରେ ସେ ସଂଗଠନ କାର୍ଯ୍ୟ ପୂର୍ବପରି କରିପାରିଲେ ନାହିଁ। ଦିନକୁ ଦିନ ତାଙ୍କ ଅବସ୍ଥା ଶୋଚନୀୟ ହେବାରେ ଲାଗିଲା।

ସମୟ ଗଡ଼ିଚାଲିଲା।

ଗୋଟିଏ ପଟେ ଚେତନା, ଅନ୍ୟ ପଟେ ବୁର୍ଜୁଆ ସୁଖ। ଗୋଟିଏ ପଟେ ବୃହତ୍ ଶ୍ରମିକ ସ୍ୱାର୍ଥ, ଅନ୍ୟ ପଟେ ବ୍ୟକ୍ତିଗତ ସୁଖ। ଏହାରି ଭିତରେ ନବକିଶୋରଙ୍କ ପରି ସେ ଦୋଛକିରେ ପଡି ବୁର୍ଜୁଆ ହୋଇନାହାଁନ୍ତି ବରଂ ନିଜ ଚିନ୍ତା ଓ ଚେତନାରେ ଅଟଳ ରହି ମୁକ୍ତିର ମାର୍ଗ ପ୍ରଦର୍ଶନ କରିଛନ୍ତି। ହଜାର ହଜାର ଶ୍ରମିକଙ୍କ ଲାଗି ଆଲୋକ ଜାଳିଛନ୍ତି । ନିଜେ ଦୁଃଖରେ ରହିଲେ ବି ଅନ୍ୟର ସୁଖରେ ସେ ସୁଖୀ । ଏହା ସେ ଗର୍ବରେ କହିପାରିବେ ଯେ, ସେ କଦାପି ସାଲିସ୍ କରିନାହାନ୍ତି । ସ୍ୱାର୍ଥ ଲାଗି ପର ନିକଟରେ ଆତ୍ମସମର୍ପଣ କରିନାହାନ୍ତି।

ଦିନେ ସକାଳୁ ପରିବାର ଲୋକ ଦେଖିଲେ ମନମୋହନ ଉଠିନାହାନ୍ତି। ସେମାନଙ୍କ ମନରେ ଶଙ୍କା ପଶିଲା।

ଯାଇ ଦେଖନ୍ତି ତ ମନମୋହନ ଆଉ ଇହଧାମରେ ନାହାନ୍ତି । ସାରା ଶ୍ରମିକ ଜଗତକୁ ପର କରି ଆରପାରିକୁ ଚାଲିଯାଇଛନ୍ତି। ଏତେ ବଡ ବେସାଲିସ୍ ଶ୍ରମଯୋଦ୍ଧାଙ୍କ ବିୟୋଗ ଖବର ଚାରିଆଡ଼େ ପ୍ରସାରିତ ହୋଇଗଲା।

ବିଭିନ୍ନ କଳକାରଖାନା, ସଂଗଠନର ଶହ ଶହ କର୍ମୀ ଆସିଲେ ନିଜର ପ୍ରିୟ ନେତାଙ୍କୁ ଦେଖିବା ଲାଗି।

କିଛି ଶ୍ରମିକ ତାଙ୍କ ମୃତ୍ୟୁ ଖବର ଶୁଣି କହିଲେ– ଶ୍ରମଜୀବୀ ସଂଗ୍ରାମର ଏକ ଦୀପଶିଖା ଲିଭିଗଲା। ଆଉ କେହି କହିଲେ– ଲୋକଟି ନବକିଶୋରଙ୍କ ପରି ଅନ୍ୟ ଦଳକୁ ଚାଲିଯାଇଥିଲେ ଖୁବ୍ ଭଲ ହୋଇଥାନ୍ତା। ଦୁଃଖକଷ୍ଟରେ ଏହି ସଂଗଠନରେ ପଡ଼ି ଅଯଥା ଜୀବନ ନଷ୍ଟ ହେଲା। ଇତ୍ୟାଦି।

ଶେଷରେ ମନମୋହନଙ୍କ ଶବ ଉଠିଲା ।

ମାତ୍ର ଶବ ନିକଟରେ ମନମୋହନଙ୍କ ହାତ ଲେଖା ଚିଠି ରହିଥିଲା । ସେଥିରେ ଲେଖାଥିଲା–

'ସାରା ଜୀବନରେ ମୁଁ ସାଲିସ୍ କ'ଣ ଜାଣିଲି ନାହିଁ । ଅନେକ ପ୍ରଲୋଭନ ଆସିଛି। ମୋହ ଦେଖାଯାଇଛି। ମାତ୍ର ସେସବୁକୁ ମୁଁ ଗ୍ରହଣ କରିପାରିଲି ନାହିଁ। ମୋ ଜୀବନ ଆଦର୍ଶରୁ ସେସବୁ ବାହାରେ ଥିଲା। କେବଳ ଶ୍ରମିକଙ୍କ ବୃହତ ସ୍ୱାର୍ଥ ହିଁ ମୋ ଜୀବନର ସର୍ବସ୍ୱ ଥିଲା । ମୁଁ ଜାଣେ ମୋ ଲାଗି ଅନେକ ବିପଦ ରହିଛି। ଆର୍ଥିକ ସଂଘାତ ମୋର ଚିର ସହଚର। ମାତ୍ର ମୁଁ ନିରୁପାୟ। ଶେଷରେ ମୋର ଅନ୍ତିମ ଇଚ୍ଛା– ସଂଗଠନର ନେତାମାନେ କ୍ଷଣିକ ସ୍ୱାର୍ଥ ଲାଗି କୁଚ୍ଛ ନିଷ୍ପତ୍ତି ନିଅନ୍ତୁ ନାହିଁ। ସେମାନେ ଅନ୍ତତଃ ତ୍ୟାଗ ସ୍ୱୀକାର କରି ନିଷ୍ପେସିତ ଶ୍ରମିକଙ୍କ ଲାଗି ମୁକ୍ତିର ସ୍ୱରରେ ସାମିଲ ହୁଅନ୍ତୁ।'

ପାଖରେ ଥିବା ଶୋକାକୁଳ ଶ୍ରମିକଙ୍କ ମୁହଁରୁ ଅକସ୍ମାତ ବାହାରିଗଲା– ମନମୋହନ ଅମର ରହେ... ମନମୋହନ ଲାଲ୍ ସଲାମ।...

ଭୁବନେଶ୍ୱର
ମୋ– ୯୪୩୭୧୬୪୭୬୪

---

**ସମୀକ୍ଷା**

## ବାଉଁଶ ଗଛର ଫୁଲ




ବାଉଁଶ ଗଛର ଫୁଲର ଲେଖିକା ସଙ୍ଗୀତା ପତିଙ୍କର ପ୍ରଥମ ଲେଖକୀୟ ସଙ୍କଳନ ଯାହାକି ୩୦ଟି ଛୋଟ ଛୋଟ ଗଳ୍ପର ସମାହାର। ଏହି ସଂକଳନରେ ସ୍ରଷ୍ଟା ଓ ସୃଷ୍ଟି, ଅହଲ୍ୟା ପାଗଳୀ, ଏକ ଦରଫୁଟା ଫୁଲର କାହାଣୀ, ଜୀବନ ବି ଏମିତି ଜୀଇଁବାକୁ ପଡ଼େ, ଈଶ୍ୱରଙ୍କ ଇଚ୍ଛା, ଆଜିର କାହାଣୀ ପରି... ଅନେକ ସୁନ୍ଦର ସୁନ୍ଦର ଗଳ୍ପ ପାଠକମାନଙ୍କୁ ଭେଟି ଦେଇଛନ୍ତି । ଲେଖିକାଙ୍କର ଏହା ପ୍ରଥମ ଗଳ୍ପ ସଂକଳନ ହେଲେ ମଧ୍ୟ ଗଳ୍ପଗୁଡ଼ିକ ଉଚ୍ଚ ରୁଚିସମ୍ପନ୍ନ, ମାର୍ଜିତ ତଥା ସାବଲୀଳ ହୋଇଛି। ଲେଖିକାଙ୍କର ଗପଗୁଡ଼ିକ ପଢ଼ିଲେ ଅନ୍ୟ ଏକ ଅନୁଭବର ଦୁନିଆକୁ ପହଞ୍ଚିଲା ଭଳି ଲାଗିବ ଲେଖିକାଙ୍କର ବହି ବାଉଁଶ ଗଛର ଫୁଲ ଅନେକ ପାଠକୀୟ ଆଦୃତି ଲାଭ କରୁ। ଏହା ହିଁ କାମନା।

---

## ସୂଚନା

ଦୈନିକ ସମ୍ବାଦପତ୍ର 'ପ୍ରତିଦିନ' ସାହିତ୍ୟ ପୃଷ୍ଠାରେ ପ୍ରକାଶ ନିମନ୍ତେ ଗଳ୍ପ, ଅନୁବାଦ ଗଳ୍ପ, ଅଣୁ ଗଳ୍ପ ଓ କବିତା ନିଜର ସମ୍ପୂର୍ଣ୍ଣ ଠିକଣା, ମୋବାଇଲ ନମ୍ବର ସହିତ ପଠାଇବାକୁ ଅନୁରୋଧ।

**ଠିକଣା: ପ୍ରତିଦିନ ସାହିତ୍ୟ ପୃଷ୍ଠା**
**ପ୍ରତିଦିନ କାର୍ଯ୍ୟାଳୟ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ପୋ– ରସୁଲଗଡ଼**
**ଭୁବନେଶ୍ୱର–୧୦**
ଇମେଲ: sahitya.pratidin.daily@gmail.com

---

## ମିଥ୍ୟା ଅହଂକାର

**ଡଃ. ରାଜୀବ ଡୋଗ୍ରା**

କାହିଁକି
ଏହି ସମୟରେ କଟିଗଲା
ଅହଂକାରର ଭ୍ରମ
ତୁମେ ତ କହୁଥିଲ
ସବୁ କିଛି ତ ମୁଁ
ମୋର ଇଶାରାରେ
ସବୁ ଚାଲୁଛି
ମୁଁ ନ ଚାହିଁଲେ
ଏଠି ପତ୍ର ବି ହଲୁନି
କ'ଣ?
ଏବେ ବି କେହି
ପଚାରୁଛି ମାଗୁଛି
ବୋଧେ ନୁହେଁ
କାହିଁକିନା ଅହଂକାରୀ ବ୍ୟକ୍ତିତ୍ୱ
ବୁଝିପାରେନି କାହାର ମହତ୍ତ୍ୱ
ବିତିଗଲା ତ' ସମୟ
ଚାଲିଗଲା ନା' ପଦବୀ
ନିଜର ଲୋକହିଁ ଆହତ କରୁଛନ୍ତି ନା'
ଅଧିକରୁ ଅଧିକ
କ'ଣ ଏବେ ବି ବଳିଛି
ଅହଂକାରର ଭ୍ରମ?

## ପ୍ରେମଫାଶ

ମୁଁ ଯାହାର ଧ୍ୟାନରେ
ନିର୍ବିଘ୍ନ ମଗ୍ନ ରହୁଛି
ତାକୁ ସାରା ଜଗତର
ନିରନ୍ତର ଧ୍ୟାନ ରହୁଛି।

ମୁଁ ଯାହାର ମୋହରେ
ସବୁ କିଛି ଭୂଲି ବସିଛି
ସେ ସାରା ଦୁନିଆକୁ
ମୋହରେ ଫାଶ ଫାନ୍ଦରେ ପକାଇଛନ୍ତି।

ମୁଁ ଯାହାର ପ୍ରକାଶରେ
କିରଣର ଛଟା ମଧ୍ୟ ନୁହେଁ
ସିଏ ସାରା ଜଗତକୁ
ଜାଜ୍ୱଲ୍ୟମାନ କରି ରଖିଛନ୍ତି।

ମୁଁ ଯାହାର ପ୍ରେମରେ
ସଦା ଆତୁର ରହୁଛି
ସିଏ ନିଜର ପ୍ରେମଫାଶରେ
ସାରା ଜଗତକୁ ବାନ୍ଧି ରଖିଛି।।

କାଙ୍ଗଡ଼ା, ହିମାଚଳ ପ୍ରଦେଶ, ହିନ୍ଦୀ ଅଧ୍ୟାପକ
rajivdogra1@gmail.com

---

## ନୂଆଁଖାଇ

**କବି ପ୍ରସନ୍ନ କୁମାର ମେହେର**

ନୂଆଁ ଖାଇ ଆମର୍ ବଡଖା ତିହାର୍
ପଚିମ୍ ଉଡ୍ ଶାର ଗରବ୍
ଚାଷ୍ ବାସ୍ ଆମର୍ ବଢେଟେ କବାର୍
ଚାଷିର ଗହକି ପରବ୍।

ନୂଆଁ ଧାନର୍ ନୂଆଁ ଚଉଳର୍
ଲଗାସୁ ସଭେ ଭୋଗ
ମାଁ ସମ୍ ଲେଇଠାନେ ପହେଲା ଲାଗ୍ ସି
ନୂଆଁ ଚଉଳ୍‌ର ଭୋଗ ।

ଭୁଦୋ ମାସର୍ ଉଜଲ୍ ପଖ୍‌ର ପଚ୍ ମି ତିଥି
ମନାସୁ ଆମେ ନୂଆଁ ଖାଇ
ଘରର୍ ଇଷ୍ଟଦେବୀକେ ଭୋଗ ଲଗେଇ
ଖାଇସୁ ଉସ୍ ହେଇ।

ନୂଆଁ କପଡାର ଧୁତି କରିଆ
ପିନ୍ଧି ସନ ଉସନାକି ମନେ
ଛୁଆପିଲା ସାର୍ଟପେଣ୍ଟ ଆରୁ ବହ ବୁହାସେନ୍
ଅଏନ୍ ଅଏନ୍ ଶାଢ଼ୀମାନେ ।

ଅରସା ସୁଆଲି ପୁରଦିଆ ମଡ଼ା
କେତେ ରକମର ପିଠା
ଇ ନୂଆଁ ଖାଇ ତିହାରେ ବନାଇ ଆମେ ତ
ଖାଇସୁ କେତେ ମିଠା।

ଦୁଃଖ୍ ଶୁକ୍ ଭୁଲି ହେମା କୁଲାକୁଲି
ପରକେ ନିଜର୍ କରି
ରାଗ୍ ରୁଷା ଛାଡି ହେମା ଯୁଡାଯୁଡି
ଭାଇଚାରା ଭାବ୍ ଧରି ।

ନୂଆଁ ଖାଇ ଦିନ କୁଣାଚୁରା ଖାଇ
ବଡକେ ମାରସୁ ମୁଡିଆ
ଗୁରୁଜନ୍ ପାଦେ ଉଲଗି ହେଇ
ମାନସୁ ତିହାର୍ ବଢିଆ।

ବଛର୍ କେ ଘାଏ ଆଇଛେରେ ଭାଇ
ଏ ନୂଆଁ ଖାଇ ତିହାର୍।
ଜୀଇଁ ଜାଗିଥିଲେ ଭେଟ୍ ହେମା ଭାଇ
ହୁର୍ ଦୁ କରୁଛେ ଜୁହାର୍।

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

---

## ସ୍ମୃତି ତୁମେ

**ରମାକାନ୍ତ ଦାସ**

ସ୍ମୃତି ତୁମେ
ନିରାଶାର ବାଲିଘର
ପ୍ରଣୟର ପରିଭାଷା
ସ୍ମୃତି ତୁମେ ସେଇ
ଅତୀତର ପ୍ରତିଶ୍ରୁତି
ଭାଙ୍ଗିଯାଇଥିବା ଆଶା ।।

ସ୍ମୃତି ତୁମେ
ଅବୁଝା ଫଗୁଣ ସାଥି
ରଙ୍ଗଭରା ପ୍ରେମ ଅବିର
ସ୍ମୃତି ତୁମେ କେବେ
ନିଶୀଥ ଯୋଛନା
ନିଭୀକ ଅଭିସାର ।

ସ୍ମୃତି ତୁମେ ସେଇ
ନୀଳ ସାଗର ସାମୁକା
ଗୀତଟିଏ ଝରଣାର
ସ୍ମୃତି ତୁମେ
ଝଡି ବରଷାର ରାତି
ଅବୁଝା ମନର ସ୍ୱର ।।

ସ୍ମୃତି ତୁମେ ମୋର
ଜୀବନ ବିତାକେ
ଫଗୁଣ କୋକିଳ ଗୀତି
ସ୍ମୃତି ତୁମେ
ନିଦାଘର ଘରେ
ଲିଭିଯାଇଥିବା ପ୍ରେମବତୀ ।।

ସ୍ମୃତି ତୁମେ
ନିଶବ୍ଦ ନିଶିରେ
ପଲକେ ଉଙ୍କିମାରୁଥିବା ସ୍ୱପ୍ନ
ସ୍ମୃତି ତୁମେ
ବିରହ ବେଦନା
ତୁମ ଭାବନାରେ ଜଳେ ମନ ।।

ନନ୍ଦିଗ୍ରାମ,ନାଉଗାଁ
ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

---

## ଦୂରଦୃଷ୍ଟି

**ଅଲେଖ ଚନ୍ଦ୍ର ମିଶ୍ର**

ସେଦିନ ଥିଲା କୃପାକଟାକ୍ଷଙ୍କର ଦେହାନ୍ତ ହେବାର ବାରଦିନ । ସେ ପର୍ଯ୍ୟନ୍ତ ପ୍ରାୟ ଶୂନ୍‌ଶାନ୍ ଥିବା ତାଙ୍କ ଘରଟା ହଠାତ୍ ଚଳଚଞ୍ଚଳ ହୋଇଉଠିଥିଲା। ତାଙ୍କ ତିନିପୁଅ, ମଧ୍ୟସ୍ଥ ଭଦ୍ରଲୋକ, ସାହି ମୁରବି ସମସ୍ତେ ଏକାଠି ହୋଇଥିଲେ ସେ ଛାଡ଼ିଯାଇଥିବା ସମ୍ପତ୍ତିର ଏକାଠି ଭାଗବଣ୍ଟା ପାଇଁ। ସମ୍ପତ୍ତି ବୋଇଲେ ମାତ୍ର ଘର ଖଣ୍ଡିଏ । ହେଲେ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିବାରୁ ତା'ର ମୂଲ୍ୟ ଥିଲା ଅମୂଲ୍ୟ। ଟଙ୍କା ମିଳିବ, ଜାଗା ମିଳିବ, ଘର ବି ମିଳିବ । ହେଲେ ସେଭଳି ଜାଗା ଆଉ ମିଳିବନି। ତାଙ୍କ ତିନିପୁଅ ଏହା ଭଲ ଭାବରେ ଜାଣିଥିଲେ। ତେଣୁ କେହି ଜଣେ ବି ତାକୁ ହାତଛଡ଼ା କରିବାକୁ ସେ ଚାହୁଁ ନ ଥିଲେ। ବଡ଼ପୁଅର ଦାବି ଥିଲା ସେ ଜ୍ୟେଷ୍ଠପୁତ୍ର ହୋଇଥିବାରୁ ଜ୍ୟେଷ୍ଠା ବାବଦକୁ ଘରଟି ତା'ର ପ୍ରାପ୍ୟ । ସାନପୁଅର ବକ୍ତବ୍ୟ ଥିଲା, ସେ ମାଆର କୋଡ଼ପୋଛା ଗେହ୍ଲାପୁଅ ହୋଇଥିବାରୁ ମା'ର ପ୍ରିୟ ଘରଟା ଉପରେ ତା'ର ଅଗ୍ରାଧିକାର । ମଝିଆ ପୁଅର ଯୁକ୍ତି ଥିଲା ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହେଲେ ତୃତୀୟ ପକ୍ଷ ହିଁ ନିର୍ଣ୍ଣାୟକ ହୁଏ । ଅତଏବ ଘରଟି ତା'ର। ଘରଟି ଏପରି ଥିଲା ଯେ ତାକୁ ୩ଭାଗ କରି ହେବ ନାହିଁ । ଯିଏ ନେବ ଜଣେ। ଅଥଚ କାହାର ହକ୍ ଛାଡ଼ିବାକୁ ନାରାଜ । ବରଂ ତିନିଜଣଙ୍କ ମଧ୍ୟରେ ବାଦାନୁବାଦ ବଢ଼ି ଚାଲିଥାଏ। ଭଦ୍ରଲୋକମାନେ ଆପୋସ ମୀମାଂସା କରିବା ପାଇଁ ନିରୁପାୟ ହୋଇ ପଡୁଥାନ୍ତି। ଦେଖଣାହାରୀମାନେ କୃପାକଟାକ୍ଷଙ୍କୁ ମନେ ପକାଉଥା'ନ୍ତି। ତାଙ୍କ ଜୀବଦ୍ଦଶାରେ ଏଭଳି ଜଟିଳ ସମସ୍ୟାର ସମାଧାନ ସେ ଚୁଟ୍‌କିରେ କରିଦେଉଥିଲେ। ସେଥିପାଇଁ ସେ ଅଞ୍ଚଳରେ ହେଉଥିବା ନ୍ୟାୟ, ନିଶାପ, ମାଲିମକଦ୍ଦମା, ଗଣ୍ଡଗୋଳ, ଝଗଡ଼ା ଇତ୍ୟାଦିରେ ତାଙ୍କୁ ଆଗ ଖୋଜାପଡୁଥିଲା। ମାତ୍ର ଆଶ୍ଚର୍ଯ୍ୟର କଥା ଏତେ ବୁଦ୍ଧିମାନ୍, ବିଚକ୍ଷଣ ଓ ଦୂରଦୃଷ୍ଟିସମ୍ପନ୍ନ ଲୋକ ହୋଇ ବି ନିଜ ପରିବାର ପାଇଁ ଏଭଳି ଅଡୁଆ ଯାହା ଛାଡ଼ିଦେଇଗଲେ ।

ହଠାତ୍ ତାଙ୍କ ଦୁଆରମୁହଁରେ ଅଟକିଲା ଗାଡ଼ିଟିଏ । ତା' ଭିତରୁ ବାହାରି ଆସିଲେ ଜଣେ ଓକିଲ। ବ୍ୟାଗରୁ କିଛି କାଗଜପତ୍ର କାଢ଼ି ସମସ୍ତଙ୍କୁ ଲକ୍ଷ୍ୟକରି କହିଲେ, ''କୃପାକଟାକ୍ଷଙ୍କର ମୃତ୍ୟୁ ଖବର ପାଇ ମୁଁ ଆସିଛି। ମୋ ମାର୍ଫତରେ ରହିଥିବା ତାଙ୍କର ଉଇଲର ସାରାଂଶ ପଢ଼ି ଆପଣମାନଙ୍କୁ ଶୁଣାଇ ଦେଉଛି। xxxx ମୁଁ ରହୁଥିବା ଘର ଖଣ୍ଡିକ କଷ୍ଟରେ ଉପାର୍ଜନ କରିଛି, ମୁଁ ଚାହୁଁଛି ଏଇଟି ମୋର ଦାୟାଦ ପାଉ । ମୋର ୩ପୁଅ ଓ ଗୋଟିଏ ଝିଅ ଏ ସମସ୍ତଙ୍କର ଚରିତ୍ରକୁ ଭଲଭାବରେ ଅନୁଧ୍ୟାନ କରି ସମ୍ପୂର୍ଣ୍ଣ ହୋସ୍ ଆବାଜରେ ମୁଁ ଏଇ ନିଷ୍ପତ୍ତି ନେଉଛି ଯେ ଏମାନଙ୍କ ମଧ୍ୟରୁ ଯିଏ ମୋର ଅନ୍ତିମ ସଂସ୍କାରର ଦାୟିତ୍ୱ ସମ୍ପାଦନ କରିବ ସେ ହିଁ ମୋର ଯୋଗ୍ୟ ଦାୟାଦ ଏବଂ ମୋ ଅନ୍ତେ ଏହି ଘରଟିର ସେ ଉତ୍ତରାଧିକାରୀ ହେବ। ଲୋକମାନଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ଖେଳିଯାଉଥିଲା। ସମସ୍ତଙ୍କର ନଜର ପଡୁଥିଲା ଝିଅଟି ଉପରେ। ବିଚରା ଗଲା ୧୧ ଦିନ ଧରି ବାପାଙ୍କର ଶୁଦ୍ଧିକ୍ରିୟାକୁ ଏକା ଏକା ଚଳାଇ ନେଇ ଶାଶୁଘରକୁ ଫେରିଯିବାକୁ ଉପକ୍ରମ କରୁଥାଏ। ତା ହାତକୁ ଫାଇଲ୍‌ଟାକୁ ବଢ଼ାଇଦେଇ ଓକିଲ କହିଲେ, ''ଏବେ ଏ ଘରର ମାଲିକାନା ଆପଣଙ୍କର ।'' ଲୋକମାନଙ୍କ ଆଖିରେ ଭାସିଉଠୁଥିଲା କୃପାକଟାକ୍ଷଙ୍କର ଦୂରଦୃଷ୍ଟି, ଯାହା ତାଙ୍କୁ ଏଭଳି ପରିସ୍ଥିତି ଉପୁଜିବାର ସଙ୍କେତ ବହୁ ପୂର୍ବରୁ ଦେଇଥିଲା।

ସାରଦାଶ୍ରୀ, ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ବିପର୍ଯ୍ୟୟ ରାସ୍ତାରେ ଦୈନିକ ଘଟୁଛି ଦୁର୍ଘଟଣା

# ଅନିଶ୍ଚିତତାରେ ଶାଳପଡ଼ା ବାଇପାସ୍ ସର୍ଭିସ ରୋଡ୍

**ଆନନ୍ଦପୁର,୩୦।୮(ନି.ପ୍ର):** ଆନନ୍ଦପୁର ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥର ଶାଳପଡା ବାଇପାସ୍‌ର ସ୍ଥିତି ନକହିଲେ ଭଲ । ଶାଳପଡା ବାଇପାସ୍‌ରେ ରହିଥିବା ଜାତୀୟ ରାଜପଥର ଉଭୟପାର୍ଶ୍ୱ ସର୍ଭିସ ରୋଡର ବେହାଲ ପରିସ୍ଥିତି ଦୈନିକ ଦୁର୍ଘଟଣାର ମାତ୍ରାକୁ ବୃଦ୍ଧି କରିବାରେ ଲାଗିଛି । ଯାତାୟତ ସୁବିଧା ହେବା ତ ଦୂରର କଥା ଦୈନିକ ଏଠାରେ ଟ୍ରାଫିକ୍ ସମସ୍ୟା ବେହାଲ ହୋଇଛି । ସର୍ଭିସ ରୋଡର ଏଭଳି ବିପର୍ଯ୍ୟୟ ଅବସ୍ଥାକୁ ନେଇ ସ୍ଥାନୀୟ ଲୋକେ ଓ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ନିୟମିତ ବ୍ୟବଧାନରେ ଅବରୋଧ କରିବା ଓ ପ୍ରତିବାଦ ଜଣାଇବା ସତ୍ତ୍ୱେ ପ୍ରଶାସନିକ ସ୍ତରରେ କୌଣସି



ଅସର ପଡୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଖପରାଖାଇ ବାଇପାସ୍‌ଠାରୁ ବାରିଗାଁ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅଧପନ୍ତରିଆ ରହିଛି । ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକା ସଂସ୍ଥା କାର୍ଯ୍ୟ ଶେଷ ତାରିଖକୁ ବାରମ୍ବାର ଘୁଞ୍ଚାଇବାରେ ବ୍ୟସ୍ତ । ପ୍ରଶାସନ ପକ୍ଷରୁ ତାଗିଦ ବି ହେଉନି, ଠିକାଦାର ତାର ମନଇଚ୍ଛା ନିର୍ମାଣ କାର୍ଯ୍ୟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହେଉ ଅବା ନହେଉ ଅତି କମ୍‌ରେ ସର୍ଭିସ ରୋଡର ସ୍ଥିତିକୁ ସୁଧାରିବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ରାଜପଥ ଅଧପନ୍ତରି ପାଇଁ ଲୁହାପଥର ବୋଝେଇ ଭାରିଯାନଠାରୁ ଆରମ୍ଭ କରି ସମସ୍ତ ଯାନବାହାନ ଯାତାୟତ ପାଇଁ ସର୍ଭିସ ରୋଡ ଉପରେ ନିର୍ଭର କରୁଛନ୍ତି । ଏହା ସତ୍ତ୍ୱେ କେଉଁ ଆଧାରରେ ସର୍ଭିସ ରୋଡର ଆବଶ୍ୟକ ମରାମତି ହେଉନି ତାହା ଲୋକେ ପ୍ରଶ୍ନ କରିଛନ୍ତି । ଶାଳପଡା ବାଇପାସ୍ ସର୍ଭିସ ରୋଡ ଉପରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ର ଛାତ୍ରୀ ନିର୍ଭର କରୁଥିବା ବେଳେ ଏହା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସହିତ ଯୋଗାଯୋଗର କରିବାର ମୁଖ୍ୟ ରାସ୍ତା । ଏପରିକି ବାଇପାସ ଛକ ବିଭିନ୍ନ ପାର୍ଶ୍ୱରୁ ଆସୁଥିବା ବସ୍ ସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଛକ, ସବୁ ସମୟରେ ଏଠାରେ ଟ୍ରାଫିକ୍ ବ୍ୟବସ୍ଥା ପ୍ରଭାବିତ ହେଉଥିବା ସତ୍ତ୍ୱେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଯିବା ପରିତାପର ବିଷୟ ପାଲଟିଛି । ବର୍ଷା ହେଲେ ସର୍ଭିସ ରୋଡର ପରିସ୍ଥିତି ଜଟିଳ ହୋଇପଡୁଛି । ରାସ୍ତାରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇ ପାଣି ଜମି ରହି ଦୁର୍ଘଟଣାର ମାତ୍ରାକୁ ବୃଦ୍ଧି ମଧ୍ୟ କରୁଛି । ତେଣୁ ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କେନ୍ଦୁଝରରେ ଜାତୀୟ କ୍ରୀଡା ଦିବସ ପାଳିତ

**କେନ୍ଦୁଝର,୩୦।୮(ନି.ପ୍ର):** ଜିଲ୍ଲା ପ୍ରଶାସନ କେନ୍ଦୁଝର ପକ୍ଷରୁ ଆଜି କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡାକୁ ଜୀବନରେ ସଫଳତା ପାଇବାକୁ ଏକ ଉପାୟ ଭାବରେ ଗ୍ରହଣ କରିବାକୁ ଖେଳାଳୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ଉତ୍ସବର ଏକ ଅଂଶ ଭାବରେ ଏକ ପ୍ରଦର୍ଶନୀ ହ୍ୟାଣ୍ଡବଲ ମ୍ୟାଚ୍ ଆୟୋଜନ କରାଯାଇଥିଲା, ଯେଉଁଥିରେ ଦର୍ଶକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ପ୍ରାରମ୍ଭରେ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଂଶଗ୍ରହଣକାରୀ, ଅଧିକାରୀ ଏବଂ ଖେଳାଳୀମାନେ ମଧ୍ୟ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା




ମନୋଭାବ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରତିଜ୍ଞା ଗ୍ରହଣ କରିଥିଲେ । ଏହି ଅବସରରେ ନିଜ ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝରରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ଉଦୀୟମାନ ପ୍ରତିଭାଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଉପରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ସେ ପ୍ରଦର୍ଶନୀ ମ୍ୟାଚ୍ ସମୟରେ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବା ସହ ମେଜର ଧ୍ୟାନଚାନ୍ଦଙ୍କ ଭଳି କିମ୍ବଦନ୍ତୀଙ୍କ ଠାରୁ ପ୍ରେରଣା ନେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଲାଇ, ଭାରପ୍ରାପ୍ତ କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡଙ୍କ ସମେତ ବିଦ୍ୟାଳୟର ଛାତ୍ର ଛାତ୍ରୀ, କ୍ରୀଡାବିତ୍, ଶିକ୍ଷକ ଏବଂ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ।

# ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ପୂର୍ବତନ ପିଇଓ ଗିରଫ

**ଦାନଗଦି /କଳିଙ୍ଗନଗର, ୩୦।୮(ନି.ପ୍ର):** ଭିଜିଲାନ୍ସ ଜାଲରେ ପିଇଓ ,୭୩୫୦୦୦ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ସୁକିନ୍ଦା ବ୍ଲକର ପୂର୍ବତନ ପିଇଓ ସନ୍ତୋଷ କୁମାର ଜେନାଙ୍କୁ ଦାନଗଦି ବ୍ଲକରୁ ଗିରଫ କରିଛି କଟକ ଭିଜିଲାନ୍ସ। କେଶ ନମ୍ବର ୨୬/୨୫ରେ ଏକ ମାମଲା



ରୁଜୁକରି ସଂପୃକ୍ତ ପିଇଓଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଛି । କିଛିଦିନ ତଳେ ପୂର୍ବତନ ପିଇଓ ସନ୍ତୋଷ ଜେନା ସୁକିନ୍ଦା ବ୍ଲକର ପିମ୍ପୁଡିଆ ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସାଧାରଣ ବୃଦ୍ଧ ଓ ବୃଦ୍ଧା ଲୋକଙ୍କ ଭତ୍ତା ଟଙ୍କା ବାବଦରେ ୭୩୫୦୦୦ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଥିଲା । ଏହି ଅଭିଯୋଗ ପରେ ସନ୍ତୋଷଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟରୁ ନିଲମ୍ବିତ କରାଯିବା ସହିତ ଭିଜିଲାନ୍ସ ନିକଟରେ ଏତଲା ଦିଆଯାଇଥିଲା ।

# ଶୈଶବ ସୁରକ୍ଷା ଅଭିଯାନ ଉଦଘାଟିତ

**ଦାନଗଦି /କଳିଙ୍ଗନଗର ୩୦।୦୮(ନି.ପ୍ର):** ଦାନଗଦୀ ବ୍ଲକ ବୁଦ୍ଧରାଜ ବିଦ୍ୟାପିଠସ୍ଥିତ କନଫରେନ୍ସ ହଲଠାରେ ମାସୁମ ଗ୍ରୁପ ଓ ଟିକିଏ ହସ ଫାଉଣ୍ଡେସନର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛିଉକ୍ତ ଉଦଘାଟନୀ ଉତ୍ସବର ଶିଶୁ ଅଧିକାର କର୍ମୀ ମଞ୍ଜୁଦାସଙ୍କ ଅଧକ୍ଷତାରେ ଦାନଗଦୀ ବିଡିଓ ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେହିପରି ଅନ୍ୟ ଅତିଥିବୃନ୍ଦଙ୍କ ମଧ୍ୟରେ ଦାନଗଦୀ ମଣ୍ଡଳ ଶିକ୍ଷାଧିକାରୀ ଶୁଭ୍ରାଂଶୁ ପୁହାଣ, ଅତିରିକ୍ତ ଶ୍ରମ ଅଧିକାରିଣୀ ଶୁଶ୍ରୀ ସଙ୍ଗୀତା ସ୍ୱାଇଁ, ଶିଶୁ ପ୍ରକଳ୍ପ ଅଧିକାରିଣୀ ନନ୍ଦିନୀ ପ୍ରଭା ଲେଙ୍କା, ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଲୋପାଥିକ ଡାକ୍ତର ଚନ୍ଦ୍ରକାନ୍ତୀ ସାହୁ, ଟିକିଏ ହସ ଫାଉଣ୍ଡେସନ ପ୍ରତିଷ୍ଠାତା ବିଶ୍ୱଜିତ ମାଝୀ ଓ ବୁଦ୍ଧରାଜା ବିଦ୍ୟାପିଠ



ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଦାନଗଦୀ ତଥା ଜିଲ୍ଲାରେ ଶିଶୁଶ୍ରମିକ ଓ ବାଲ୍ୟବିବାହ ମୂଳୋତ୍ପାଟନ କରିବା ସହ ଡ୍ରପଆଉଟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏଁ ଚାଲୁ ରହିବ। ଏହି ତିରିଶି ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ ସଚେତନା କର୍ମଶାଳାମାନ ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ତତସହିତ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ କରାଯିବାର ଅଭିଯାନ ମୂଳ ଲକ୍ଷ୍ୟ। ଆଜିର କାର୍ଯ୍ୟକ୍ରମରେ ଦାନଗଦୀ ସେକ୍ଟର ରାଣୀପଡା, ତ୍ରିଜଙ୍ଗା, ମଙ୍ଗଳପୁର ଓ ଯଖପୁରା ପଞ୍ଚାୟତ ୩୨ଟି ଅଙ୍ଗନବାଡି କର୍ମୀ, ସଖୀସହେଲୀ, ସମସ୍ତ ସୁପରଭାଇଜର, ଆଶ୍ୱୟାର କର୍ମକର୍ତ୍ତା ସମେତ ଅନେକ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଶନିବାର ଦିନ ଏହି କାର୍ଯ୍ୟକ୍ରମର ଶିଶୁ ଅଧିକାର କର୍ମୀ ମଞ୍ଜୁଦାସ କିଶୋରୀ ବାଳିକା ଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ନୁରଜାହାଁ ନସିମ ପରିଚାଳନ କରେଥିଲେ। ଶେଷରେ ବିଜୟ କୋମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରଜିଆ ପଞ୍ଚାୟତରେ ଆମ ପୋଲିସ ସମିତି ବୈଠକ

**ଚମ୍ପୁଆ,୩୦।୮(ନି.ପ୍ର):** ଚମ୍ପୁଆ ଥାନା ଅଧିନସ୍ଥ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ଏବଂ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିବା ବେଳେ ରଜିଆ ଓ ପତଳା ଗ୍ରାମ ପ୍ରାୟ ୩୦ରୁ ଉର୍ଦ୍ଧ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ମୁଦୁଲି ଆମ ପୁଲିସ ସମିତିର ଆଭିମୁଖ୍ୟ ଓ ଲକ୍ଷ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗୋତ କରିବା ସହିତ ଆମ ପୋଲିସ ସମିତି ପୁଲିସ ବିଭାଗ ଆଖି ବୋଲି ଅଭିହିତ କରିଥିଲେ। ଏଥିସହିତ ଜନସାଧାରଣ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା, ପୁଲିସର ସହାୟତା, ବାହାରୁ ଗ୍ରାମଞ୍ଚଳକୁ ପ୍ରବେଶ କରୁଥିବା ଅଚିହ୍ନା ଓ ଅପରିଚିତ ଲୋକଙ୍କ ବିଷୟରେ ପୋଲିସକୁ ଅବଗୋତ କରିବା ସହିତ ଅନାଥ ଶିଶୁ ଓ ପାଠପଢା କ୍ଷେତ୍ରରେ ଅସୁବିଧାର ସମ୍ମୁଖିନ ହେଉଥିବା ଛାତ୍ର ଛାତ୍ରୀମାନଙ୍କ ବିଷୟରେ ସ୍ଥାନୀୟ ଜନସାଧାରଣ ଅବଗୋତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପୋଲିସ ଓ ଜନ ସାଧାରଣ ସମ୍ପର୍କକୁ ସଦୃଢ କରିବା ପାଇଁ ପଞ୍ଚାୟତ ସ୍ତରୀୟ ବ୍ୟବସ୍ଥା କରାଯାଇ ବିଟ ଅଧିକାରୀମାନେ ଗ୍ରାମବାସୀଙ୍କ ସମସ୍ୟା ବିଷୟରେ ଅବଗୋତ ହେବା ସହିତ ଥାନା ଅଧିକାରୀଙ୍କୁ ସୂଚନା ଦେବା ପାଇଁ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି କହିଥିଲେ। ଅନ୍ୟ ପକ୍ଷରେ ସ୍ଥାନୀୟ ଜନ ସାଧାରଣ ସମ୍ମୁଖିନ ହେଉଥିବା



ଅସାମାଜିକ କାର୍ଯ୍ୟକଳାପ, ଦୃତ ଯାନବାହାନ ଚଳାଚଳ ଦ୍ୱାରା ଘଟୁଥିବା ଦୁର୍ଘଟଣା ଓ ଉପୁଜୁଥିବା ସମସ୍ୟା ବିଷୟରେ ଅଧିକାରୀଙ୍କୁ ଅବଗୋତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ।

## ନୁଆକୋଟରେ ହାତୀ ମୃତ

**ହିନ୍ଦୋଳ,୩୦।୮(ନି.ପ୍ର):** ହିନ୍ଦୋଳ ବନ୍ୟାଞ୍ଚଳ ଅଧୀନରେ ଥିବା ନୁଆ କୋଟ ଜଙ୍ଗଲରେ ଏକ ମାଈ ହାତୀ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ହିନ୍ଦୋଳ ବନ୍ୟାଞ୍ଚଳ ବାଉଁଶପୋଖୋରି ପଞ୍ଚାୟତ ନୁଆ କୋଟ ଜଙ୍ଗଲ ଭିତରେ ଏକ ମାଈ ହାତୀ ମୃତ ବରଣ କରିଥିବା ବନ ବିଭାଗ ସୂତ୍ରରୁ ଖବର ମିଳିଛି। ସକାଳୁ ହାତୀ ସ୍ୱର୍ଡ ଡ୍ୟୁଟି କରୁଥିବା ସମୟରେ ହାତୀଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ହାତୀଟି କେଉଁ କାରଣରୁ ମୃତ୍ୟୁ ବରଣ କରିଛି ସେପରି କିଛି ସ୍ପଷ୍ଟ ଖବର ଜଣା ପଡ଼ିନାହିଁ। ଘଟଣା ସ୍ଥଳରେ ବନ ବିଭାଗର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀମାନେ ରହି ସବ ବ୍ୟବଚ୍ଛେଦ କରୁଛନ୍ତି। ତେବେ ବାରମ୍ବାର ହାତୀ ମୃତ୍ୟୁ, ହାତୀ ଆକ୍ରମଣରେ ମଣିଷ ମୃତ୍ୟୁ ଓ ହାତୀ ଉପଦ୍ର ପାଇଁ ଫସଲ ନଷ୍ଟକୁ ନେଇ ହିନ୍ଦୋଳ ଜନସାଧାରଣ ଅତିଷ୍ଠ ଥିବାବେଳେ ସରକାର ଓ ବନବିଭାଗର ଅପାରଗତା ପାଇଁ ହିନ୍ଦୋଳରେ ଅସନ୍ତୋଷର ନିଆଁ କୁହୁଳୁ ଥିବାବେଳେ ତୁରନ୍ତ ପ୍ରତିକାର ନିମନ୍ତେ ଜନସାଧାରଣ ଦାବି କରିଛନ୍ତି।

## ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଟଙ୍କା ଲୁଟ

**ହିନ୍ଦୋଳ, ୩୦।୮(ନି.ପ୍ର):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ମହଲୁଣ୍ଡ । ପଞ୍ଚାୟତ ମହାଲୁଣ୍ଡା ଗ୍ରାମର ବ୍ୟବସାୟୀ ଗିରିଶ ସାହୁ (୫୫)ସ୍ଥାନୀୟ କୁମୁରିଶୀଙ୍ଗା ସାପ୍ତାହିକ ହାଟ ସାରି ଆଜି ଦିବା ଏକ ଘଟିକା ସମୟରେ ନିଜ ଘରକୁ ଫେରୁଥିବା ବେଳେ ହାଟ ନିକଟ ରେ ତିନି ବାଇକ ଲୁଟେରା ଗିରିଶଙ୍କୁ ଭୁଜାଲି ରେ ହାଣି ଦେବାରୁ ସେ ବାଇକ୍‌ରୁ ଖସି ପଡ଼ିଥିଲେ ଏହି ସମୟର ଲୁଟେରା ମାନେ ଗିରିଶଙ୍କ ବ୍ୟାଗକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ଗିରିଶଙ୍କୁ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟ । ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ଗିରିଶଙ୍କ ଲିଖିତ ଅଭିଯୋଗ ପରେ ବାଲିମି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଯେଉଁ ସ୍ଥାନରେ ଏଭଳି ଘଟଣା ଘଟିଛି ଆଗରୁ ସେହି ସ୍ଥାନରେ ବଲିମି ପୋଲିସ ତରଫରୁ କର୍ମଚାରୀ ନିୟୋଜିତ କରିଥିବା ବେଳେ ଏହାର ବିଶେଷ ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି । ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରା ଦିନ ଦ୍ୱିପ୍ରହର ରେ ଏଭଳି ଲୁଟ ପଟ୍ଟ ଟ କରୁଥିବା ଯୋଗୁଁ ଦିନ ରେ ଯାତାୟାତ କରିବାକୁ ସ୍ଥାନୀୟ ଅଞ୍ଚଳ ବାସୀ ଭୟ କଲେଣି । ଏହି ଅଞ୍ଚଳ ରେ ଅଧିକ ପୋଲିସ ନିୟୋଜିତ କରିବାକୁ ସାଧାରଣ ରେ ଦାବି ହେଉଛି।


# ପୂଜା ମଣ୍ଡପ ବୁଲିଲେ ବିଧାୟକ



**ଆନନ୍ଦପୁର,୩୦।୮(ନି.ପ୍ର):** ଆନନ୍ଦପୁର ପୌରାଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ବିଦ୍ୟାଦାତା ଗଣପତିଙ୍କ ଆରାଧାନା ଚାଲିଛି । ମୋଢ ଓ ସାଜସଜ୍ଜା ଦେଖିବାକୁ ଅପରାହ୍ନରୁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହୋଇଛି। କେତେକ ସ୍ଥାନରେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି । ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପୂଜା ମଣ୍ଡପ ବୁଲିଛନ୍ତି । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ଆନନ୍ଦପୁର ଓ ଘଷିପୁରାରେ ଅନେକ ଗଣେଷ ମେଢ ପରିଦର୍ଶନ କରିବା ସହିତ ଗଣପତିଙ୍କ ପୂଜାର୍ଚ୍ଚନା କରିଥିଲେ । ଆନନ୍ଦପୁର ବ୍ଲକର ପଞ୍ଚୁପଲ୍ଲୀ, ବଡଦାଣ୍ଡ ସ୍ୱାଇସ୍ କ୍ଲବ, କଞ୍ଚସାହିର କିଡ୍‌ସ କ୍ଲବ, ସିଦ୍ଧି ବିନାୟକ କ୍ଲବ, ଘଷିପୁରାର ଡ୍ରିମ୍ ଡ୍ରିମ୍ସ କ୍ଲବ, ସୁନ୍ଦୁରେଇ କ୍ଲବ, ରୟାଲ ଟାଇଗର କ୍ଲବ ପୂଜାମଣ୍ଡପରେ ପହଞ୍ଚି ଗଣପତିଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ୧୫ନଂ ୱାର୍ଡ ସୁନ୍ଦୁରେଇ କ୍ଲବ ସଦସ୍ୟଙ୍କ ପକ୍ଷରୁ ବିଧାୟକଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି ତୋଫାନ ସାହୁ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, ସଦସ୍ୟ ଚିନ୍ମୟ ନାୟକ, ସନ୍ଦୀପ ଜେନା, ଶଙ୍କର ସା, ସରୋଜ ସାହୁ, ନିର୍ମଳ ସାହୁ, ଗୌରବ ସାହୁ, ରଜନ ସାହୁ, ଲିପୁ ସାହୁ, ଦୀପକ ଜେନା, ଶଶଧର ନାୟକ, ବିଶ୍ୱରଂଜନ ଜେନା, ସମରଜିତ୍ ଜେନା, ରବି ସାହୁ, କୃଷ୍ଣ ସାହୁ, ସମ୍ବିତ ସାହୁ, ହାପି ସାହୁ, ବାପି ସାହୁ, ପୁପୁନ୍ ସାହୁ, ସାଜନ ସାହୁ, ମନୋଜ ସାହୁ, ବିଜୁ ସାହୁ ଉପସ୍ଥିତ ଥିଲେ । ଯୁବ ବିଜେଡି ଜିଲ୍ଲା ସଭାପତି ରାକେଶ ରାମ, କାଉସିଲର ଉର୍ବଶୀ ସାହୁ, ଯୁବନେତା ଅଜୟ ସାହୁ, ମନୋରଞ୍ଜନ ସାହୁ, ରାମଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଢ଼ବର୍ଷର ଶିଶୁପୁତ୍ର ନିଖୋଜ

**ହିନ୍ଦୋଳ ୩୦।୮(ନି.ପ୍ର):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଶିଶୁପୁତ୍ର ନିଖୋଜକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ କନକା ଗ୍ରାମରେଛଗତକାଲି ମଧ୍ୟାହ୍ନରେ କନକା ଗ୍ରାମର ହୃଦାନନ୍ଦ ପ୍ରଧାନ କାମକୁ ଯିବାପରେ ସ୍ତ୍ରୀ ବର୍ଷା ପ୍ରଧାନ ଦେଢ଼ ବର୍ଷର ଶିଶୁପୁତ୍ରକୁ ଘରେ ଛାଡ଼ି ଘର ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ଛେଳି ଛାଡି ଆସିବା ପରେ ଦେଖେତ ଘରେ ପୁଅ ନାହିଁ। ୫ ମିନିଟ ବ୍ୟବଧାନରେ ଏଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବହୁ ଖୋଜାଖୋଜି ପରେ ମଧ୍ୟ ପୁଅକୁ ନପାଇବାରୁ ପରିବାର ଲୋକେ ରାସୋଳ ଥାନାରେ ପୁଅ ନିଖୋଜ ହୋଇଥିବାର ଅଭିଯୋଗ କରିଥିଲେ। ସଙ୍ଗେ ସଙ୍ଗେ ରାସୋଳ ଥାନା ପୋଲିସ ଗ୍ରାମରେ ପହଞ୍ଚି ଘରପାଖ ଅଞ୍ଚଳ, କୁଅ, ପୋଖରୀ ବହୁ ଖୋଜାଖୋଜି କରିବାପରେ ଶିଶୁପୁତ୍ରକୁ



ପାଇନଥିଲେ ଏବଂ ଏହି ଘଟଣାକୁ ନେଇ ଖୋଦ ହିନ୍ଦୋଳ ଉପଖଣ୍ଡ ଏସଡିପିଓ ସତ୍ୟ କୁମାର ନନ୍ଦ ତଦନ୍ତ କରିବାସହ ଉଦ୍ୟମ ଜାରି ରଖିଛନ୍ତି। ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ମଧ ଶିଶୁପୁତ୍ର ମିଳିନାହିଁ। ତେବେ ଶିଶୁଟି ହଟାତ କିପରି ନିଖୋଜ ହୋଇଗଲା? କୌଣସି ଅଘଟଣ, କିମ୍ବା ବଳି ଉଧେଶ୍ୟରେ ଅପହରଣ ହୋଇଛି କିମ୍ବା ଅନ୍ୟ କେଉଁ କାରଣ ରହିଛି ଇତ୍ୟାଦି ସନ୍ଦେହ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ତଦନ୍ତ ପରେ ଘଟଣାର ରହସ୍ୟ ଉପରୁ ପରଦା ହଟିବବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ

**ଖଣ୍ଡପଡ଼ା ୩୦।୮ (ନି.ପ୍ର):** ଖଣ୍ଡପଡ଼ା ବ୍ଲକ ଅଧିନ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ର୍ନିମାଣଧୀନ ନୂତନ କୋଠା ର୍ନିମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଉକ୍ତ କୋଠା ର୍ନିମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ୧ ବର୍ଷ ପରେ ବି କୋଠା ର୍ନିମାଣ କାର୍ଯ୍ୟ ଆଗେଇ ନପା ଉରିବାରୁ ବନମାଳୀପୁର ଗ୍ରାମବାସୀ ଏ ସଂର୍ପକରେ ବିଭାଗୀୟଙ୍କ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ। ଏପରିକି ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ମଧ୍ୟ ବାରମ୍ବାର ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ତେବେ ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏବେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଧାରେ ଅଟକିଥିବା ନୂତନ କୋଠା ର୍ନିମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଚୋରି ଘଟଣା, ଜଣେ କୋର୍ଟ ଚାଲାଣ

**ପୁରୀ, ୩୦।୮ (ନି.ପ୍ର) :** ମଙ୍ଗଳାମନ୍ଦିର ନିକଟ ଘରୁ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ଦ୍ୱାରା ଜଣେ ଗିରଫ ସହ କୋର୍ଟ ଚାଲାଣ । ଅଭିଯୁକ୍ତ ଜଣକ ପେଣ୍ଟକଟା ଧୋବାଖାଲର ନବୀନ ସାହୁ (୨୦) । ଅଭିଯୁକ୍ତ ନିକଟରୁ ଏକ ହଜାର ଟଙ୍କା ଓ ଏକ ରୁପାର ରିଙ୍ଗ ଜବତ କରିଛି ପୁଲିସ । ପୁଲିସ ସୂତ୍ରରୁ ଜଣାଯାଇଛି ଯେ ମଙ୍ଗଳାମନ୍ଦିର ନିକଟରେ ରହୁଥିବା ଚନ୍ଦନପୁର ଜାତିପୁରର ନୀଳାମ୍ବର ପ୍ରଧାନ ଗତ ୨୮ ତାରିଖ ସକାଳେ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ତାଙ୍କର ଜଣେ ଭାଇ ଦୁର୍ଘଟଣାରେ ମେଡିକାଲରେ ଚିକିତ୍ସିତ ଅଛନ୍ତି । ସେ ତାଙ୍କୁ ଦେଖା କରିବା ପାଇଁ ଯାଇଥିଲେ ।


**ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ– ୨୦୨୫ ଉପଲକ୍ଷେ

ଜଗତସିଂହପୁର ସହବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୨୦ରେ ଯୋଗାଯୋଗ କରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନ ଭାବେ ଅବରୋଧ କରନ୍ତୁ ନାହିଁ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଅନୁମତି ନିଅନ୍ତୁ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ଅଦରକାରୀ ଇଲୋକ୍‌ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ online www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ଶ୍ରୀମତୀ ସୀମା ଜେନା (ଓ.ଆର.ଏସ୍) ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶ୍ୱାଳ ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ ପୌରପରିଷଦ, ଜଗତସିଂହପୁର | ଶ୍ରୀମତୀ ଅର୍ଚ୍ଚନା ସିଂହ ଅଧ୍ୟକ୍ଷା ପୌରପରିଷଦ, ଜଗତସିଂହପୁର



**ଆନନ୍ଦପୁର ପୌରପାଳିକା, ଆନନ୍ଦପୁର**

**ବିଜ୍ଞାପନ**

**ପ୍ରଗତିପଥେ ଆନନ୍ଦପୁର ପୌରପାଳିକା**

ଆନନ୍ଦପୁର ପୌରବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନରେ ସହଯୋଗ ପାଇଁ ପୌରପାଳିକା ଅନୁରୋଧ କରୁଅଛି ।

**ଆମର ପ୍ରୟାସ**

- ବର୍ଷାଜନିତ ଜଳ ନିଷ୍କାସନ ନିମନ୍ତେ ପୌରାଞ୍ଚଳ ସମସ୍ତ ୱାର୍ଡ଼ରେ ଡ୍ରେନେଜ ବ୍ୟବସ୍ଥା।
- ଆଦର୍ଶ ଶ୍ମଶାନ ନିର୍ମାଣ।
- ସ୍ମାର୍ଟ ପାର୍କ ନିର୍ମାଣ ।
- ମାଇକ୍ରୋ କମୋଷ୍ଟ ପ୍ଲାଣ୍ଟରୁ ଉତ୍ପାଦନ ଜୈବିକ ଖତ ସର୍ବସାଧାରଣ ନିମନ୍ତେ ବିକ୍ରୟ ।
- ସହରକୁ ପ୍ଲାଷ୍ଟିକମୁକ୍ତ କରିବା ନିମନ୍ତେ ପ୍ରୟାସ ।
- ପୌରାଞ୍ଚଳର ସମସ୍ତ ୱାର୍ଡ଼ର ରାସ୍ତାଗୁଡ଼ିକ ପେଭର ରାସ୍ତାରେ ରୂପାନ୍ତରୀକରଣ ।

**ଆମର ନିବେଦନ**

- ପରିବେଶ ନିର୍ମଳ ରଖନ୍ତୁ । ରାସ୍ତାକଡ଼ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଡଷ୍ଟବିନ ବ୍ୟବହାର କରନ୍ତୁ ।
- ସର୍ବସାଧାରଣ ରାସ୍ତା କଡ଼ରେ ବାଲି, ଗୋଡ଼ି, ଇଟା ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପୌରପାଳିକାର ଟିକସ ଯଥା ସମୟରେ ପୈଠ କରନ୍ତୁ।
- ଗୃହପାଳିତ ପଶୁମାନଙ୍କୁ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌରପାଳିକାକୁ ସହଯୋଗକରନ୍ତୁ ।
- ପୌରପାଳିକା ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।

**ସ୍ୱଚ୍ଛ ଆନନ୍ଦପୁର ସୁସ୍ଥ ଆନନ୍ଦପୁର**

ଶ୍ରୀ ଦେବ ପ୍ରସାଦ ବଳ ନିର୍ବାହୀ ଅଧିକାରୀ ଆନନ୍ଦପୁର ପୌରପାଳିକା | ସମସ୍ତ ପାରିଷଦବୃନ୍ଦ ଆନନ୍ଦପୁର ପୌରପାଳିକା | ସୁଶ୍ରୀ ରଜନୀରାଣୀ ଖଟୁଆ ଅଧ୍ୟକ୍ଷା ଆନନ୍ଦପୁର ପୌରପାଳିକା

OFFICE OF THE MUNICIPAL COUNCIL, ANANDAPUR



**ପୌର ପରିଷଦ, କୋରାପୁଟ**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୫ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ

| | | |
|---|---|---|
| * | | ନିଜ ଦୋକାନ/ବାଣିଜ୍ୟକ ପ୍ରତିଷ୍ଠାନର ନାମ ଫଳକରେ ଓଡ଼ିଆ ଭାଷା ଲିପି ବ୍ୟବହାର କରନ୍ତୁ ! |
| * | | ଗୃହ ନିର୍ବାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦଠାରୁ ଅନୁମୋଦନ କରାଇ ନିଅନ୍ତୁ । |
| * | | ପରିଷଦର ଗୃହ ଟିକସ, ଦୋକାନ ଭଡ଼ା, ବ୍ୟବସାୟିକ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ । |
| * | | ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । |
| * | | ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡ଼ରେ ପକାନ୍ତୁନାହିଁ । ସେଗୁଡ଼ିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ । |
| * | | ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ । |
| * | | ରାସ୍ତା କଡ଼ରେ ଗୃହ ନିର୍ମାଣ ସାମଗ୍ରୀ ଯଥା–ବାଲି, ଇଟା, ପଥର, ଗୋଡ଼ି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡ଼ିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ। ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ । |
| * | | ଯଥା ସମୟ ବିବାହ ପଞ୍ଜୀକରଣ କରନ୍ତୁ । |
| * | | ନିଜ ନିଜ ଘର ବାଡ଼ିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହରକୁ ସବୁଜ ସୁନ୍ଦର ଗଢ଼ିତୋଳନ୍ତୁ। |
| * | | ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର । |

ଆସନ୍ତୁ ଆମେ ସମସ୍ତେ ଏକତ୍ର ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା

ଶ୍ରୀ ଜ୍ଞାନଜିତ ତ୍ରିପାଠୀ ନିର୍ବାହୀ ଅଧିକାରୀ ପୌର ପରିଷଦ, କୋରାପୁଟ | ଶ୍ରୀମତୀ ସବିତା ପଣ୍ଡା, ଉପାଧ୍ୟକ୍ଷା, ପୌର ପରିଷଦ, କୋରାପୁଟ | ଶ୍ରୀ ଲଲାଟ ରଞ୍ଜନ ସେଠୀ, ଅଧ୍ୟକ୍ଷ ପୌର ପରିଷଦ, କୋରାପୁଟ



NOTIFIED AREA COUNCIL
BELLAGUNTHA-761119 (GANJAM)
Phone No. 06821-258244
Sri Banamali Satapathy (OAS)
Executive Officer

ବିଜ୍ଞାପିତ ଅଞ୍ଚଳ ପରିଷଦ
ବେଲଗୁଣ୍ଠା– ୭୬୧୧୧୯ (ଗଞ୍ଜାମ)
ଦୂରଭାଷା: ୦୬୮୨୧– ୨୫୮୨୪୪
ଶ୍ରୀ ବନମାଳୀ ଶତପଥି (ଓ.ପ୍ରେ.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ

ପତ୍ର ସଂଖ୍ୟା ୯୯୮ E-Mail ID:conacbellaguntha@gmail.com ତାରିଖ ୨୬.୦୮.୨୫

**ସର୍ବସାଧାରଣ ସୂଚନା**

ବିଜ୍ଞପିତ ଅଞ୍ଚଳ ପରିଜ୍ଷଦ, ବେଲଗୁଣ୍ଠାର ସମସ୍ତ ଜନସଧାରଣଙ୍କୁ ଅନୁରୋଧ. ବେଲଗୁଣ୍ଠା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।

୦୧. ଘରୁ କିମ୍ବା ବ୍ୟବସାୟୀକ ପ୍ରତିଷ୍ଠାନକୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ୍ ପୃଥକ୍ କରି ନାଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ ଏବଂ ପରିଷଦ ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘରକୁ ଘର ଆସୁଥିବା ସ୍ୱଚ୍ଛତା ରଥରେ ଦିଅନ୍ତୁ।

୦୨. ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ବାଲି, ଗୋଡି, ପଥର ଆଦିକୁ ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା– ଭଙ୍ଗା ଇଟା, ମାଟି, ପଥର ଆଦିକୁ ରାସ୍ତାରେ ପକାନ୍ତୁ ନାହିଁ। ଏଗୁଡିକର ସୁପରିଚାଳନା ନିମନ୍ତେ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ।

୦୩. ଗୃହରେ ପାଇଖାନା ଏବଂ ସେପ୍ଟିକ୍ ଟାଙ୍କି କରନ୍ତୁ। ପାଇଖାନାର ମଇଳା ଡ୍ରେନ୍‌କୁ ଛାଡନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ସେପ୍ଟିକ୍ ଟାଙ୍କିକୁ ପରିଷଦର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ। ପାଇଖାନା ଟାଙ୍କି ସଫା ପାଇଁ ୧୪୪୨୦ ହେଲ୍ପଲାଇନ୍ ନମ୍ବରରେ ଫୋନ୍ କରନ୍ତୁ।

୦୪. ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ବର୍ଜନ କରନ୍ତୁ।

୦୫. ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି ଉତ୍ସବକୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନ ପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପରିଷଦର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା

# ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର

DSPL-231 ଚୌଦ୍ୱାର ପୌରପରିଷଦ ଅଂଚଳର ଗୋଡ଼ିପାଟଣା ସ୍ଥିତ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ । ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମ୍ଭେ ସଙ୍କଳ୍ପବଦ୍ଧ । ଆସନ୍ତୁ ଆମ୍ଭେ ସମସ୍ତେ ମିଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦ ଭାବେ ଗଢ଼ିତୋଳିବା ।

ନିମ୍ନଲିଖିତ ଯୋଜନା ଗୁଡ଼ିକୁ ଆମ ସହରର ଉନ୍ନତି ପାଇଁ ଆମ୍ଭେ ସେବା ପ୍ରଦାନ କରିଆସୁଅଛୁ ।

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ ।
୨. ଚୌଦ୍ୱାର ପୌରପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ ।
୩. ଚୌଦ୍ୱାର ପୌରପରିଷଦର ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ ।
୪. ପୌରାଂଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୫. ରାସ୍ତା ଗୁଡ଼ିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା-ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଚୌଦ୍ୱାର ପୌରପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF) କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ ।
୭. ଚୌଦ୍ୱାର ପୌରପରିଷଦର ୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା "ମୋ ଖତ" କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ ।

ଆମ ସଙ୍କଳ୍ପ ଓ ପରିକଳ୍ପନା :-

୧. ୱାର୍ଡ଼ ନଂ.୧ ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର **ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ ।**
୨. ଚୌଦ୍ୱାର ପୌରପରିଷଦର ୱାର୍ଡ଼ ନଂ.୦୨ ର ଗଙ୍ଗେଶ୍ୱର ଠାରେ ଏକ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଏକ **ଅତ୍ୟାଧୁନିକ ମଡ଼େଲ୍ ଶବଦାହ କେନ୍ଦ୍ର ନିର୍ମାଣ ।**
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦ କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, **କାନ୍ଥ ଚିତ୍ରକଳା** ଇତ୍ୟାଦିର ନିର୍ମାଣ ।
୪. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦ କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ ।
୫. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ.୦୬, ୧୦, ୧୪ ଏବଂ ୧୭ ରେ ୪ ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ.୦୧, ୦୪, ୦୯, ୧୦, ୧୨, ୧୭, ୧୮ ଏବଂ ୧୯ ରେ ୦୮ ଗୋଟି ବୃହତ LED Web-Board ନିର୍ମାଣ କରାଯାଇଅଛି ।
୬. ଚୌଦ୍ୱାର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ **ଆବାସ ଯୋଜନା ୧.୦** ଜରିଆରେ ପାଖାପାଖି **୧୨୫୦ ଜଣ ଏବଂ ଆବାସ ଯୋଜନା ୨.୦** ଜରିଆରେ ୧୩୭ ଜଣ **ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି ।**



**ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର**
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା



**ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ**
ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ



**ଶ୍ରୀମତୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ**
ଅଧ୍ୟକ୍ଷା, ଚୌଦ୍ୱାର ପୌରପରିଷଦ

ଓ

**ସମସ୍ତ ପାରିଷଦ ବୃନ୍ଦ**

OIPR : 13138/13/0048/2526

"ସ୍ୱଚ୍ଛ ଚୌଦ୍ୱାର" "ସୁସ୍ଥ ଚୌଦ୍ୱାର" "ଆପଣଙ୍କ ସହଯୋଗ, ଆମର କାମନା"

## AFFIDAVIT

I, Rama Muduli, aged about 62 years, S/o- Ananda Muduli, resident of Burujhari, Sumandala, Dist- Ganjam, Pin-761035, Odisha declared by this affidavit No. 1764, dtd- 29/08/2025 that now onwards I shall be known as **RAM MUDULI** for all future purposes.

## AFFIDAVIT

BY virtue of an affidavit before the Notary, Angul , I Lalbahadur Prasad ,49 yrs S/o Ayodhya Prasad,At- 48 Ka ,Manikpur, Bhojpur, Bihar- 802163, declare that my son Name Goutam Kumar Prasad and Monu Kumar Prasad is same and one person. D.O.B is 18.23. 2009

## AFFIDAVIT

I, Sanandwala Bikisbanu Mohammedsaeed, D/o- Mohammad Mustashan, resident of Dewan Bazar, Po-Buxi Bazar, Ps-Lalbag, Pin-753001 Odisha, declare by this affidavit No. 77AA089964, dtd.- 30/08/ 2025 that now onwards I shall be known as BILKEES FATMA for all future purposes.

## AFFIDAVIT

I, Mohammad Sayeed, S/o-Sanandwala Siddiqebhai Fazalbhai, resident of Dewan Bazar, Po-Buxi Bazar, Ps-Lalbag, Pin-753001 Odisha, declare by this affidavit No. 77AA089963, dtd.- 30/08/ 2025 that now onwards I shall be known as MOHAMMAD SAEED for all future purposes.

## AFFIDAVIT

By virtue of an affidavit sworn before the Executive Magistrate,Tangi,Khordha, dt.26.08.2025, I, Ranjan Kumar Palei, 49yrs, S/o-Hata Khamari, Vill/ Po-Kandhanayagarh,Ps-Chandpur, Dist-Nayagarh, Pin-752024 declare that I have changed my name from Ranjan Kumar Khamari (old name) to Ranjan Kumar Palei (new name). Henceforth, I shall be known as Ranjan Kumar Palei for all future purposes.

Ranjan Kumar Palei
Deponent

## AFFIDAVIT

By virtue of an affidavit sworn before the Executive Magistrate,Odagaon, dt.26.08.2025, I, Ashok Sahoo , Vill/Po-Kurumbankatara,Ps-Odagaon, Dist-Nayagarh, Pin-752081 declare that I have changed the name of my minor son from Ronan Sahoo (old name) to Rohan Sahoo (new name). Henceforth, he will be known as Rohan Sahoo for all future purposes.

Ashok Sahoo
Deponent

## AFFIDAVIT

By virtue of an affidavit sworn before the Executive Magistrate, Odagaon, dt.08.08.2025, I, Bapuji Behera, S/o-Panu Charan Behera,Vill-Dhanurjayapur,Po-Rohibanka, Ps-Odagaon, Dist-Nayagarh, Pin-752090 declare that I have changed the name of my minor son from Subham Behera (old name) to Soham Behera (new name). Henceforth, he will be known as Soham Behera for all future purposes.

Bapuji Behera
Deponent

## AFFIDAVIT

By virtue of an affidavit sworn before the Executive Magistrate, Odagaon, dt.01.08.2025, I, Simanchala Sahoo, S/o-Dasarathi Sahoo,Vill-Ranganipatna, Po-Ranganipatna, Ps-Odagaon, Dist-Nayagarh, Pin-752081 declare that I have changed my name from Seemanchanl Sahoo (old name) to Simanchala Sahoo (new name). Henceforth, I shall be known as Simanchala Sahoo for all future purposes.

Simanchala Sahoo
Deponent

## AFFIDAVIT

By virtue of an affidavit sworn before the Executive Magistrate, Odagaon, dt.14.08.2025, I, Narayan Sahu, S/o-Raghunath Sahu,Vill-Kantabani, Po-Karchuli, Ps-Buguda, Dist-Ganjam, Pin-761143 declare that I have changed the name of my minor son from Amar Sahu (old name) to Aman Sahu (new name). Henceforth, he will be known as Aman Sahu for all future purposes.

Narayan Sahu
Deponent

## AFFIDAVIT

By virtue of an affidavit sworn before the Executive Magistrate, Odagaon, dt.11.08.2025, I, Sanjulata Sahoo , W/o-Ramesh Chandra Sahoo,Vill/Po-Kurumbankatara, Ps-Odagaon, Dist-Nayagarh, Pin-752081 declare that I have changed my name from Sanju Sahoo (old name) to Sanjulata Sahoo (new name). Henceforth, I shall be known as Sanjulata Sahoo for all future purposes.

Sanjulata Sahoo
Deponent

# ୪ ଗୋରୁ ବୋଝେଇ ପିକଅପ୍ ଜବତ: ୮ ଅଭିଯୁକ୍ତ ଅଟକ

ଠାକୁରମୁଣ୍ଡା,୩୦।୮(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଓ ଠାକୁରମୁଣ୍ଡା ଥାନା ପୋଲିସ୍ ମିଳିତ ଭାବେ ୨୮ ତାରିଖ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧ ଟା ସମୟରେ ୪ ଟି ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିବା ସହ ସେହି ପିକଅପ୍ ଭ୍ୟାନ୍ ରୁ ୩୪ ଟି ଗୋରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ୮ ଜଣଙ୍କୁ ଅଟକ ରଖିଛନ୍ତି।ଘଟଣାରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଆନନ୍ଦପୁର ପଟୁ ୪ ଟି ପିକଅପ୍ ଭ୍ୟାନ୍ ରେ ଗୋରୁ ବୋଝେଇ ହୋଇ ଠାକୁରମୁଣ୍ଡା ଅଭିମୁଖେ ଆସୁଥିବା ଖବର ପାଇ ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁମଣି ଜେନାଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଅଧିକାରୀ ଅରୁଣ କୁମାର ଟୁଡୁ ଏବଂ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ମହୁଲଡିହା ଥାନା ଏଏସ ଆଇ ସଞ୍ଜୟ କୁମାର ନାଏକ,ବିକେ ସାଆନ୍ତେରା ଙ୍କ ସମେତ ଠାକୁରମୁଣ୍ଡା ଏବଂ ମହୁଲଡିହା ଥାନାର ପୋଲିସ୍ କର୍ମଚାରୀ ଚିଆଁଡୋ ଛକ ନିକଟରେ ଛକି ରହିଥିଲେ।ରାତି ପ୍ରାୟ ୧ ଟା ସମୟରେ ୪ ଟି ଗୋରୁ ବୋଝେଇ ପିକଅପ୍? ଭ୍ୟାନ୍? ଚିଆଁଡୋ ଛକ ପହଞ୍ଚିବା ପରେ ଏହି ପୋଲିସ ଟିମ ହାବୁଡ଼ରେ ପଡ଼ି ଯାଇଥିଲେ।ମିଳିତ ପୋଲିସ ଟିମ ସେଠରୁ ୪ ଟି ପିକଅପ ଭ୍ୟାନ୍? କୁ ଜତ କରିବା ସହ ଗାଡ଼ିରେ ଥିବା ଚାଳକଙ୍କ ସହ ୮ ଜଣ ଅଭିଯୁକ୍ତଙ୍କୁ ମହୁଲଡିହା ଥାନାକୁ ଆଣିଛନ୍ତି। ଜବତ ହୋଇଥିବା ଗାଡ଼ି ଗୁଡ଼ିକର ନମ୍ବର ୦୧୮୯୧୨, ୨୧୮୫୯,୦୧୧୭୧୪,୦୧୭୮୦୭ ଏବଂ ଏହି ୪ ଟି ପିକଅପ୍ ଭ୍ୟାନ୍ ରେ ୨୯ ଟି ଗାଇ ଏଂ ୫ ଟି ବଳଦ ମୋଟ ୩୪ ଟି ଗୋରୁ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା।ମହୁଲଡିହା ଥାନା କେଶ ନଂ ୭୩,୭୪,୭୫ ,୭୬/ ୨୦୨୫ ଦଫା ୩୦୩(୨)୩(୫) ବିଏନ ଏସ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ମହୁଲଡିହା ଥାନା ଅଧିକାରୀ ଅରୁଣ କୁମାର ଟୁଡୁ। ଜତ ହୋଇଥିବା ୨୯ ଗାଇ ଏଂ ୫ ବଳଦକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ଥାନାରେ ଅଟକ ଥିବା ଅଭିଯୁକ୍ତ ଏବଂ ଡ୍ରାଇଭର ମାନଙ୍କର ନାମ ସୋମନାଥ ନାଏକ (୪୦) ତ୍ରିନାଥ ମୁଣ୍ଡା (୩୩) କସ୍ତୁରି ସିଂ (୨୪) ବିଷ୍ଣୁ ବାଗ(୩୩) ପଙ୍କଜ ପ୍ରଧାନ (୨୩)ସୁକୁଲୁ ଟୁଡୁ (୨୪) ରବିନ୍ଦ୍ର ସୟ (୧୮) କୁନା ବେସରା( ୨୨) ବୋଲି ଥାନା ଅଧିକାରୀ ଅରୁଣ କୁମାର ଟୁଡୁ ସୁଚନା ଦେଇଛନ୍ତି।

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ, ଜି –ନୟାଗଡ଼

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ – ୨୦୨୫ ଅବସରରେ ବାର୍ତ୍ତା**

ସ୍ୱାୟତ ଶାସନ ଦିବସ ଅସରରେ ଓଡଗାଁର ଗୁରୁଜନ , ମା' ମାଉସୀ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ଦିଆଯାଉଛି। ଗଣ ତାନ୍ତ୍ରିକ ଶାସନରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସହରବାସୀଙ୍କ ସାମାଜିକ ତଥା ଆର୍ଥିକ ବିକାଶର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା କିପରି ସଠିକ ଭାବେ ଉପଯୋଗ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶର ଧାରାକୁ ନିରବଚ୍ଛିନ୍ ଭାବେ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ।

ସ୍ୱା/–
**ଉପଜିଲ୍ଲାପାଳ, ନୟାଗଡ଼, ତଥା – ପ୍ରଶାସକ**
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ

## ବିଜ୍ଞାପିତ ଅଞ୍ଚଳ ପରିଷଦ ଖଲ୍ଲିକୋଟ, ଗଞ୍ଜାମ

**ପିନ୍ ନଂ– ୭୬୧୦୩୦, ଦୂରଭାଷ – ୦୬୮୧୦୨୯୫୩୩୩**

**ଅଭିନନ୍ଦନ ବାର୍ତ୍ତା**

୩୧ ଅଗଷ୍ଟ ୨୦୨୫ ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ , ବୁଦ୍ଧିଜୀବୀ ,ଆଇନ୍ ଜୀବୀ, ବ୍ୟବସାୟିକ, ସାମ୍ବାଦିକ ଏବଂ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବପା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛିଯେ

- ପରିଷଦର ଟିକସ ଗୃହ , ଦୋକାନ ଭଡା ଯଥା ସମୟରେ ଜମାକରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ।
- ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତ୍ରିରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତି ଶିଘ୍ର ମଞ୍ଜୁର କରାଇ ନିଅନ୍ତୁ।
- ଅଳିଆ ଆବର୍ଜନା ଏଣେ ତେଣେ ନପକାଇ ଶୁଖିଲା ଅଳିଆ ପୃଥକ ପୃଥକ କରି ରଖି ପରଷଦ ତରଫରୁ ନିଯୁକ୍ତ ଗୋଯିକୁ ପକାନ୍ତୁ। ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୁନ୍ତୁ।
- ରାସ୍ତାଉପରେ ଘର ତିଆରି ସାମଗ୍ରୀ ଯଥା – ଗୋଡି , ବାଲି ,ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ।
- ଗୃହପାଳିତ ପଶୁ ଯଥା ଗାଇଗୋରୁ , ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନାହିଁ।
- ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦ୍ୟୁଷଣରୁ ବଘିତ ହୁଅନ୍ତୁ।
- ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
- ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ୫ ମିଟର ପରିମିତ ଅଞ୍ଚଳ ସଫାରଖନ୍ତୁ।

**ବିକାଶ ପଥରେ ଖଲ୍ଲିକୋଟ :**

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ସମସ୍ତ ୱାର୍ଡର ବିଶ୍ରମାଗାରା ପେଭର ରାସ୍ତା ଆଲୋକିକରଣ ,ନାଳ ପୁନଃଉଦ୍ଧାର ସେଲ୍ଫି ପଏଣ୍ଟ,ଚିଲ୍ଡ୍ରେନ୍ ପାର୍କ, ମୁକ୍ତ ଆକାଶ ବ୍ୟାୟାମ, ସମସ୍ତ ବନ୍ଦର ସୌନ୍ଦର୍ଯ୍ୟକରଣ , ଆଦର୍ଶ ଶ୍ମଶାନ, ଶ୍ରୀଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟ କରଣ , ବସ୍ ଷ୍ଟାଣ୍ଡରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଜଗିଂ ଟ୍ରାକ୍, ଲୁ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ମଳ ବିଶୋଧନ ଗାରା ଇତ୍ୟାଦି କାର୍ଯ୍ୟ ସଫଳ ରୂପାୟିନ କରାଯାଇଛି।

**ଆସନ୍ତୁଆମେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା**

**ଇଂ ନିରଞ୍ଜନ ବେହେରା**
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ

ସ୍ୱା/–
**ଶ୍ରୀସନ୍ଦୀପ ଖାଡଙ୍ଗା**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ

## OFFICE OF THE NOTIFIED AREA COUNCIL, KOTPAD

No - 1821 | 28/08-2025

**ବିଜ୍ଞାପିତ ଅଞ୍ଚଳ କୋଟପାଡ଼ ତରଫରୁ ସ୍ୱାୟତ ଶାସନ ଦିବସ ଉପଲକ୍ଷେ କୋଟପାଡ଼ ସହରବାସୀଙ୍କୁ ଶୁଭେଚ୍ଛା ଓ ଅନୁରୋଧ**

୧) ଆପଣଙ୍କ ଗୃହ ଟିକସ ଓ ଲାଇସେନ୍ସ ଫି ଯଥା ସମୟରେ ପୈଠ କରନ୍ତୁ।
୨) ଗୃହ ନିର୍ମାଣ ଉପାଦାନ ଯଥା ଇଟ, ବାଲି, ଓ ଗୋଡି ଇତ୍ୟାଦି ରାସ୍ତା କଡ଼ରେ ଜମା କରନ୍ତୁ ନାହିଁ।
୩)ଆପଣଙ୍କ ଘରର ଅଳିଆ ଆବର୍ଜନାକୁ ପରିଷଦର ପରିମଳ ଗାଡିରେ ଦିଅନ୍ତୁ।
୪) ପଲିଥିନ୍ ବ୍ୟବହାର କରିବା ବର୍ଜନ କରନ୍ତୁ।
୫) ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ।
୬) ଆପଣଙ୍କ ଗୃହପାଳିତ ଗାଈ– ଗୋରୁଙ୍କୁ ରାସ୍ତାରେ ଛାଡନ୍ତୁ ନାହିଁ।
୭) ପରିବା ଠେଲା ବିକାଳୀମାନେ ରାସ୍ତାକୁ ଅବରୋଧ କରି ବ୍ୟବସାୟ କରନ୍ତୁ ନାହିଁ।

**ଶ୍ରୀ ଏମ୍ ଶଙ୍କର ରାଓ**
**ଅଧ୍ୟକ୍ଷ**
ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋଟପାଡ଼

**ଶ୍ରୀମତୀ ଏମ୍ ସନ୍ତୋଷୀ**
**ଉପାଧ୍ୟକ୍ଷା**
ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋଟପାଡ଼

**ଶ୍ରୀ କମଳେଶ ମହାନ୍ତ , ଓ,ରାସେ**
**ନିର୍ବାହୀ ଅଧିକାରୀ**
ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋଟପାଡ଼

## ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା,ଗଞ୍ଜାମ

ପବିତ୍ର ସ୍ୱାୟତ ଶାସନ ଦିବସ – ୨୦୨୫ ପରି ପ୍ରେକ୍ଷୀରେ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ସମୁହ ଉନ୍ନତିରେ କାମନା କରି ଅଭିନନ୍ଦନ ଜଣାଇବା ସହ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

୧. ପରିଷଦର ସମସ୍ତ ଟିକିସ୍ର ଓ ପାଉଣା ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତାଘାଟ ପରିଷ୍କାର ଓ ପରିଚ୍ଛନ ରଖନ୍ତୁ। ରାସ୍ତା ଓ ଡ୍ରେନ୍ ଇତ୍ୟାଦି ଅବରୋଧ କରନ୍ତୁ ନାହିଁ। ରମ୍ଭାର ସମସ୍ତ ଜନସାଧାରଣ ବର୍ଯ୍ୟବସ୍ତୁ ପୃଥୀକରଣ ପରିଚାଳନାରେ ସହଯୋଗ କରନ୍ତୁ।
୩. ରାସ୍ତାରେ ଗୃହପାଳିତ ପଶୁଙ୍କୁ ଛାଡି ସର୍ବସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କିମ୍ବା ମରାମତି କାର୍ଯ୍ୟ କରନ୍ତୁ ନାହିଁ। **Sujog** ପୋର୍ଟାଲ ମାଧ୍ୟମରେ ଆବେଦନ କରି ଗୃହର ଜିଲ୍ଲା ଅନୁମୋଦନ ଓ ଟିକସ ପୈଠ ଗୃହ ଉପଯୋଗୀ ଜମିକୁ ନିୟମିତ କରି ମଞ୍ଜୁରୀ ପ୍ରାପ୍ତ ଏବଂ **Trade** ଲାଇସେନ୍ସ ଅନୁମୋଦନ କରି ବ୍ୟବସାୟ ଓ ଟିକସ ପୈଠ କରନ୍ତୁ।

**ସ୍ୱା/–ଶ୍ରୀମତୀ ମାନସୀ ସ୍ୱାଇଁ**
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା, ଗଞ୍ଜାମ

**ସ୍ୱା/–ଶ୍ରୀଯୁକ୍ତା ଆଶାଲତା ରଚମାଲା**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା, ଗଞ୍ଜାମ

## ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଉଦଳା

**ଉଦଳା ପୌରାଞ୍ଚଳ ପରିଷଦର ଜନସାଧାରଣଙ୍କୁ ନିଖିଳ ଭାରତ ସ୍ୱାୟତ ଶାସନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ**

- ରାସ୍ତାକଡ଼ରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
- ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥୀକରଣ ( ଓହା/ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗୁଡିକୁ ହସ୍ତାନ୍ତର କରନ୍ତୁ।
- ଜଳ ନିସ୍କାସନ ପାଇଁ ଉଦ୍ଦିଷ୍ଟ ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
- ନିୟମିତ ଧାର୍ଯ୍ୟ ଟିକସପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
- ଘରେ ନିଜେ ତିଆରି କରିଥିବା ଶୌଚାଳୟଏବଂ ବିଜ୍ଞାପିତ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରନ୍ତୁ।
- କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥୀ ମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ।
- ପଲିଥିନ୍ ତଥା ଥର୍ମକୋଲ ବ୍ୟବହାର ନକରି ନ୍ରଦ୍ୟୁଷଣ ମୁକ୍ତ ସହାରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ।
- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ।
- ରାସ୍ତା ଉପରେ କିମ୍ବା ରାସ୍ତା କଡ଼ରେ ବାଲି ,ଗୋଡି ,ପଥର ତଥା ଭାରିଯାନ ରଖି ଯାତାୟାତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ।
- ଆସନ୍ତୁ ସଭିଏଁ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା।

ସ୍ୱା/–
**ପ୍ରିୟ ରଞ୍ଜନ ଜେନା**
ନିର୍ବାହୀଅଧିକାରୀ
ଉଦଳା ବିଜ୍ଞାପିତ ଅଞ୍ଚଳପରିଷଦ

ସ୍ୱା/–
**ପ୍ରମିଳା ପଣ୍ଡା**
ଉଦଳା ବିଜ୍ଞାପିତ ଅଞ୍ଚଳପରିଷ
ଉଦଳା ବିଜ୍ଞାପିତ ଅଞ୍ଚଳପରିଷଦ

## ପୌର ପରିଷଦ କାର୍ଯ୍ୟାଳୟ

**ଜିଲ୍ଲା – ରାୟଗଡ଼**

**ପିନ୍ କୋଡ୍ – ୭୬୫୦୦୧– ଓଡ଼ିଶା**

E-mailID-raygadam.hud@od.gov.in

**ପ୍ରେସ୍ ବିଜ୍ଞପ୍ତି**

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ। ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
- ମ୍ୟାଲେରିଆ , ଡେଙ୍ଗୁ ଡାଇରିଆ ଆଦିରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳ ପରିବେଶକୁ ସଫା ରଖିବା ସଙ୍ଗେ ସଙ୍ଗେ ନଜ ଘରର ଚାରିପଟ ସଫାରଖନ୍ତୁ।
- ସହରର ଅଭ୍ୟନ୍ତରସ୍ତ ରାସ୍ତା ଗୁଡିକ ଉପରେ ଗୃହପାଳିତ ପଶୁ ଗୁଡିକୁ ଅନାଧିକାର ରୁପେ ଛାଡନ୍ତୁ ନାହିଁ।
- ରାସ୍ତା କଡ଼ ଜମି ତଥା ସରକାରୀଜମି ଜବର ଦଖଲରୁ ନିବୃତ୍ତ ରୁହନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ କରି ଅଳିଆ ଗାଡିରେ ଦିଅନ୍ତୁ।
- ନାଳ ଉପରକୁ ଅତିକ୍ରମ କରନ୍ତୁ ନାହିଁ। ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
- ପଲିଥିନ୍ ବ୍ୟବହାର ନକରି ପ୍ରଦ୍ୟୁଷଣ ମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୂରାତନ ଗୃହନିର୍ମାଣ କରନ୍ତୁ ନାହିଁ।
- ପୌରସଂସ୍ଥା ଦ୍ୱାରା ଲେ– ଆଉଟ୍ ନକସା ଅନୁମୋଦନ ହୋଇନଥିବା ଖାଲି ସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ। ଗୃହ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ୍ ଅନୁମୋଦନ କରାଇ ନିଅନ୍ତୁ।
- ବିନା ବ୍ୟବସରାୟ ପରିଚୟ ପତ୍ରରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

**ଶ୍ରୀ କୂଳଦୀପ କୁମାର**
କାର୍ଯ୍ୟନିର୍ବାହୀଅଧିକାରୀ
ପୌରପରିଷଦ ରାୟଗଡ଼

**ଶ୍ରୀମତୀ ଶୁଭା ପଣ୍ଡା**
ଉପାଧ୍ୟକ୍ଷା
ପୌରପରିଷଦ ରାୟଗଡ଼

**ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ**
ଅଧ୍ୟକ୍ଷା
ପୌରପରିଷଦ ରାୟଗଡ଼


Chola
Enter a better life

## ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ: ଚୋଲା କ୍ରେଷ୍ଟ, ସି୫୪ ଏବଂ ୫୫, ସୁପର ବି–୪, ଥିରୁ ଭାଇ କା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଗୁଇଣ୍ଡି, ଚେନ୍ନାଇ–୬୦୦୦୩୨,ଭାରତ
ଶାଖା କାର୍ଯ୍ୟାଳୟ: ୩ୟ ଫ୍ଲୋର, ଶ୍ରୀମା କନଷ୍ଟ୍ରକସନ ବିଲ୍ଡିଂ, ନୟା ଚୌକ, ମଧୁପାଟଣା, କଟକ, ଓଡ଼ିଶା, ପିନ–୭୫୩୦୧୦

**ଦାବି ବିଜ୍ଞପ୍ତି**

**ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନର ଧାରା ୧୩ (୨) ଅନୁଯାୟୀ ଜାରି କରାଯାଇଥିବା ଦାବି ବିଜ୍ଞପ୍ତି**

ଆପଣମାନଙ୍କୁ, ନିମ୍ନଲିଖିତ ଋଣଗ୍ରହୀତା/ମଡଗେଜରମାନଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ, ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ କମ୍ପାନୀ ଆପଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏଥି ନିମନ୍ତେ ଆଇନର ଧାରା ୧୩ (୨) ଅନୁଯାୟୀ ଆପଣଙ୍କୁ ରେଜିଷ୍ଟ୍ରର ପୋଷ୍ଟରେ ଆକନଲେଜମେଣ୍ଟ ସହିତ ପଠାଯାଇଥିଲା। କିନ୍ତୁ ଋଣଗ୍ରହୀତାମାନଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର ନ ହୋଇ ଫେରିଆସିଛି। ତେଣୁ ଆପଣଙ୍କୁ ପୁନର୍ବାର ଜଣାଇ ଦିଆଯାଉଛି ଯେ ଉକ୍ତ ଆକାଉଣ୍ଟ ନିମନ୍ତେ ଉଲ୍ଲିଖିତ ବକେୟା ଋଣରାଶି ଏହା ସହିତ ପ୍ରଯୁଜ୍ୟ ହେଉଥିବା ସୁଧ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୬୦ ଦିନ ମଧ୍ୟରେ ପଇଠ କରିବେ, ଏଥିରେ ବିଫଳ ହେଲେ ଆଇନର ଧାରା ୧୩ର ଉପଧାରା (୪) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ କମ୍ପାନୀ ଆପଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି ବଳରେ କମ୍ପାନୀ ଏହାର ବକେୟା ରାଶି ସହିତ ସୁଧ ଏବଂ ମୂଲ୍ୟ ସଂଗ୍ରହ କରିବ। ଏହା ଉଲ୍ଲେଖ କରିବା ଅନାବଶ୍ୟକ ଯେ, କମ୍ପାନୀ ନିକଟରେ ଅନ୍ୟ କୌଣସି ଆଇନଗତ ବିଧିବିଧାନ ଉପଲବ୍ଧ ନଥିବାରୁ ଆପଣଙ୍କୁ ଏହି ବିଜ୍ଞପ୍ତି ପଠାଗଲା।

| | | |
|---|---|---|
| HE01XBJ00000068875<br>ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା :<br>ଆବେଦନକାରୀ: ସନ୍ତୋଷ କୁମାର ଶତପଥି<br>ପିତା–ଶ୍ରୀକାନ୍ତ ଶତପଥି, ମାର୍ଫତ୍: ଶ୍ରୀକାନ୍ତ ଶତପଥି, ବଡଦାଣ୍ଡ ଷ୍ଟ୍ରିଟ୍, ସାବୁଲିଆ ରମ୍ଭା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା–ଗଞ୍ଜାମ, ଓଡ଼ିଶା, ପିନ୍–୭୬୧୦୨୮<br>ସହ ଆବେଦନକାରୀ : ସରିତା ଦାସ, ସ୍ୱା–ସନ୍ତୋଷ କୁମାର ଶତପଥି, ମାର୍ଫତ୍: ସନ୍ତୋଷ କୁମାର ଶତପଥି, ବଡଦାଣ୍ଡ ଷ୍ଟ୍ରିଟ୍, ସାବୁଲିଆ ରମ୍ଭା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା–ଗଞ୍ଜାମ, ଓଡ଼ିଶା, ପିନ୍–୭୬୧୦୨୮<br>ଶ୍ରୀକାନ୍ତ ଶତପଥି, ପିତା–ବଳଭଦ୍ର ଶତପଥି, ବଡଦାଣ୍ଡ ଷ୍ଟ୍ରିଟ୍, ସାବୁଲିଆ ରମ୍ଭା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା–ଗଞ୍ଜାମ, ଓଡ଼ିଶା, ପିନ୍–୭୬୧୦୨୮.<br>ଏମ୍/ଏସ୍. ସନ୍ତୋଷ କୁମାର ଶତପଥି, ଘର ନଂ. ୪, ବାଲୁଗାଁ, ମାଛ ମାର୍କେଟ୍, ଚିଲିକା, ଥାନା–ବାଲୁଗାଁ, ଜିଲ୍ଲା–ଗଞ୍ଜାମ, ଓଡ଼ିଶା, ପିନ୍–୭୫୨୦୩୦. | ସ୍ଥାବର ସମ୍ପତ୍ତିର ବିବରଣୀ :<br>ସମ୍ପତ୍ତିର ସମସ୍ତ ଅଂଶ: ଖାତା ନଂ.୫୪୭/୨୦୫୯ (ପୁରୁଣା ନଂ. ୫୪୭/୫୯୪), ପ୍ଲଟ ନଂ.୫୫୬୦, ମୌଜା–ସାବିଲିଆ,ଏରିଆ–୦.୦୮୬ ଡ଼େସିମିଲ, କିସମ–ଘରବାରି, ଜଗନ୍ନାଥ ମନ୍ଦିର ନିକଟ, ତହସିଲ–ଖଲିକୋଟ, ଜିଲ୍ଲା–ଗଞ୍ଜାମ, ଓଡ଼ିଶା, ପିନ୍–୭୬୧୦୨୮. | ଋଣ ପରିମାଣ : ଟ. ୭୫,୦୦,୦୦୦.୦୦<br>(ପଚସ୍ତରୀ ଲକ୍ଷ ଟଙ୍କା କେବଳ)<br>ଦାବି ବିଜ୍ଞପ୍ତି ତାରିଖ: ୦୬.୦୮.୨୦୨୫<br>ଏନ୍‌ପିଏ ତାରିଖ : ୦୪.୦୮.୨୦୨୫<br>ବକେୟା ରାଶି :<br>ଟ. ୭୬,୭୭,୩୩୦.୦୦<br>(ଛଅସ୍ତରୀ ଲକ୍ଷ ସତସ୍ତରୀ ହଜାର ତିନି ଶହ ତିରଶ ଟଙ୍କା କେବଳ)<br>୦୬/୦୮/୨୦୨୫ ସୁଦ୍ଧା |
| ଲୋନ ଏକାଉଣ୍ଟ ନଂ.:HEO1XBE00000085068<br>ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା :<br>ଆବେଦନକାରୀ: ସୁଜିତ କୁମାର ରାଉତ<br>ପିତା–ଭଗବାନ ରାଉତ, ମାର୍ଫତ୍: ଭଗବାନ ରାଉତ, ସରାଗାନ୍, ଶିବ ମନ୍ଦିର ନିକଟ, ପୋ–ସରାଗାନ୍, ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୦୨<br>ସହ ଆବେଦନକାରୀ : ଇପ୍‌ସିତା ରାଉତ, ସ୍ୱା–ସୁଜିତ କୁମାର ରାଉତ, ସରାଗାନ୍, ଶିବ ମନ୍ଦିର ନିକଟ, ପୋ–ସରାଗାନ୍, ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୦୨<br>ଏମ୍/ଏସ୍. ସୁବାରଣା ପଲଟ୍ରି ଫିଡ୍ ଫାର୍ମ ଏବଂ ସ୍ୱାତିକ୍ ଚିକେନ୍ ସେଣ୍ଟର<br>ପ୍ଲଟ ନଂ. ୪/୨୧୫/୧୦୨୬, ଖାତା ନଂ. ୨୬୫/୧୭୩୦, ମୌଜା–ଇଶାନି, ତହସିଲ–ବାଲେଶ୍ୱର, ୟୁ.ପି ସ୍କୁଲ ନିକଟ, ସିଟି–ବାଲେଶ୍ୱର, ଜିଲ୍ଲା–ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୦୨। | ସ୍ଥାବର ସମ୍ପତ୍ତିର ବିବରଣୀ :<br>ସମ୍ପତ୍ତିର ସମସ୍ତ ଅଂଶ: ପ୍ଲଟ ନଂ. ୪/୨୧୫/୧୦୨୬, ଖାତା ନଂ. ୨୬୫/୧୭୩୦, ମୌଜା–ଇଶାନି, ତହସିଲ–ବାଲେଶ୍ୱର, ୟୁ.ପି ସ୍କୁଲ ନିକଟ, ସିଟି–ବାଲେଶ୍ୱର, ଜିଲ୍ଲା–ବାଲେଶ୍ୱର, ପିନ୍–୭୫୬୦୦୨, ଓଡ଼ିଶା, ୟୁ.ପି ସ୍କୁଲ ନିକଟ, ପରିସୀମା: ଉ–ବିଶ୍ୱଜିତ୍ ରାଉତ, ଦ–ତିଳୋତ୍ତମା ସାହୁ, ପୂ–ରାସ୍ତା, ପ–ବିଶ୍ୱ ମୋହନ ଦାସ | ଋଣ ପରିମାଣ : ଟ. ୭୫,୦୦,୦୦୦.୦୦<br>(ପଚସ୍ତରୀ ଲକ୍ଷ ଟଙ୍କା କେବଳ)<br>ଦାବି ବିଜ୍ଞପ୍ତି ତାରିଖ: ୦୬.୦୮.୨୦୨୫<br>ଏନ୍‌ପିଏ ତାରିଖ : ୦୪.୦୮.୨୦୨୫<br>ବକେୟା ରାଶି : ଟ. ୭୭,୮୨,୨୨୩.୦୦<br>(ସତସ୍ତରୀ ଲକ୍ଷ ବୟାଅଶି ହଜାର ଦୁଇଶହ ତେଇଶ ଟଙ୍କା କେବଳ)<br>୦୬/୦୮/୨୦୨୫ ସୁଦ୍ଧା |
| ଲୋନ ଏକାଉଣ୍ଟ ନଂ.:HE01XBE00000086520<br>ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା :<br>ଆବେଦନକାରୀ: ଭାସ୍କର ମାନ୍ନା<br>ପିତା–ସୀତାରାମ ମାନ୍ନା, ଲ୍ୟାଣ୍ଡମାର୍କ: ହାଇସ୍କୁଲ ନିକଟ, ଗ୍ରାମ–ସାର୍ଥା, ପୋ–ସାର୍ଥା, ତହସିଲ ଏବଂ ଜିଲ୍ଲା–ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୨୭.<br>ସହଆବେଦନକାରୀ : ସୁମିତ୍ରା ମାନ୍ନା, ସ୍ୱା–ଭାସ୍କର ମାନ୍ନା, ଖଡଖଡି, ଚକସାର୍ଥା, ଗ୍ରାମ–ସାର୍ଥା, ପୋ–ସାର୍ଥା, ତହସିଲ ଏବଂ ଜିଲ୍ଲା–ବାଲେଶ୍ୱର–୭୫୬୦୨୭, ଲ୍ୟାଣ୍ଡମାର୍କ: ହାଇସ୍କୁଲ, ମୋ: ୮୨୮୦୭୨୫୦୫୮<br>ଭାଗୀରଥ ମାନ୍ନା, ପିତା–ସୀତାରାମ ମାନ୍ନା, ଗ୍ରାମ–ସାର୍ଥା, ପୋ–ସାର୍ଥା, ଲ୍ୟାଣ୍ଡମାର୍କ: ହାଇସ୍କୁଲ ନିକଟ, ତହସିଲ ଏବଂ ଜିଲ୍ଲା–ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୨୭.<br>ଏମ୍/ଏସ୍. ମା ଲକ୍ଷ୍ମୀ ମେରାଇନ୍, ଏହାର ପ୍ରୋପ୍ରିଏଟର ଜରିଆରେ–ଭାସ୍କର ମାନ୍ନା<br>ପ୍ଲଟ ନଂ. ୭୦୩୬, ଖାତା ନଂ. ୫୧୦, ସାର୍ଥା, ଚକସାର୍ଥା, ବାଲେଶ୍ୱର, ଥାନା–ସିଙ୍ଗଲା, ଲ୍ୟାଣ୍ଡମାର୍କ: ହାଇସ୍କୁଲ ଜିଲ୍ଲା–ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୨୭. | ସ୍ଥାବର ସମ୍ପତ୍ତିର ବିବରଣୀ :<br>ସମ୍ପତ୍ତିର ସମସ୍ତ ଅଂଶ: ପ୍ଲଟ ନଂ. ୭୦୩୮/୧୧୬୭୬, ଖାତା ନଂ. ୨୬୧୦/୪୯୭୨ (ପୁରୁଣା) ୨୬୧୦/୫୯୨୩ (ନୂଆ), ଏରିଆ–୦.୧୮୫୦ ଡେସିମିଲ, କିସମ: ଘରବାରି, ମୌଜା ଓ ଗ୍ରାମ: ସାର୍ଥା, ଥାନା–ସିଙ୍ଗଲା, ଥାନା ନଂ.–୧୧୪, ତହସିଲ ଓ ଜିଲ୍ଲା–ବାଲେଶ୍ୱର, ଓଡ଼ିଶା, ପିନ୍–୭୫୬୦୨୭. ହାଇସ୍କୁଲ ନିକଟ, ପରିସୀମା: ଉ–ରାଧାକ୍ରିଷ୍ଣ ଜେନା, ଦ–ରାମେଶ୍ୱର ମାନ୍ନା, ପୂ–ରାସ୍ତା, ପ–ସୁଦାମ ଜେନା। | ଋଣ ପରିମାଣ : ଟ. ୭୨,୦୦,୦୦୦.୦୦<br>(ବାସ୍ତରୀ ଲକ୍ଷ ଟଙ୍କା କେବଳ)<br>ଦାବି ବିଜ୍ଞପ୍ତି ତାରିଖ: ୦୬.୦୮.୨୦୨୫<br>ଏନ୍‌ପିଏ ତାରିଖ : ୦୪.୦୮.୨୦୨୫<br>ବକେୟା ରାଶି : ଟ. ୭୫,୩୯,୨୮୫.୦୦<br>(ପଚସ୍ତରୀ ଲକ୍ଷ ଅଣଚାଳିଶ ହଜାର ଦୁଇଶହ ପଞ୍ଚାଅଶି ଟଙ୍କା କେବଳ)<br>୦୬/୦୮/୨୦୨୫ ସୁଦ୍ଧା |

ତାରିଖ : ୩୦.୦୮.୨୦୨୫
ସ୍ଥାନ : ଗଞ୍ଜାମ, ବାଲେଶ୍ୱର, ବାଲେଶ୍ୱର (ଓଡ଼ିଶା)

କ୍ଷମତାପ୍ରାପ୍ତ ଅଧିକାରୀ
ଚୋଲାମଣ୍ଡଲମ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍

# ବ୍ରଣ ସମସ୍ୟା ଦୂର ପାଇଁ

# ହିମାଳୟ ୱେଲନେସ ପକ୍ଷରୁ 'ୱାର୍ଲଡ ଅଫ ନିମ'ର ଶୁଭାରମ୍ଭ



ମୁମ୍ବାଇ,୩୦।୮(ଏଜେନ୍ସି): ୨୫ ବର୍ଷରୁ ଅଧିକ ସମୟ ଧରି ହିମାଳୟ ୱେଲ ନେସ ବ୍ରଣକୁ ନେଇ ସଂଘର୍ଷ କରୁଥିବା ନିୟୁତାଧିକ ଯୁବଭାରତୀୟଙ୍କ ନିମନ୍ତେ ନିମର ଶକ୍ତି ଜରିଆରେ ଏକ ବିଶ୍ୱସନୀୟ ସାଥୀ ହୋଇ ରହିଆସିଛି। ଏହି ପରମ୍ପରାକୁ ଆଗେଇ ନେଇ ବ୍ରାଣ୍ଡ ତ୍ୱଚାଯନ୍ ଏବଂ ଆମବିଶ୍ୱାସ ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ନିମନ୍ତେ ବ୍ରଣ ସମ୍ପର୍କିତ ସକାରାତ୍ମକ ଦିବସ ପାଳନ ପୂର୍ବରୁ ତାଜ ଲ୍ୟାଣ୍ଡସ ଏଣ୍ଡ ଠାରେ 'ଦି ୱାର୍ଲଡ ଅଫ ନିମ 'ର ଉଦ ଘାଟନୀ ଉତ୍ସବ ଆୟୋଜନ କରିଥିଲା ପ୍ରାୟ ପ୍ରତି ୫ଜଣ ଯୁବ ଭାରତୀୟଙ୍କ ମଧ୍ୟରୁ ୪ଜଣ କୁହନ୍ତି ଯେ ବ୍ରଣ କାରଣରୁ ସେମାନେ ସାମାଜିକ ବ୍ୟବସ୍ଥାରେ ନିଜକୁ କମ ଆମବିଶ୍ୱାସୀ ମନେକରନ୍ତି ଏବଂ ୨୦ କୋଟିରୁ ଅଧିକ ନାବାଳକ ନାବାଳିକା ଏବଂ କିଶୋର କିଶୋରୀ ବ୍ରଣକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ସେଥିପାଇଁ ଆମବିଶ୍ୱାସକୁ ଉତ୍ସାହିତ କରିବା ଏବଂ ବ୍ରଣର ସମାଧାନ ନିମନ୍ତେ ସରଳ ଅଥଚ ଫଳପ୍ରଦ ଉପାୟ ସମ୍ପର୍କରେ ପ୍ରତ୍ୟେକଙ୍କୁ ପ୍ରଶିକ୍ଷିତ କରିବା ଉପରେ ଆଧାରିତ ସାମ୍ପ୍ରତିକ ସମୟର ଯୁବବର୍ଗଙ୍କ ସହିତ ମେଳ ଖାଇବା ପାଇଁ ୱାର୍ଲଡ ଅଫ ନିମର ଡିଜାଇନ କରାଯାଇଥିଲା ଏବଂ ଉକ୍ତ କାର୍ଯ୍ୟକ୍ରମରେ ତ୍ୱଚାଯନ୍ କିଭଳି ସରଳ, ଫଳପ୍ରଦ ଏବଂ ପୂର୍ଣ୍ଣାଙ୍ଗ ହୋଇପାରିବ ତାହା ପ୍ରଦର୍ଶିତ ହୋଇଥିଲା ଏହି ନିମଜ୍ଜିତକାରୀ ଅନୁଭୂତି ଚର୍ମରୋଗ ବିଶେଷଜ୍ଞ, ବିଶିଷ୍ଟ ବ୍ୟକ୍ତିଗଣ, ପ୍ରଭାବପକାଉଥିବା ବ୍ୟକ୍ତିବିଶେଷ ଏବଂ ବ୍ରାଣ୍ଡ ସପକ୍ଷବାଦୀଙ୍କୁ ଆମବିଶ୍ୱାସ ପାଇଁ ପ୍ରେରଣା ଯୋଗାଇବା ଏବଂ ବ୍ରଣକୁ ନେଇ ରହିଥିବା ଧାରଣାରେ ପରିବର୍ତ୍ତନ ଆଣିବାକୁ ଏକତ୍ରିତ କରିଥିଲା। ଚର୍ମରୋଗ ବିଶେଷଜ୍ଞ, କସ ମେଟୋଲୋଜିଷ୍ଟ ଏବଂ ଆସଥେଟିକ ମେଡିସିନ ବିଶେଷଜ୍ଞ ଡା.ରଶ୍ମୀ ସାଧାରଣ ଭ୍ରାନ୍ତଧାରଣା ଦୂର କରିବା ସମ୍ପର୍କରେ ନିଜର ମନ୍ତବ୍ୟ ରଖିବା ସହିତ ପୂର୍ଣ୍ଣାଙ୍ଗ ଯତ୍ନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇଥିଲେ। ଶ୍ରୀମତୀ ରାଗିଣୀ ହରିହରନ , ମାର୍କେଟିଂ ଡାଇରେକ୍ଟର- ବିୟୁଟି ଆଣ୍ଡ ପର୍ସନାଲ କେୟାର, ହିମାଳୟ ୱେଲ ନେସ କହିଥିଲେ, ''ସଂପ୍ରତି ଉପଭୋକ୍ତାଙ୍କ ଧାରା, ବିଶେଷକରି ଜେନ ଜେଡଙ୍କ ମଧ୍ୟରେ ଉଭୟ ପ୍ରକୃତି ଓ ବିଜ୍ଞାନ-ସମର୍ଥିତ ଅନୁପ୍ରେରଣା ଦ୍ୱାରା ପରିଚାଳିତ ସମାଧାନ ଦିଗରେ ବର୍ଦ୍ଧିତ ରୂପାନ୍ତରଣକୁ ଦର୍ଶାଉଛି , ଏହି କାର୍ଯ୍ୟକ୍ରମ ଠିକ ତାହା ହିଁ ପ୍ରତିଫଳିତ କରୁଛି । କାର୍ଯ୍ୟକ୍ରମରେ ଶ୍ରୀ ଅଭିଷେକ ଆଶାତ , ଜେନେରାଲ ମ୍ୟାନେଜର- ଫେସ କେୟାର କ୍ୟାଟେଗୋରୀ, ହିମାଳୟ ୱେଲ ନେସ କହିଥିଲେ, ''ହିମାଳୟ ସର୍ବଦା ତ୍ୱଚାଯନକୁ ଫଳପ୍ରଦ ଏବଂ ପ୍ରକୃତିର ମୂଳ ସହିତ ଜଡିତ ରଖିବାରେ ବିଶ୍ୱାସ କରି ଆସିଛି ।ଆମର ତ୍ୱଚାଯନ ଯାତ୍ରାରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ନିମ କେନ୍ଦ୍ର ସ୍ଥାନରେ ରହିଆସିଛି ଯାହା ବ୍ରଣ ଭଳି ସର୍ବାଧିକ ସାଧାରଣ ଚିନ୍ତା ଦୂର କରିବାକୁ ନିୟୁତାଧିକ ଉପଭୋକ୍ତାଙ୍କୁ ଆମ ଉପରେ ବିଶ୍ୱାସ ରଖିବାରେ ସହାୟକ ହେଉଛି ।

# ମନୋଜଙ୍କ ଘରେ ପହଞ୍ଚି ସମବେଦନା ଜଣାଇଲେ ବୈଜୟନ୍ତ

ବରୀ,୩୦/୮(ନି ପ୍ର) : ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇଛନ୍ତି କେନ୍ଦ୍ରାପଡା ସାଂସଦ ତଥା ବରିଷ୍ଠ ବିଜେପି ନେତା ବୈଜୟନ୍ତ ପଣ୍ଡା। ଗତ ୨୨ ତାରିଖରେ ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ରଙ୍କ ମାତା ମୋହିନି ପ୍ରଭା ଦେବୀଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ହେଲିକପ୍ଟର ଯୋଗେ ଆସି ସ୍ୟାନ୍ତମୁଣ୍ଡ ନିକଟସ୍ଥ କୁମାରଗଣ୍ଡ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲି ପ୍ୟାଡରେ ଅବତରଣ କଲା ପରେ କାର ଯୋଗେ ଆସି ଶ୍ରୀ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତା ମୋହିନି ପ୍ରଭା ଦେବୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ସମୟରେ ବିଜେପି ନେତା ଉମେଶ ଜେନା, ଆସୁତୋଷ ପରିଡା, ପ୍ରଦିପ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।


DSPL- 239

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
ବିକାଶ ପଥେ'' ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ''ନୀଳଗିରି

୧, ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨, ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩, ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪, ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫, ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬, ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କାରାଇ ଗୃହନିର୍ମାଣ କରାନ୍ତୁ ।
୮. ନୀଳଗିରି କୁ ଏକ ପଲିଥିନ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

ଶ୍ରୀ ଅଂଶୁମାନ ପରିଡା
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେରା
ଭାରପ୍ରାପ୍ତ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀ ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR : 13179/13/0031/2526



THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921,
E-mail: ophwc.od@nic.in, Website: www.ophwc.com/www.ophwc.nic.in
e-procurement notice No.- 11/OPHWC/2025-26

DSPL-1626

INVITATION FOR BIDS (IFB)

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:

| | | |
|---|---|---|
| 1 | Nature of work | Building works |
| 2 | No. of Works | 30 Nos. |
| 3 | Value of Tender | Rs.54.63 Lakh to Rs.857.50 Lakh |
| 4 | Class of Contractor | 'B' Class to 'Spl.' Class |
| 5 | Cost of Bid document (To be paid online) | ₹ 11,800.00 |
| 6 | Availability of Bid Documents in the website | Dt. 02/09/2025 to Dt. 16/09/2025 up to 5.00 P.M |
| 7 | Last date /time of Receipt of Bids in the Portal | Dt.16/09/2025 up to 5.00 P.M |
| 8 | Date of Opening Bid | Dt.17/09/2025 at 10.30 A.M |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |
| 10 | *The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. *The Authority reserves the right to reject any or all bids and terminate the tender process without assigning any reason thereof. | |

Sd/-
Chief Engineer
(OSPH&WC)

N.B. - The quoted rate should be all inclusive but excluding G.S.T.as applicable Under works contract.

OIPR : 12025/11/0046/2526



ପବିତ୍ର ନିଖିଳ ଭାରତ'ସ୍ୱାୟତ ଶାସନ ଦିବସ- ୨୦୨୫''
ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌର ବାସୀଙ୍କୁ ନିବେଦନ

୧)'ମୋ ଅଳିଆ ମୋ ଦାୟିତ୍ୱ' ଏଣୁ ନିଜ ଘରର ବର୍ଜ୍ୟବସ୍ତୁ , ଭଙ୍ଗାକାଚ ଓ ପ୍ଲାଷ୍ଟିକ୍ ଜିନିଷ ଇତ୍ରାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନପକାଇ ବୌର ପାଳିକର ନିୟୋଜିତ ଗାଡିକୁ ହସ୍ତାନ୍ତର କରନ୍ତୁ।
୨)ହୋଟେଲ୍ ଓ ବହୁତଳ ପ୍ରସାଦ ଗୁଡିକ ନିଜର ଡଟେବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କମ୍ପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩)ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡନ୍ତୁ ନାହିଁ।
୪)'ରାସ୍ତାକଡ଼ରେ ଘର ତିଆରି ଉପକରଣ ଯଥା- ବାଲି , ଗୋଡି , ଇଟା ଇତ୍ୟାଦି ମହଜୁଦ୍ କରନ୍ତୁ ନାହିଁ।
୫)ପେରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬)ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ।
୭)ବାହ୍ୟ ଶୌଚରୁ ନିବୃତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮)ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯)ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡାସୂତ୍ରରେ ସେପୁଲ୍ ବ୍ୟବହାର କରନ୍ତୁ।
୧୦)ଘରୋଇ ପାଇଖାନା ଗୁଡ଼ିକର ଆବର୍ଜନା ପାଣି ଡ୍ରେନ୍‌କୁ ଛାଡନ୍ତୁ ନାହିଁ:

ପ୍ରଦୀପ କୁମାର ପାଢୀ
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ
ଅଧକ୍ଷ ର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

ସମସ୍ତ ସଭ୍ୟାଓ ସଭ୍ୟ ବୃନ୍ଦ
ବ୍ୟାସନଗର ପୌର ପରିଷଦ


## ଅବକାରୀ ଚଢ଼ାଉ

# ୫୩୦ ଲିଟର ମଦ ଓ ୮୨୦୦ ଲିଟର ପୋଚ ନଷ୍ଟ



କୋରାପୁଟ:- ୩୦।୮(ନି ପ୍ର):କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ କୋରାପୁଟ ଥାନା ଓ ଦଶମନ୍ତପୁର ଥାନା ଅଧିନରେ ଥିବା ମୋଟ ୧୩ ଗୋଟି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୮୨୦୦ ଲିଟର ମହୁଲ ପଚ ନଷ୍ଟ କରାଯିବା ସହ ୫୩୦ ଲିଟର ଚୋରା ହାତ ରନ୍ଧା ମହୁଲ ଦେଶୀମଦ ଭାଟି ଭାଙ୍ଗିବା ସହ ମଦ ଜବତ କରାଯାଇଥିବା ଜଣାପଡିଛି। ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ କେ. ଚନ୍ଦ୍ର ଶେଖର ପଢ଼ିହାରୀ, କୋରାପୁଟ ସଦର ନିରୀକ୍ଷକ ସୁଧିର କୁମାର ସାହୁ, ଅବକାରୀ ସେଟ ଲାଇଟ ଟିମ ଜୟପୁରର ଅବକାରୀ ଉପ ଅଧିକ୍ଷକ ସ୍ମୃତିକାନ୍ତ ରାଉତ ପ୍ରମୁଖ ପୃଥକ ପୃଥକ ଟିମ ଗଠନ କରି ପୁଣି ଦେଶୀ ମଦ ଭାଟି ମାନଙ୍କରେ ଚଢ଼ାଉ କରାଯାଇଥିବା ବେଳେ ଗାଁ ଗାଁରେ ପ୍ରସ୍ତୁତ କରାଯାଉଥିବା ରନ୍ଧା ଦେଶୀମଦକୁ ସମ୍ପୂର୍ଣ୍ଣ ରୋକ ଲଗାଇବାର ବ୍ୟବସ୍ଥା ଜାରି ରହିଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ପାଢ଼ୀଙ୍କ ସୂଚନା ଦେଇଛନ୍ତି। ଚଢାଉ ସମୟରେ ଲକ୍ଷ୍ମୀପୁର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ କୁଶ ଜାଲ, କୋରାପୁଟ ସଦର ଥାନା ଅଧିକାରୀ ଜଗବନ୍ଧୁ ଜାନୀ, ଅବକାରୀ ଏଏସଆଇ କୋମଳା କୁମାରୀ ମହାଙ୍କୁଡ଼, ସୁଶାନ୍ତ ନାଏକ, ସ୍ମୃତିକାନ୍ତ ବିଶ୍ୱାଳ,ଉଷା ଭତ୍ରା, କପିଳ ସାହୁ, କାହ୍ନୁ ଭତ୍ରା ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିବା ଜଣାପଡିଛି। ତେବେ ଓଡ଼ପୁର, ପଣ୍ଡସ, ମଇନାମାଳ, ପାଇକ ଫୁଲବେଡା, ଝୀଲକି ବେଢ଼ା, ଆମ୍ଲୀ ଆମ୍ବଗୁଡା, ହିରୀଗୁଡା, ଡୁମ୍ବାଗୁଡ଼ା, ଫୁଣ୍ଡାଗୁଡ଼ା, ପୋଟାଯୋଡି, ଗିର୍ଲିଗୁମ୍ମା, ଫଟକି ଜାମ ପ୍ରଭୃତି ସ୍ଥାନ ମାନଙ୍କରେ ଜୋରଦାର ବିଭାଗ ପକ୍ଷରୁ ଚଢ଼ାଉ ଚାଲିଥିବା ସୂଚନା ମିଳିଛି।

# ଏସ୍‌ପିଙ୍କୁ ଭେଟିଲେ ଓଡିଶା ସାମ୍ବାଦିକ ସଂଘ ଜିଲ୍ଲା ଶାଖା କର୍ମକର୍ତ୍ତା

କୁଜଙ୍ଗ,୩୦/୮(ନିପ୍ର):ଜଗତସିଂହପୁର ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ (ଏସପି) ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଅଙ୍କିତ କୁମାର ବର୍ମା ମହୋଦୟ ଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି ଓଡିଶା ସାମ୍ବାଦିକ ସଂଘ । ଜିଲ୍ଲା ସଭାପତି ତଥା ସମାଜସେବୀ ଡକ୍ଟର ସୁନାକର ବେହେରା ଙ୍କ ଅଧକ୍ଷତାରେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ଓ ଜିଲ୍ଲା ସାଖାର ସଦସ୍ୟ ସାମ୍ବାଦିକ ଦେବାଶିଷ ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ମିଲନ ଜେନା,ଶ୍ରୀକାନ୍ତ କୁମାର ଦାସ,ଗୟାଧର ମହାରଣା,ମନୋଜ ଜେନା,ସାମାଜିକ କର୍ମି ବିପିନ କୁମାର ବରାଳ,ବିନୋଦ କୁମାର ବରାଳ ଇତ୍ୟାଦି ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଯୁକ୍ତ ବର୍ମା ଜଗତସିଂହପୁର ଜିଲ୍ଲାର ଦାୟିତ୍ୱ ନେବାପରେ ଜିଲ୍ଲାର ଆଇନି ଶୃଙ୍ଖଳା ଦିଗରେ ନିଶ୍ଚିନ୍ତ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ଆଶା ଓ ବିଶ୍ୱାସ ଥିବା ନେଇ ସାମ୍ବାଦିକ ସଂଘ ଆଲୋଚନା କରିବା ସହିତ ଜିଲ୍ଲାର ସମସ୍ତ ସାମ୍ବାଦିକ ଓ ପୋଲିସ ମାନଙ୍କ ମଧ୍ୟରେ କିଭଳି ଉତ୍ତମ ସମନ୍ୱୟ ରକ୍ଷା ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ସହ କଟକ ପାରାଦ୍ୱୀପ ରାସ୍ତାରେ ଦିନ ସମୟରେ ଭାରୀଯାନ ଚଳାଚଳ ଉପରେ କଟକଣା କୁ କଡାକଡି କରିବା ସହିତ ଆଇନି ଶୃଙ୍ଖଳା ଦିଗରେ ଶିଳ୍ପ ନଗରୀ ପାରାଦ୍ୱୀପ ପ୍ରତି ସ୍ୱତନ୍ତ୍ର ନଜର ରଖି ଚୋରି ରାହାଜାନି, ଧଳା ଜହର, ଗଂଜେଇ ମଦ ଇତ୍ୟାଦି ନିଶା ଦ୍ରବ୍ୟ ଚୋରା କାରବାର ଉପରେ ତୀକ୍ଷ୍ଣଣ ନଜର ଏବଂ ରାତ୍ରିରେ ପୋଲିସ ପେଟ୍ରୋଲିଙ୍ଗ କଡାକ

# ଜାତୀୟ କ୍ରୀଡ଼ା ଦିବସ ପାଳିତ



ରାୟଗଡ଼ା:୩୦/୮(ନି.ପ୍ର):ହକି କିମ୍ବଦନ୍ତି ମେଜର ଧ୍ୟାନ ଚନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଆଜି ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳିତ ହୋଇଯାଇଛି ଆଜି ଏହି ଉପଲକ୍ଷେ ରାୟଗଡ଼ା କ୍ରୀଡା ବିଭାଗ ତରଫରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରବାଦ ପୁରୁଷ ଧ୍ୟାନ ଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ପରେ ସ୍ଥାନୀୟ ସଦଭାବନା କ୍ରୀଡ଼ାଙ୍ଗନ ଠାରୁ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ରାୟଗଡ଼ା,ପ୍ରଫୁଲ ବେହେରା,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ,।

# ପଠାଣିସାମନ୍ତ ମହାବିଦ୍ୟାଳୟ ପରିସରସରେ ବଢୁଛି ଗଞ୍ଜେଇ ଗଛ

ଖଣ୍ଡପଡ଼ା ୩୦।୮ (ନି.ପ୍ର) ଖଣ୍ଡପଡ଼ା ପଠାଣିସାମନ୍ତ ମହାବିଦ୍ୟାଳୟର ଶୈକ୍ଷିକ ଭବନ ପଛପାଖରେ ଏକ ଗଞ୍ଜେଇ ଗଛ ଦିର୍ଘ ମାସ ଧରି ବଢୁଥିବା ନଜରକୁ ଆସିଛି। ତେବେ ଏହି ଗଞ୍ଜେଇ ଗଛ ସଂର୍ପକରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅବଗତ ଅଛନ୍ତି କି ନାହିଁ ସେ ସଂର୍ପକରେ କିଛି ସୂଚନା ମିଳିନଥିଲେ ମଧ୍ୟ ଏଥିପ୍ରତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଶିକ୍ଷାନୁଷ୍ଠାନ ପରିସରରୁ ଉକ୍ତ ଗଞ୍ଜେଇ ଗଛଟିକୁ ତୁରନ୍ତ ହଟାଇଦେବାକୁ ସାଧାରଣରେ ଦାବି ହେଉଛି।

# ୧୪ ଅପରାଧୀ ଗିରଫ ଓ ଅସ୍ତ୍ର ଶସ୍ତ୍ର ଜବତ

ଜୟପୁର,୩୦।୮(ନି ପ୍ର):ଜୟପୁର ଟାଉନ ପୋଲିସକୁ ମିଳିଛି ବଡ ସଫଳତା। ବିଭିନ୍ନ ମାମଲାରେ ୧୪ ଜଣ ଅପରାଧୀଙ୍କୁ ପୋଲିସ ଗିରଫ କରିଛି। ଏହାକୁ ନେଇ କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଏସ ଡାବ୍ଲୁସି ଆମ୍ବିତ ମହାନ୍ତି ଟାଉନ ଥାନା ପରିସରରେ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗିରଫ ଅଭିଯୁକ୍ତମାନେ ବିଭିନ୍ନ ଘଟଣାର ଅପରାଧୀକ ମାମଲାରେ ଜଡିତ ଥିବା ପର୍ଦ୍ଦାଫାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଦକ୍ଷିଣ ପିଶ୍ଚିମାଞ୍ଚଳ ଡିଆଇଜି ଏବଂ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଙ୍କ ଅପରାଧ ମୁକ୍ତ ଜୟପୁରକୁ ସାକାର କରିବାକୁ ଟାଉନ ଥାନା ତରଫରୁ ଜାରି କରାଯାଇଥିବା ଫୋନ ନମ୍ବର ୯୪୩୮୯୧୬୭୩୦ କୁ ରାତିରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଭୂତନାଥ ମନ୍ଦିର ପାଖରେ ରହିଥିବା ସୂଚନା ମିଳିଥିଲା ଏହା ପରେ ଟାଉନ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସିଦ୍ଧାନ୍ତ କୁମାର ବେହେରା ଏସଆଇ ଏବଂ ପୋଲିସ କର୍ମଚାରୀ ମାନେ ଯୋଜନା ବଦ୍ଧ ଭାବେ ୬ ଜଣ ଡକାୟତ କରିବାକୁ ଉଦ୍ୟମରତ ଥିବା ବେଳେ ଗିରଫ କରିଥିଲେ ଏବଂ ସେମାନଙ୍କ ଠାରୁ ଚାରୋଟି କାତି ଗୋଟିଏ ଖଣ୍ଡା ଲୁହା ରଡ୍ ମଦବଡୋଲ ଜବତ କରିବା ସହିତ ଥାନା କେଶ ନଂ ୩୧୨/୨୫ ବିଏନଏସ ଧାରା ୩୧୦(୪)(୫) ଅନୁଯାଇ ମାମଲା ରୁଜୁ କରିଛନ୍ତି। ଦାଦାବଟୀ ଆଦାୟ ଅଭିଯୋଗରେ ଥାନା କେଶ ନଂ ୩୧୩/୨୫ ରେ ବିଜୟ ନାୟକ, ଶୁଭମ ବିଶୋଇ, ରାଜ କୁମାର କାକଡି, ଇଶ୍ୱର ଚେଟିଆକୁ ଏଏସଆଇ ସପନ ମିଶ୍ର ଗିରଫ କରିଥିଲେ ଏବଂ ଚୋରୀ ମାମଲାରେ ଥାନା କେଶ ନଂ ୨୩୦/୨୫ ଏବଂ ୨୬୯/୨୫ ରେ ରାମନାଥ ସୁନା, ରାଜୀବ ଖିଲ, ଶଙ୍କର ଗୌଡ, ରୋହିତ ହିଆଲ କୁ ଏସଆଇ ଗୋବିନ୍ଦ ଚନ୍ଦ୍ର ହାଁସଦା ଗିରଫ କରି ଥିଲେ। ଡକାୟତି ଚୋରୀ ଦାଦା ବଟି ଆଦାୟ ସୁନା ଚୈନ ଟାଣି ନେବା ଅପରାଧକୁ ମିଶାଇ ୧୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି କୋରାପୁଟ ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲା ପୋଲିସ ଏବଂ ଜୟପୁର ଥାନା ଅଧିକାରୀଙ୍କ କାର୍ଯ୍ୟଧାରାକୁ ସାଧାରଣରେ ପ୍ରସଂଶା କରାଯାଇଛି।।




"ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସାୟତ ଶାସନ ଦିବସ-୨୦୨୫-ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

➢ ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା ।
➢ ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
➢ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ ।
➢ ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧିନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
➢ ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରନ୍ତୁ ନାହିଁ ।
➢ ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ ।
➢ ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
➢ ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ ।
➢ ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ ।
➢ ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
➢ ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଷ୍ଟ୍ର ନିର୍ମାତା)

ପ୍ରାଣନାଥ ସେଠ, ଓ.ରା.ସେ.
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ

ଭଗବାନ ପ୍ରଧାନ
ଉପାଧ୍ୟକ୍ଷ
ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ

ଶ୍ରୀମତୀ ସୁକାନ୍ତି ପାଇକରାୟ
ଅଧ୍ୟକ୍ଷା
ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ



HIRING OF VOCATIONAL TRAINERS
(Contractual Basis)

**Valeur Fabtex Private Limited**, a NSDC empanelled Training Partner, invites applications from candidates with prescribed qualification & Experience for Engagement as **Vocational Coordinator & Vocational Trainers – Agriculture-50, Tourism & Hospitality-63, Apparel-02, Automotive-19, Plumbing-12 (Total No. of Positions: 146)** to be engaged in Government Schools in the state of **Odisha (District – Bolangir, Nabarangpur & Sonepur)**

| Position | Trade | Qualification |
|---|---|---|
| Vocational Trainer | Agriculture (50) | Post-graduation in Horticulture from a recognized Institute/University, with at least 1 year work/teaching experience |
| | Tourism & Hospitality (63) | Diploma/Degree in Hotel Management from a recognized Institute/University, with at least 5 years" work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| | Apparel (02) | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and Clothing |
| | Automotive (19) | Degree in Automobile Engineering/Mechanical Engineering from a recognized Institute /University, with at least 1 year work / teaching experience **OR** Diploma in Automobile Engineering /Mechanical Engineering from a recognized Institute/University, with at least 3-year work / teaching experience. **OR** B.Voc in Automotive Engineering from a recognized Institute/University, with at least 2 year work/teaching experience |
| | Plumbing (12) | B. Tech in Civil Engineering from a recognized Institute/University, with at least 1-year work/teaching experience **OR** Diploma in Civil engineering/Mechanical Engineering/Agricultural Engineering with 2-year work/teaching experience |
| Vocational Coordinator (04) | Qualification - (Master's Degree) in Related Domain (Trade Mentioned)/ Rural Development / Management / MSW / Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification. Minimum 03 years of work experience. | |

Minimum Competency: 1. Effective communication skills in English & Local Language (oral and written)
2. The candidate should have domicile of Odisha
3. Basic computing skills.

Pre-Requisite: Age Limit-18-45 years (As on Jan. 01 2025) Age relaxation to be provided as per Govt. Rules.

Vocational Trainer – All-inclusive Gross Honorarium 20,000/-Per month

Vocational Coordinator – All-inclusive Gross Honorarium 30,000/-Per month

Note: Preference will be given to existing vocational trainers. All communication for job application to be done through e-mails. All positions purely on Contractual basis. This is not a Government Job and the selection process is strictly based on merit and management reserves the right to accept/reject an application without assigning any reasons whatsoever. Last date for receipt of CV: 5th September 2025. Only shortlisted candidates will be called for written and Personal interview. Interested Candidates can fill Google form - https: //forms.gle/Msv7nNTfAfDuciMR6 or can send updated CV (Resume must have candidate's passport size colored photograph) on this.

Mail ID - HR1@valeurfabtex.com

For Queries Contact : 9810682936, 9319995462

## ଜୁନିୟର ହକି ବିଶ୍ୱକପ

# ଭାରତ ଆସିବାକୁ ପାକିସ୍ତାନ ରାଜି



**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** ଏଫଆଇଏଚ ଜୁନିୟର ହକି ବିଶ୍ୱକପ ଖେଳିବା ପାଇଁ ଭାରତ ଆସିବାକୁ ପାକିସ୍ତାନ ଟିମ ରାଜି ଥିବା ସୂଚନା ମିଳିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ଶେଷ ସୀମାରେ ପହଞ୍ଚି ଯାଇଥିଲା । ତେଣୁ ଉତ୍ତେଜନା ମଧ୍ୟରେ ଏହି ବିଶ୍ୱକପ ଖେଳିବା ପାଇଁ ଭାରତ ଆସିବାକୁ ରାଜି ହୋଇ ନ ଥିଲା। ତେବେ ହକି ଇଣ୍ଡିଆର ସେକ୍ରେଟାରୀ ଭୋଳାନାଥ ସିଂ ଘୋଷଣା କରିଛନ୍ତି ଯେ, ଚଳିତ ବର୍ଷ ଶେଷ ଭାଗରେ ଭାରତରେ ଜୁନିୟର ହକି ବିଶ୍ୱକପ ଆୟୋଜିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଟିମ ରାଜି ହୋଇଛି।। ଏଥିରେ ବିଶ୍ୱର ୨୪ ପ୍ରତିଷ୍ଠିତ ଟିମ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟସ୍ତରରେ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ୨୧ ବର୍ଷରୁ କମ ଯୁବ ଖେଳାଳିଙ୍କ ପାଇଁ ଏହି ବିଶ୍ୱକପ ଏକ ସୁବର୍ଣ୍ଣ ସୁଯୋଗ।

ଆସନ୍ତା ୨୮ ନଭେମ୍ବରରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଏହା ଆୟୋଜିତ ହେବ ଏହି ବିଶ୍ୱକପ । ପୁଲ ବିରେ ଭାରତ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଚିଲୀ ଏବଂ ସୁଇଜରଲାଣ୍ଡ ସହିତ ରହିଛି ।ସୂଚନା ଯୋଗ୍ୟ ଯେ ୨୦୨୩ ଜୁନିୟର ହକି ବିଶ୍ୱକପ ସଂସ୍କରଣ ଫାଇନାଲରେ ଫ୍ରାନ୍ସକୁ ୨–୧ ଗୋଲରେ ହରାଇ ଜର୍ମାନୀ ଟାଇଟଲ ହାସଲ କରିଥିଲା । ଆସନ୍ତା ସେପ୍ଟେମ୍ବର ୯ରୁ ଅନୁଷ୍ଠିତ ହେବାକୁ ଯାଉଥିବା ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ପାକିସ୍ତାନ ଟିମ ଭାରତ ଆସିବାକୁ ମନା କରିଥିଲା । ତେଣୁ ଏହି ଟୁର୍ଣ୍ଣାମେଣ୍ଟକୁ ୟୁଏଇରେ କରାଯିବା ପାଇଁ ସ୍ଥିର ହୋଇଥିଲା।।

# ଡାଏମଣ୍ଡ ଲିଗ୍‌ରେ ନିରଜ ଦ୍ୱିତୀୟ



**କ୍ୟୁରିକ,୩୦।୮(ଏଜେନ୍ସି):** ସୁଇଜରଲ୍ୟାଣ୍ଡର ଜ୍ୟୁରିକରେ ଅନୁଷ୍ଠିତ ଡାଏମଣ୍ଡ ଲିଗରେ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ତଥା ଭାରତୀୟ ଜାଭଲିନ୍ କିଂବଦନ୍ତି ନିରଜ ଚୋପ୍ରା ଲଗାତାର ତୃତୀୟ ଥର ଲାଗି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଜର୍ମାନୀର ଜୁଲିଆନ୍ ୱେବର ଦୁଇ ଥର ୯୦ ମିଟରରୁ ଅଧିକ ଥ୍ରୋ ସହ ପ୍ରଥମ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲରେ ୱେବର୍ ନିଜ ଦ୍ୱିତୀୟ ଥ୍ରୋରେ ୯୧.୫୭ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗିଥିଲେ। ଯାହା ଚଳିତବର୍ଷର ଶ୍ରେଷ୍ଠ ଏବଂ ସହ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ । ଏହା ପୂର୍ବରୁ ନିଜ ପ୍ରଥମ ପ୍ରୟାସରେ ମଧ ୯୧.୩୭ ମିଟରର ସଫଳତା ପାଇଥିଲେ। ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ତାଙ୍କ ନିକଟରେ ପହଞ୍ଚି ପାରି ନ ଥିଲେ। । ଅନ୍ୟପକ୍ଷରେ ନିଜ ପ୍ରଥମ ଡାଏମଣ୍ଡ୍ ଲିଗ୍ ବିଜୟ ଲକ୍ଷ୍ୟରେ ଥିବା ନୀରଜ ପ୍ରଥମ ପ୍ରୟାସରେ ୮୪.୩୫ ମିଟର ଦୂରତା ଥ୍ରୋ କରିଥିଲେ। ଦ୍ୱିତୀୟରେ ୮୨ ମିଟରକୁ ଖସିବା ପରେ ତାଙ୍କ ତୃତୀୟ ପ୍ରୟାସ ନିଷ୍ଫଳ ରହିଥିଲା। ଫଳରେ ମଧ୍ୟାନ୍ତର ସୁଦ୍ଧା ୨୭ ବର୍ଷୀୟ ନୀରଜ, ତ୍ରିନିଦାଦ ଓ ଟବାଗୋର କେସ୍ରୋନ୍ ୱାଲକଟ୍‌ଙ୍କ ପଛକୁ ତୃତୀୟ ସ୍ଥାନକୁ ଖସି ଯାଇଥିଲେ। ପରବର୍ତ୍ତୀ ଦୁଇଟି ପ୍ରୟାସ ବେକାର ଯିବାପରେ ପ୍ରଥମ ତିନି ସ୍ଥାନ ବାହାରେ ଅଭିଯାନ ଶେଷ କରିବାର ଆଶଙ୍କା ବି ଦେଖା ଦେଇଥିଲା। ତେବେ ଷଷ୍ଠ ତଥା ଅନ୍ତିମ ଥ୍ରୋରେ ୮୫.୦୧ ମିଟରକୁ ଜାଭଲିନ୍ ପଠାଇ ସମ୍ମାନ ରଖିଥିଲେ।। ୱାଲକଟ୍‌ଙ୍କଠାରୁ ମାତ୍ର ୬ ସେଣ୍ଟିମିଟର ଆଗରେ ରହି ଉପବିଜେତା ହୋଇଥିଲେ। ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ (୮୨.୦୬ ମିଟର)ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଆଶାଜନକ ପ୍ରଦର୍ଶନ କରିପାରି ନଥିବା ନୀରଜ ସ୍ୱୀକାର କରିବା ସହ ଟୋକିଓରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ ଆହୁରି ଭଲ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ନିକଟ ଅତୀତରେ ସେ ନିୟମିତ ଭାବେ ୮୮ ମିଟରରୁ ଅଧିକ ଦୂରତାକୁ ଜାଭଲିନ୍ ଫିଙ୍ଗୁଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଦୋହାରେ ପ୍ରଥମ ଥର ଲାଗି ୯୦ ମିଟର ମାଇଲଖୁଣ୍ଟ ବି ଟପିଥିଲେ।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି: ବିଭିନ୍ନ ପଞ୍ଚାୟତରେ ମାଳ ମାଳ ଅଭିଯୋଗ

**ଅସ୍ତରଙ୍ଗ,୩୦।୮(ନି.ପ୍ର):** ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଶନିବାର ଦିନ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷାରେ ମାଳ ମାଳ ଅଭିଯୋଗ ଓ ଅନିୟମିତତା ଚିତ୍ର ସାମ୍ନାକୁ ଆସିଛି। ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ଜଣେ ହେଲେ ବି ଜବ୍‌କାର୍ଡ ହିତାଧିକାରୀଙ୍କୁ ଦେଖିବାକୁ ମିଳିନଥିଲା। କେବଳ ପ୍ରଶାସନିକ ଅଧିକାରୀ, ନିର୍ବାଚିତ କିଛି ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଅନୁଦାନର ସାମାଜିକ ସମୀକ୍ଷାରେ ସଂରକ୍ଷଣ ବିଭାଗ ଓ ଉଦ୍ୟାନ ବିଭାଗ ସମ୍ପର୍କିତ ଆଲୋଚନା ପ୍ରାରମ୍ଭରୁ ହୋଇଥିଲା। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ନିୟୋଜିତ ଥିବା ଭିଆଇପି ମାନଙ୍କ ତଦନ୍ତ ତଥ୍ୟ ଆଧାରରେ ଉଦ୍ୟାନ ବିଭାଗ ତରଫରୁ ପାଟଳଦା ପଞ୍ଚାୟତ ସମେତ ଅନ୍ୟ କିଛି ପଞ୍ଚାୟତରେ ଲାଗିଥିବା ନଡ଼ିଆ ଗଛ ନାହିଁ, ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଉଦ୍ୟାନ ବିଭାଗ ଅଧିକାରୀ ଯୁଗଳ କିଶୋର ବାର୍ଲାଙ୍କୁ ପଚାରିବାରୁ ବିଭିନ୍ନ ବାହାନା ଦେଖାଇବା ସହ ନଡ଼ିଆ ଗଛ ସମ୍ପୂର୍ଣ୍ଣ ମରିଯାଇଛି, ସେଥିପାଇଁ କୌଣସି ଗଛ ନାହିଁ ବୋଲି କହିଥିଲେ। ଉଦ୍ୟାନ ବିଭାଗ ଅଧିକାରୀଙ୍କୁ କଡା ତାଗିଦ କରିବା ସହ ନିଜ ପାକିଟରୁ ଖର୍ଚ୍ଚ କରି ଗଛ ଲଗାଇବା ନିର୍ଦ୍ଦେଶ ଦେବା ସହ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ଉଦ୍ୟାନ ବିଭାଗ ହୋଇଥିବା ନଡ଼ିଆ ଗଛ ରୋପଣ ମନରେଗା କାର୍ଯ୍ୟ ଯାଞ୍ଚ କରି ସାତ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରିପୁର ପଞ୍ଚାୟତ ବିଭିନ୍ନ ସ୍ଥାନରେ ମନରେଗାରେ କାମ ହୋଇଥିବା ବେଳେ ଅନେକ ସ୍ଥାନରେ ଫଳକ ନଥିବାରୁ ତୁରନ୍ତ ୭ଦିନ ମଧ୍ୟରେ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନଗର ଗ୍ରାମ ପଞ୍ଚାୟତରେ ଅଙ୍ଗନବାଡି କାମ ସହ ବିଭିନ୍ନ କାମ ହୋଇଥିବା ଫଳକ ନଥିବାରୁ ଅତିରିକ୍ତ ଜିଲ୍ଲାପାଳ ନଗର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ପ୍ରଶ୍ନ କରିବାରୁ ବିଭାଗୀୟ ଅଧିକାରିଣୀ ଉତ୍ତର ରଖିଥିଲେ ନୂଆ ଚାର୍ଜରେ ରହିଛନ୍ତି। ଯାହାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ପୂର୍ବରୁ ଥିବା ରବୀନ୍ଦ୍ର ମହାପାତ୍ରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ୧୫ଦିନ ମଧ୍ୟରେ କେଉଁ କାର୍ଯ୍ୟରେ କେତେ ଅର୍ଥ ଖର୍ଚ୍ଚ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଦାଖଲ କରିବାକୁ। ତାଳଦା, ଝାଡ଼ଲିଙ୍ଗ, ଆଳଙ୍ଗପୁର ପଂଚାୟତରେ ହୋଇଥିବା ମନରେଗା କାର୍ଯ୍ୟର ରେକର୍ଡ ଦେଖାଇ ପାରିନଥିଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଯାହାକୁ ନେଇ କଡା ତାଗିଦ କରିବା ସହ ୭ଦିନ ମଧ୍ୟରେ ରେକର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନିୟମିତତା ସାମ୍ନାକୁ ଆସିଛି। ସେହିପରି ଗରିବ ଲୋକଙ୍କ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଆସୁଥିବା ଚାଉଳକୁ ମୃତ ବ୍ୟକ୍ତିଙ୍କ ନାମରେ ଉଠାଯାଇଛି, ତାହା ସମସ୍ତଙ୍କୁ ଚକିତ କରିଛି। ସରିପୁର, ଶିଶୁଅ ସମେତ ଅନ୍ୟ ଡିଲର ମାନେ ନିଜ ରେକର୍ଡ ପ୍ରଦାନ କରିନଥିଲେ। ଏହା ସହିତ ତିନିଜଣ ଯୋଗାଣ ସହାୟକ ସମୀକ୍ଷା ଟିମ୍‌କୁ ତଦନ୍ତରେ ସହଯୋଗ କରିନଥିବାରୁ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଯୋଗାଣ ସହାୟକଙ୍କୁ ଭର୍ତ୍ସନା କରିଥିଲେ। ଯାହା କିଛି ରେକର୍ଡ ପ୍ରଦାନ କରିଥିଲେ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ସାମଗ୍ରୀ ଲୁଟ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଏକ ୩ ଜଣିଆ ଟିମ୍ (ତହସିଲଦାର, ଯୋଗାଣ ନିରୀକ୍ଷକ, ପୋଲିସ ଏଏସଆଇ) ପରିଦର୍ଶନ କରି ସମୀକ୍ଷା କରିବେ।

ଏହି ବୈଠକରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବ୍ଲକ ଉପାଧକ୍ଷ ଦୁର୍ଜୟ ମିଶ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ଏପିଓ ଇତିଶ୍ରୀ ନାୟକ ପ୍ରମୁଖ ସମେତ ବିଭିନ୍ନ ଡିପାର୍ଟମେଣ୍ଟ ଅଧିକାରୀ, ଅଧିକାରିଣୀମାନେ ଉପସ୍ଥିତ ଥିଲେ।

# ଟି–୨୦ ଲିଗ ଫର୍ମାଟରେ ପୋଲାର୍ଡଙ୍କ ନିଆରା ରେକର୍ଡ

**ନୂଆଦିଲ୍ଲୀ,୩୦।୮(ଏଜେନ୍ସି):** ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ନିଜ ନାମରେ ଆଉ ଏକ କୀର୍ତ୍ତିମାନ ଯୋଡିଛନ୍ତି। ସେ ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଟି–୨୦ଲିଗରେ ୧୪୦୦୦ ରନ ଓ ୩୦୦ ୱିକେଟ ଅକ୍ତିଆର କରିଛନ୍ତି। ୨୦୨୨ରୁ ସେ ଆଇପିଏଲରୁ ଅବସର ନେଇଥିଲେ ମଧ ଏବେ କ୍ୟାରିବିୟନ ପ୍ରିମିୟର ଲିଗ ଖେଳୁଛନ୍ତି। ବାର୍ବାଡୋସ ରୟାଲ୍ସ ବିପକ୍ଷ ମ୍ୟାଚରେ ସେ ୯ ବଲରେ ୧୯ ରନ କରିବା ପରେ ଏହି କ୍ଲବରେ ସାମିଲ ହୋଇଥିଲେ। ପୋଲାର୍ଡ ବିଭିନ୍ନ ଲିଗ କ୍ରିକେଟରେ ୭୧୨ ମ୍ୟାଚଖେଳି ୧୪୦୦୦ ରନ ସଂଗ୍ରହ କରିଛନ୍ତି। ୱେଷ୍ଟଇଣ୍ଡିଜର କ୍ରିସ ଗେଲ ୪୬୩ ମ୍ୟାଚରେ ୧୪୫୬୨ ରନ କରି ଶୀର୍ଷରେ ରହିଛନ୍ତି । ଏଥିରେ ୨୨ ଶତକ ଓ ୮୮ ଅର୍ଦ୍ଧଶତକ ରହିଛି।

ସେହିପରି ଅନ୍ୟତମ ଖେଳାଳି ଆଲେକ୍ସ ହେଲ୍ସ, ଡେଭିଡ ୱାର୍ଣ୍ଣର ଓ ଶୋଏବ ମଲିକ ମଧ ୧୩୦୦୦ ରନ ସଂଗ୍ରହ କରି ସାରିଛନ୍ତି। ପୋଲାର୍ଡ ଆଉ ୫୬୩ ରନ ସଂଗ୍ରହ କଲେ ଗେଲଙ୍କ ସର୍ବାଧିକ ରନ ରେକର୍ଡକୁ ମଧ ଭଙ୍ଗ କରିବେ।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ।

କ. ପରିଷଦର ବକେୟା କର/ ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରିତ ସମୟରେ ପୈଠ କରନ୍ତୁ।

ଖ. ଘରର ଅଳିଆ ଆବର୍ଜନାକୁ ଓଦା ଓ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡ଼ିରେ ପ୍ରତ୍ୟହ ଦିଅନ୍ତୁ।

ଗ. ନିଜ ଘରର ଚତୁଃପାର୍ଶ୍ୱକୁ ପ୍ରଦୂଷଣମୁକ୍ତ ରଖନ୍ତୁ।

ଘ. ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।

ଙ. ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲ୍ଡିଂ ଆପ୍ରୁଭାଲ୍ ଏନ୍ଏସି କାର୍ଯ୍ୟାଳୟଠାରୁ କରାଇ ନିଅନ୍ତୁ।

ଚ. ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡ଼ିକୁ ନିଜ ଯତ୍ନରେ ରଖନ୍ତୁ। ଏଣେତେଣେ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।

ଛ. ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଓ ପରିମଳ ୟୁଜର ଫି କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି।

ଜ. ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ।

ଶ୍ରୀ ପ୍ରସନ୍ନ କୁମାର ଦାଶ, (ଓ.ମ.ମ.ସ)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

ଜି. ପାପା ରାଓ
ଉପାଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବଳ
ଅଧ୍ୟକ୍ଷ, ବ୍ୟାସନଗର ପୌରପାଳିକା, ଜିଲ୍ଲା: ଯାଜପୁର

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

ଶ୍ରୀ ଅବନୀ କାନ୍ତ ସାହୁ
ମଣ୍ଡଳ ଉନ୍ନୟନ ଅଧିକାରୀ, କୋରେଇ ବ୍ଲକ୍, ଜିଲ୍ଲା: ଯାଜପୁର

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ହେମନ୍ତ କୁମାର ନାୟକ
ତହସିଲଦାର, ନୂଆଗାଁ ବ୍ଲକ୍, ଜିଲ୍ଲା: ନୟାଗଡ଼

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

ଶ୍ରୀ ସପନ କୁମାର ନନ୍ଦ
ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ଜିଲ୍ଲା: ଯାଜପୁର

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

ଅମୃତ କୁମାର ରାଉଳ
ବିଡ଼ିଓ ନୂଆଗାଁ ବ୍ଲକ୍, ଜିଲ୍ଲା: ନୟାଗଡ଼

## ଶୁଭେଚ୍ଛା କାର୍ଡ଼



ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା

ପ୍ରଦୀପ କୁମାର ପାଢ଼ୀ
କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌରପାଳିକା, ଜିଲ୍ଲା: ଯାଜପୁର

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭଞ୍ଜନଗର(ଗଞ୍ଜାମ)

ଆଜିର ପବିତ୍ର ସ୍ୱାୟତ୍ତ ଶାସନ ଦିବସ–୨୦୨୫ ଅବସରରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବାସ କରୁଥିବା ସମସ୍ତ ଭାଇ ଭଉଣୀ, କର୍ମଚାରୀ, ବ୍ୟବସାୟୀ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାଗତ ଜଣାଇବା ସହିତ ସହରବାସୀଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଏକାନ୍ତ କାମନା କରୁଅଛୁ। ଏହି ସହର ଆପଣମାନଙ୍କ ସହର। ଆସନ୍ତୁ ଆମ୍ଭେମାନେ ସମସ୍ତେ ଏକଜୁଟ ହୋଇ ଆମ ସହରକୁ ସରସ ସୁନ୍ଦର ସ୍ୱଚ୍ଛ ଓ ସବୁଜ କରି ଗଢି ତୋଳିବା ଓ ରାଜ୍ୟ ତଥା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ସହଯୋଗ କରିବା।

୧. ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ସମସ୍ତ କରଦାତାମାନଙ୍କୁ ଅନୁରୋଧ ସେମାନେ ନିଜନିଜର ଗୃହଗୁଡିକର ଟିକସ ଲାଇସେନ୍ସ ଫିସ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଭଡା ଠିକ ସମୟରେ ଦାଖଲ କରନ୍ତୁ।
୨. ଘରର ଅଳିଆ ଆବର୍ଜନା ନାଳ ନର୍ଦ୍ଦମାରେ ନପକାଇ ପରିଷଦ ତରଫରୁ ଯୋଗାଇ ଦିଆ ଯାଇଥିବା ସଫେଇ ଗାଡିରେ ପକାନ୍ତୁ କିମ୍ବା ସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରନ୍ତୁ।
୩. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ହୋଇଥିବା ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁ ନାହିଁ।
୪. ବିବାହ ପଞ୍ଜୀକରଣ ଠିକ ସମୟରେ କରାଇ ନିଅନ୍ତୁ।
୫. ସହରରେ ଥିବା ରାସ୍ତା ମଧ୍ୟରେ ଗୃହ ନିର୍ମାଣ ଉପକରଣ ତଥା ଭଗ୍ନାବଶେଷ (ନୂତନ/ପୁରାତନ) ଜମାକରି ରଖନ୍ତୁନାହିଁ ଯାହାକି ଜନସାଧାରଣଙ୍କର ଦୈନନ୍ଦିନ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହେବ।
୬. ରାସ୍ତା ଉପରେ ଅଳିଆ, ଆବର୍ଜନା ପକାନ୍ତୁ ନାହିଁ କିମ୍ବା ଡ୍ରେନ ମଧ୍ୟକୁ ପାଇଖାନା ମଇଳା ନିଷ୍କାସନ ପାଣି ସଂଯୋଗ କରନ୍ତୁ ନାହିଁ।
୭. ସହର ମଧ୍ୟରେ ଗୃହପାଳିତ ପଶୁ ଗାଈ, ଗୋରୁ, ମଇଁଷି, ଘୁଷୁରି ଇତ୍ୟାଦିଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୮. ୟୁଜର୍ସ ଫି ଠିକ ରୂପେ ସ୍ୱଚ୍ଛସାଥୀମାନଙ୍କୁ ପଇଠ କରନ୍ତୁ।
୯. ପରିଷଦ ଦ୍ୱାରା ନିର୍ଦ୍ଧାରିତ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
୧୦. ପଲିଥିନ ଓ ପ୍ଲାଷ୍ଟିକ ପଦାର୍ଥ ବ୍ୟବହାର କରନ୍ତୁ ନାହିଁ, ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
୧୧. ଗୃହ ନିର୍ମାଣ ପୂର୍ବରୁ ପରିଷଦ ଦ୍ୱାରା ନିଜ ନିଜ ଗୃହ ନିର୍ମାଣ ଯୋଜନାର ଅନୁମୋଦନ କରାଇ ନିଅନ୍ତୁ।
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ପତ୍ତି ହେଉଛି ଆପଣମାନଙ୍କ ସମ୍ପତ୍ତି, ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର ଏବଂ ଆପଣମାନେ ଏହାକୁ ସଦାସର୍ବଦା ପରିଷ୍କାର ରଖନ୍ତୁ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ବୃକ୍ଷ ରୋପଣ କରି ସ୍ୱଚ୍ଛ ପରିବେଶ ଗଠନ କରନ୍ତୁ ଓ ଶୁଭସକାଳର ଜାଗ୍ରତପ୍ରହରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଛୋଟ ବଡ କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ।



ଶ୍ରୀ ଗୋପବନ୍ଧୁ ମହାପାତ୍ର
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର



ଶ୍ରୀମତୀ ଶୁଭଶ୍ରୀ ଦାସ
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର



ଶ୍ରୀ ମୂରଲୀକୃଷ୍ଣ ପଣ୍ଡା (ଓ ରା ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର

## ଶୁଭେଚ୍ଛା କାର୍ଡ଼

ସ୍ୱାୟତ୍ତ ଶାସନ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା



ଶ୍ରୀଯୁକ୍ତ ଆକାଶ ଦାସ ନାୟକ
ବିଧାୟକ
କୋରେଇ, ଜିଲ୍ଲା: ଯାଜପୁର

## ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳନ କରାଯିବା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଏବଂ କର୍ମଚାରୀ ବୃନ୍ଦଙ୍କ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ.



ନଗରପାଳ
ଶ୍ରୀ ପ୍ରଦ୍ୟୁତ କୁମାର ମହାନ୍ତି,
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା



ଉପ- ନଗରପାଳ
ଶ୍ରୀମତୀ ଦେବଜାନୀ କାଲୋ,
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା



ନିର୍ବାହୀ ଅଧିକାରୀ
ଶ୍ରୀ ମନରଞ୍ଜନ ସୁନା,(ଓ.ରା.ସେ)
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା

## ପୌରପରିଷଦ ପାରଳାଖେମୁଣ୍ଡି
## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୫

**ଆମର ନିବେଦନ:**
୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନସ୍ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।



ଶ୍ରୀମତୀ ନିର୍ମଳା ସେଠୀ
ପୌରାଧକ୍ଷା
ପାରଳାଖେମୁଣ୍ଡି ପୌରପରିଷଦ



ଶ୍ରୀ ଲେଙ୍କା ମଧୁ
ଉପାଧକ୍ଷ
ପାରଳାଖେମୁଣ୍ଡି ପୌରପରିଷଦ

# ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ ନେଇ ଚର୍ଚ୍ଚା

ୱାସିଂଟନ, ୩୦।୮ (ଏଜେନ୍ସି): ବିଶ୍ୱର ସର୍ବବୃହତ୍ ତୈଳ ଭଣ୍ଡାର ଦେଶ ଭେନେଜୁଏଲା ଉପରେ ଆକ୍ରମଣ ପାଇଁ ଆମେରିକା ପ୍ରସ୍ତୁତି ଆରମ୍ଭ କରିବା ଖବର ବିଶ୍ୱରେ ହଇଚଇ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ଉପକୂଳକୁ ଯୁଦ୍ଧ ଜାହାଜ ପଠାଇଛନ୍ତି । ଭେନେଜୁଏଲା ଉପରେ ଆକ୍ରମଣ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାରୁ ଏହା ବୈଶ୍ୱିକ ଶାନ୍ତି ଓ ଆଞ୍ଚଳିକ ସ୍ଥିରତା ପାଇଁ ବହୁତ ବଡ଼ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ କହିଛନ୍ତି, ଆମେରିକା ସେନାର ଅନୁପ୍ରବେଶ କେଣସି ସ୍ଥିତିରେ ସମ୍ଭବ ହେବାକୁ ଦେବୁନାହିଁ । ଲାଟିନ୍ ଆମେରିକୀୟ ଡ୍ରଗ୍ସ କାର୍ଟେଲ ବିରୋଧରେ ଅପରେସନ୍ ଆରମ୍ଭ ହୋଇଛି ବୋଲି ଆମେରିକା ସଫେଇ ଦେଉଥିବା ବେଳେ ଅନେକ ଏହାକୁ ଭେନେଜୁଏଲା ବିରୋଧରେ ଯୁଦ୍ଧ ରଣନୀତିର ଏକ ଅଂଶ ଭାବେ ଦେଖୁଛନ୍ତି। ଭେନେଜୁଏଲା ଜଳସୀମା ନିକଟରେ ଦକ୍ଷିଣ କ୍ୟାରିବିଆନ୍‌ରେ ଆମେରିକୀୟ ନୌସେନା ମୁତୟନ ବୃଦ୍ଧି ପାଇବାରେ ଲାଗିଛି । ମାଦୁରୋ ନିଜ ଦେଶର ସୈନ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଆମେ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ । ଆମେ ଶାନ୍ତି, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ରକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ଅଛୁ । ଏହାକୁ କୌଣସି ଶକ୍ତି କ୍ଷତି ପହଞ୍ଚାଇପାରିବ ନାହିଁ ।

ମିଳିତ ଜାତିସଂଘରେ ଭେନେଜୁଏଲାର ରାଷ୍ଟ୍ରଦୂତ ସାମୁଏଲ ମୋନକାଡ଼ା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କୁ ଭେଟି ଆମେରିକାର ସାମରିକ ମୁତୟନକୁ ବିରୋଧ କରିଛନ୍ତି । ମୋନକାଡ଼ା ଗଣମାଧ୍ୟମକୁ କହିଛନ୍ତି, 'କାଇନେଟିକ୍ ଆକ୍ସନ୍'କୁ ଯଥାର୍ଥ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଏହା ଏକ ବ୍ୟାପକ ପ୍ରଚାର ଅଭିଯାନ । ଭେନେଜୁଏଲା ଏକ ସାର୍ବଭୌମ ଓ ସ୍ୱାଧୀନ ଦେଶ ଏବଂ ଏହା ଅନ୍ୟ କୌଣସି ରାଷ୍ଟ୍ର ପାଇଁ ବିପଦ ସୃଷ୍ଟି କରେନାହିଁ । ନିଶା କାରବାର ବିରୋଧରେ ଲଢ଼ିବା ପାଇଁ ପରମାଣୁ ବୁଡ଼ାଜାହାଜ ପଠାଯାଇଛି ବୋଲି ଆମେରିକା ଯାହା କହୁଛି ତାହା ହାସ୍ୟାସ୍ପଦ ବୋଲି ସାମୁଏଲ କହିଛନ୍ତି । ଦକ୍ଷିଣ ଆମେରିକାର ଉପକୂଳରେ ଆମେରିକୀୟ ଯୁଦ୍ଧ ଜାହାଜ ମୁତୟନ କରାଯାଇଛି ବୋଲି ଆମେରିକା ନୌସେନା ମୁଖ୍ୟ ଆଡମିରାଲ ଡାରିଲ୍ କ୍ଲାଉଡ୍ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଭେନେଜୁଏଲାର କିଛି ନାଗରିକ ବଡ଼ଧରଣର ନିଶା କାରବାରରେ ସମ୍ପୃକ୍ତ। ଜଣେ ଆମେରିକୀୟ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ରଏଟର୍ସ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି ଯେ ଆମେରିକା ସାତଟି ଯୁଦ୍ଧ ଜାହାଜ ଏବଂ ଏକ ପରମାଣୁ ଶକ୍ତିସମ୍ପନ୍ନ ଦ୍ରୁତ ଆକ୍ରମଣକାରୀ ବୁଡ଼ାଜାହାଜ ଏହି ଅଞ୍ଚଳରେ ମୁତୟନ କରିଛି । ପ୍ରାୟ ୨୨୦୦ ସଲ୍ଲେରିନ୍ ସମେତ ୪,୫୦୦ରୁ ଅଧିକ ଆମେରିକୀୟ ସୈନିକ ମଧ୍ୟ ଯୁଦ୍ଧ ଜାହାଜରେ ମୁତୟନ ଅଛନ୍ତି । ଟ୍ରମ୍ପ ପ୍ରଶାସନ ମାଦୁରୋ ଏବଂ ତାଙ୍କ ସରକାରଙ୍କ ଅନ୍ୟ ସଦସ୍ୟଙ୍କ ବିରୋଧରେ କୋକେନ୍ ଚୋରା ଚାଲାଣ ଅଭିଯୋଗ ଆଣିବା ପରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଏହାର ଜବାବରେ ଭେନେଜୁଏଲା ମଧ୍ୟ ଏହାର ଉପକୂଳରେ ଯୁଦ୍ଧ ଜାହାଜ ଓ ଡ୍ରୋନ୍ ମୁତୟନ କରିଛି ଏବଂ ଆଭ୍ୟନ୍ତରୀଣ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ହଜାର ହଜାର ମିଲିସିଆ ସଦସ୍ୟଙ୍କୁ ନିଯୁକ୍ତି ଦେବା ଆରମ୍ଭ କରିଛି ।

ନିଶା ଦ୍ରବ୍ୟ ଚୋରା ଚାଲାଣ ଏବଂ ଅନ୍ୟ ଅପରାଧୀ ଗ୍ୟାଙ୍ଗକୁ ଦମନ କରିବା ପାଇଁ ଭେନେଜୁଏଲା କଲମ୍ବିଆ ସୀମାରେ ୧୫ ହଜାର ସୈନ୍ୟ ମୁତୟନ କରିଛିଛ ଭେନେଜୁଏଲାରେ ବିଶ୍ୱର ସର୍ବବୃହତ୍ ଅଶୋଧିତ ତୈଳ ଭଣ୍ଡାର ରହିଛି, ଯାହାର ଆନୁମାନିକ ମୂଲ୍ୟ ୩୦୦ ବିଲିୟନ୍ ବ୍ୟାରେଲରୁ ଅଧିକଛ ଏହା ସାଉଦି ଆରବ, ରୁଷ୍ ଓ ଇରାନ ଭଳି ତୈଳ ଉତ୍ପାଦନକାରୀ ଦେଶର କ୍ଷମତାଠାରୁ ମଧ୍ୟ ଅଧିକ ।

## ବର୍ଷାରେ ଦିଲ୍ଲୀ-ଏନ୍‌ସିଆର୍ ଅସ୍ତବ୍ୟସ୍ତ ୨୫୦ରୁ ଅଧିକ ବିମାନ ପ୍ରଭାବିତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ ଏନ୍‌ସିଆର୍‌ରେ ପ୍ରବଳ ବର୍ଷା ହେବା ଫଳରେ ଅନେକ ଅଞ୍ଚଳରେ ବ୍ୟାପକ ଜଳବନ୍ଦି ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା । ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ଏବଂ ଅପରାହ୍ନ ୨ଟା ସୁଦ୍ଧା ୨୦୯ଟି ପ୍ରସ୍ଥାନ ଓ ୪୩ଟି ଆଗମନ ବିଳମ୍ବିତ ହୋଇଛି ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଶୁକ୍ରବାର ଦିଲ୍ଲୀର ବିଭିନ୍ନ ସ୍ଥାନପାଇଁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରି ବଜ୍ରପାତ ସହ ମଧ୍ୟମ ଧରଣର ବର୍ଷା ହେବ ବୋଲି କହିଛି । ସେପଟେ ନୋଏଡା ଓ ଗାଜିଆବାଦରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି ।

ରାଜଧାନୀରେ ପ୍ରବଳ ବର୍ଷା ଯୋଗୁଁ ପ୍ରଗତି ମଇଦାନ, ଡିଫେନ୍ସ କଲୋନି, ପ୍ରୀତବିହାର ସମେତ ପ୍ରମୁଖ ସ୍ଥାନରେ ବ୍ୟାପକ ଜଳବନ୍ଦି ସହ ଟ୍ରାଫିକ୍ ଜାମ୍ ହୋଇଛି । ଭିଡ଼ କମାଇବା ଓ ଯାନବାହନ ଚଳାଚଳରେ ସହାୟତା କରିବା ପାଇଁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ପୁଲିସ ଟିମ୍ ମୁତୟନ କରାଯାଇଥିଲା । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ପଞ୍ଜାବ ଓ ହରିୟାଣାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ।

## ଜେଲନସ୍କିଙ୍କ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଥିଲେ । ରାଷ୍ଟ୍ରପତି ଜେଲେନସ୍କି ୟୁକ୍ରେନୀୟ ସମ୍ପ୍ରତି ଘଟିଥିବା ଘଟଣାବଳୀ ବିଷୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶୀଘ୍ର ଶାନ୍ତି ପୁନଃସ୍ଥାପନ ପାଇଁ ପ୍ରୟାସ ପ୍ରତି ଭାରତର ଦୃଢ଼ ଏବଂ ସ୍ଥିର ମନୋଭାବକୁ ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରରେ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ଟାରିଫ୍ ଯୁଦ୍ଧରେ ଟଙ୍କାର ମେରୁଦଣ୍ଡ ଦୋହଲି ଯାଇଛି

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି । ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି । ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି । ଅଗଷ୍ଟ ୨୭ରୁ ଟ୍ରମ୍ପ ଶୁଳ୍କ ଲାଗୁ ହୋଇଛି । ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି । ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନସ୍ତରରେ ପହଞ୍ଚିଛି । ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ । ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି । ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି । ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଘଟିଛି । ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା ।ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ୍ୟ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି ।

## ଜମ୍ମୁ- କାଶ୍ମୀର ରିୟାସିରେ ଭୂସ୍ଖଳନ, ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଜମ୍ମୁ କାଶ୍ମୀରର ରାମବନରେ ବାଦଲଫଟା ବର୍ଷା ପରେ ରିଆସି ଜିଲ୍ଲା ଅନ୍ତର୍ଗତ ବଦଡ ମାହୋରରେ ଭୂସ୍ଖଳନ । ଦୁର୍ଘଟଣାରେ ସାତ ଜଣଙ୍କର ମୃତ୍ୟୁ ହୋଇଛି । ଭଗ୍ନାବଶେଷ ତଳେ ଆହୁରି ଫସିଥିବା ନେଇ ଆଶଙ୍କା ।କୁହାଯାଉଛି ଯେ ଭୂସ୍ଖଳନ ଯୋଗୁଁ ଏକ ଘର କ୍ଷତିଗ୍ରସ୍ତ ହୋଇଛି । ଯେଉଁଥିରେ ଗୋଟିଏ ପରିବାରର ସାତ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ପାଞ୍ଚ ପିଲା ଅଛନ୍ତି । ମୃତକଙ୍କ ନାମ ନାଜିର ଅହମଦ ଏବଂ ତାଙ୍କ ସ୍ତ୍ରୀ ୱାଜିରା ବେଗମ। ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଛିଛ ଯାହା ଫଳରେ କଚ୍ଚା ଘରଟି ଭୁଶୁଡ଼ି ପଡ଼ିଛି । ଭଗ୍ନାବଶେଷ ତଳେ ଚାପି ହୋଇ ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ଏନଡିଆରଏଫ୍ ଟିମ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି । ମୃତ୍ୟୁ ସଂଖ୍ୟା ଆଗକୁ ବଢିପାରେ ବୋଲି ସନ୍ଦେହ କରାଯାଉଛି ।

## ପେନ୍‌ସନ ପାଇଁ ଆବେଦନ କଲେ ଜଗଦୀପ ଧନଖଡ଼

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଦେଶର ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ୨୨ ଜୁଲାଇରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ସେ ଇସ୍ତଫା ପଛରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଥିଲେ । ଇସ୍ତଫା ଦେବା ପରେ ଜଗଦୀପ ଧନଖଡ଼ ନଜରକୁ ଆସିନାହାଁନ୍ତି । କୌଣସି କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିନଥିଲା । ତାଙ୍କର କୌଣସି ବିବୃତ୍ତି ମଧ୍ୟ ବାହାରି ନାହିଁ କିନ୍ତୁ ଏବେ ଧନଖଡ଼ଙ୍କୁ ନେଇ ଏକ ଖବର ସାମ୍ନାକୁ ଆସିଛି । କୁହାଯାଉଛି ସେ ବର୍ତ୍ତମାନ ରାଜସ୍ଥାନ ବିଧାନସଭାରେ ପେନସନ ପାଇଁ ଆବେଦନ କରିଛନ୍ତି ।



ବିଧାନସଭା ସଚିବାଳୟ ଜଗଦୀପ ଧନଖଡଙ୍କ ଆବେଦନର ଅନୁମୋଦନ ପ୍ରକ୍ରିୟାକୁ ଆଗକୁ ବଢାଇଛି । ଧନଖଡ଼ ରାଜସ୍ଥାନର ଦଶମ ବିଧାନସଭାର ସଦସ୍ୟ ଥିଲେ । ୧୯୯୩ ମସିହାରେ, କଂଗ୍ରେସ ଟିକେଟରେ ଅଜମେର ଜିଲ୍ଲାର କିଶନଗଡ଼ ଆସନରୁ ନିର୍ବାଚନ ଜିତି ବିଧାୟକ ହୋଇଥିଲେ ।

ବିଧାନସଭା ବାଚସ୍ପତି ବାସୁଦେବ ଦେବନାନୀ କହିଛନ୍ତି – ପୂର୍ବତନ ଉପରାଷ୍ଟ୍ରପତିଙ୍କ ପେନସନ ପାଇଁ ଆବେଦନ ଆସିଛି, କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଚାଲିଛି । ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ପ୍ରଥମ ଥର ପାଇଁ, ଜଗଦୀପ ଧନଖଡ଼ଙ୍କ ଖବର ଏହି କାର୍ଯ୍ୟ ଜରିଆରେ ସାମ୍ନାକୁ ଆସିଛନ୍ତି । ଅନ୍ୟପକ୍ଷରେ, ସେ ଏପର୍ଯ୍ୟନ୍ତ ତାଙ୍କ ବାସସ୍ଥାନ ସମ୍ପର୍କରେ ବିଭାଗରେ ଆବେଦନ କରିନାହାଁନ୍ତି ।

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ରାଜସ୍ଥାନ ବିଧାନସଭାରେ ବିଧାୟକ ଅଛନ୍ତି । ରାଜସ୍ଥାନରେ ଜଣେ ପୂର୍ବତନ ବିଧାୟକଙ୍କୁ ପେନସନ ଭାବରେ ୩୫ ହଜାର ଟଙ୍କା ମିଳିଥାଏ । ଯଦି ପୂର୍ବତନ ବିଧାୟକଙ୍କ ବୟସ ୭୦ ବର୍ଷରୁ ଅଧିକ ହୋଇଥାଏ, ତେବେ ତାଙ୍କୁ ୨୦% ଅତିରିକ୍ତ ପେନସନ ଏବଂ ୮୦ବର୍ଷ ବୟସରେ ୩୦% ମିଳିଥାଏ । ଧନଖଡ଼ଙ୍କ ବୟସ ବର୍ତ୍ତମାନ ୭୪ ବର୍ଷ, ତେଣୁ ସେ ୨୦% ଅତିରିକ୍ତ ପେନସନ ସହିତ ପ୍ରାୟ ୪୨ ହଜାର ଟଙ୍କା ପେନସନ ପାଇବେ ।

## ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ସିନୱାତ୍ରାଙ୍କୁ ବହିଷ୍କାର

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଥାଇଲ୍ୟାଣ୍ଡ ରାଜନୀତିରେ ବଡ଼ ସଙ୍କଟଛ ପୈଟୋଙ୍ଗଟାର୍ଣ୍ଣ ସିନୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କାର କରିଛନ୍ତି ଦେଶର ସାମ୍ବିଧାନିକ ଅଦାଲତ । ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଗୋଟିଏ ବର୍ଷ ପରେ ସେ ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । କାମ୍ବୋଡିଆର ପୂର୍ବତନ ନେତାଙ୍କ ସହ ଫୋନ୍ କଲ୍ ଲିକ୍ କରିବା ଅଭିଯୋଗରେ ଏହି ନିଷ୍ପତ୍ତି ନେଇଛନ୍ତି କୋର୍ଟ । କହିଛନ୍ତି- ଏହା ଏକ ଗୁରୁତର ଅପରାଧ । ପ୍ରଧାନମନ୍ତ୍ରୀ ପଦବୀରେ ଥିବା ସମୟରେ ଏପରି କାର୍ଯ୍ୟ ସମ୍ବିଧାନ ବିରୁଦ୍ଧ । ସିନୱାତ୍ରା ନୈତିକ ସଂହିତା ଉଲ୍ଲଂଘନ କରିଛନ୍ତି। ସାମ୍ବିଧାନିକ ଯୋଗ୍ୟତା ପୂରଣ କରିବାରେ ବିଫଳ ହୋଇଛନ୍ତି ବୋଲି କହିଛନ୍ତି କୋର୍ଟ ।



ମାତ୍ର ବର୍ଷକ ତଳେ ସିନୱାତ୍ରା ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ । କୋର୍ଟଙ୍କ ଏପରି ନିଷ୍ପତ୍ତି ଶିନାବାତ୍ରା ପରିବାର ପ୍ରତି ମଧ୍ୟ ଶକ୍ତ ଝଟକା । ସିନୱାତ୍ରା ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ରେକର୍ଡ କରିଥିଲେ । ଏବେ ସେ ସିନୱାତ୍ରା ପରିବାରରୁ କିମ୍ବା ପରିବାର ସମର୍ଥନରେ ପ୍ରଧାନମନ୍ତ୍ରୀ ହୋଇଥିବା ୬ଷ୍ଠ ସଦସ୍ୟ ଭାବେ ନ୍ୟାୟପାଳିକା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପଦ ହରାଇଛନ୍ତି ।

ଏହା ପରେ ଉପ-ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଫୁମଥାମ୍ ଭେଚାୟଚାଇଙ୍କ ହାତରେ କ୍ଷମତା ଆସିଛି । ସେ ବର୍ତ୍ତମାନର କ୍ୟାବିନେଟ ସହିତ କାମଚଳା ସରକାର ପରିଚାଳନା କରିବେ । ତଥାପି, ଏହା କେବଳ ସଂସଦ ନୂତନ ପ୍ରଧାନମନ୍ତ୍ରୀ ଚୟନ କରି ଦେଶର କମାଣ୍ଡ ହସ୍ତାନ୍ତର କରିବା ପର୍ଯ୍ୟନ୍ତ ସେ ହିଁ ଚଲାଇବେଛ ନୈତିକ ଉଲ୍ଲଂଘନର ଅଭିଯୋଗ ମଧ୍ୟରେ, ଦେଶରେ ଏବେ କ୍ଷମତାର ଏକ ନୂତନ ସମୀକରଣ ସୃଷ୍ଟି ହେଉଛି ।

ଚୈକାସେମ୍ ନୀତିସିରି । ବୟସ ୭୭ ବର୍ଷ । ପୂର୍ବତନ ନ୍ୟାୟ ମନ୍ତ୍ରୀ ଏବଂ ଆଟର୍ଣ୍ଣି ଜେନେରାଲ । ସେ ଜଣେ ଶାନ୍ତ ଓ ସରଳ ନେତା କିନ୍ତୁ ସେ କହିଛନ୍ତି ଯେ ସେ ଆଗକୁ ଆସିବାକୁ ପ୍ରସ୍ତୁତ । ଅନୁତିନ୍ ଚାର୍ଣ୍ଣଭିରାକୁଲ, ବୟସ ୫୮ ବର୍ଷଛ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ । ତାଙ୍କୁ ଜଣେ ମହତ୍ୱାକାଂକ୍ଷୀ ନେତା ଭାବରେ ବିବେଚନା କରାଯାଏ । ତାଙ୍କ ଭୂମିଜୈଥାଇ ପାର୍ଟି ଜୁନ୍ ମାସରେ ପାଥୋଙ୍ଗଟାର୍ଣ୍ଣଙ୍କ ମେଣ୍ଟ ସରକାରରୁ ଅଲଗା ହେବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଥିଲା ।

ପ୍ରୟୁଥ୍ ଚାନ୍-ଓ-ଚାଛ ବୟସ ୭୧ ବର୍ଷ, ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ୨୦୧୪ ସାମରିକ ବିଦ୍ରୋହର ନେତା । ଯଦିଓ ସେ ଏବେ ରାଜନୀତିରୁ ଅବସର ନେଇସାରିଛନ୍ତି ଏବଂ ଜଣେ ରାଜକୀୟ ପରାମର୍ଶଦାତାଙ୍କ ଭୂମିକା ନିର୍ବାହ କରୁଛନ୍ତି, ତଥାପି ତାଙ୍କ ନାମ ରେସ୍‌ରେ ରହିଛି । ତାଲିକାରେ ସାମିଲ ଅଛି । ସେହିପରି ବର୍ତ୍ତମାନର ଶକ୍ତି ମନ୍ତ୍ରୀ ପିରାପାନ୍ ସାଲିରଥ ବିଭାଗ ଓ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଜୁରିନ୍ ଲକ୍ଷନିୱାସିଟ୍ ମଧ୍ୟ ପ୍ରଧାନମନ୍ତ୍ରୀ ଦୌଡ଼ରେ ଅଛନ୍ତି ।

## ବିହାରରୁ ୟୁପିକୁ ମାରାତ୍ମକ ଇଞ୍ଜେକ୍ସନର ଚାଲାଣ:୪ ଗିରଫ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଦୈନିକ ଜୀବନରେ ବ୍ୟବହାର କରୁଥିବା ଖାଦ୍ୟ ପଦାର୍ଥକୁ ନେଇ ବିଶ୍ୱାସ ଅବିଶ୍ୱାସ ଭିତରେ ଛନ୍ଦି ହେବେ । କାହିଁକି ନା ଏକ ମାରାତ୍ମକ ଅକ୍ସିଟୋସିନ ନାମକ ଇଞ୍ଜେକ୍ସନର ବହୁଳ ବ୍ୟବହାର ହେଉଛି । ଗର୍ଭବତୀ ମହିଳା, ପ୍ରାଣୀଙ୍କ ଠାରେ କ୍ଷୀର ବୃଦ୍ଧି କରିବା ଓ ପନିପରିବା-ଫଳ ଗୁଡ଼ିକୁ ଶୀଘ୍ର ବୃଦ୍ଧି କରିବାରେ ବ୍ୟବହୃତ ହେଉଥିବା ମାରାତ୍ମକ ଅକ୍ସିଟୋସିନ୍ ଇଜେକ୍ସନର,ବହୁ ସାମଗ୍ରୀ ଜବତ ହୋଇଛି । ଖାଦ୍ୟ ଏବଂ ଔଷଧି ପ୍ରଶାସନ (ଏଫଏସଡିଏ) ଏସଟିଏଫ୍ ଓ ପୁଲିସ୍ ବିହାରରୁ ନେଇ ଲକ୍ଷ୍ନୌରେ ବିକ୍ରି କରାଯାଉ ଥିବା ବିପଜ୍ଜନକ ଇଞ୍ଜେକ୍ସନର ଗ୍ୟାଙ୍ଗ ପର୍ଦ୍ଦାଫାସ୍ କରିଛି । ଚାରି ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ଏସଟିଏଫ୍ ବିହାରରୁ ଅବୈଧ ଇଞ୍ଜେକ୍ସନ ସପ୍ଲାଇ କରୁଥିବା ନେଟ୍‌ୱର୍କର ସୂଚନା ସଂଗ୍ରହ କରୁଛି। ତିନି ଜଣ ସନ୍ଦିଗ୍ଧ ଅକ୍ସିଟୋସିନ ଇଞ୍ଜେକ୍ସନ ଓ ର' ମେଟେରିଆଲର ସାମ୍ପଲ ଯାଞ୍ଚ ପାଇଁ ସଂଗ୍ରହ କରାଯାଇଛି ।

ପାରାସ୍ଥିତି ଗ୍ରାମ ମୁଜଫର ଖେଡାର ଏକ ଘରେ ଅବୈଧ ଅକ୍ସିଟୋସିନ ଇଞ୍ଜେକ୍ସନର ଅବୈଧ ବ୍ୟବସାୟର ସୂଚନା ମିଳିଛି । ଏଫଏସଡିଏ , ଏସଟିଏଫ୍ ସ୍ଥାନୀୟ ପୁଲିସ ସହ ଶନିବାର ଚଢାଉ କରି ଥିଲାଛ ଏଠାରେ ଅକ୍ସିଟୋସିନର ପ୍ୟାକିଂ କରାଯାଉ ଥିଲା । ଏଫଏସଡିଏରେ ସହାୟକ କମିଶନର ବ୍ରଜେଶ କୁମାର କହିଛନ୍ତି ଯେ, ପାଖାପାଖି ଏକ କୋଟି ଆଠ ଲକ୍ଷ ଟଙ୍କାର ବହୁ ପରିମାଣରେ ପ୍ରତିବନ୍ଧିତ ଅକ୍ସିଟୋସିନ ଇଞ୍ଜେକ୍ସନ ଜବତ କରାଯାଇଛି । ଅକ୍ସିଟୋସିନର ନିର୍ମାଣରେ ବ୍ୟବହୃତ ହେବାକୁ ଥିବା ସାମଗ୍ରୀ, କଞ୍ଚା ମାଲ୍ ଓ ପ୍ୟାକିଂ ମେଟେରିଆଲ ମଧ୍ୟ ଉଦ୍ଧାର କରାଯାଇଛି ।

ବିହାରରୁ ଅକ୍ସିଟୋସିନ ଇଞ୍ଜେକ୍ସନ ଅନେକ ଲଗଜୁରୀ ଗାଡ଼ିରେ ଅଣାଯାଉ ଥିଲା । ଗିରଫ ଚୋରମାନେ ପୋଲିସକୁ କହିଛନ୍ତି ଯେ, ଅକ୍ସିଟୋସିନ ଇଞ୍ଜେକ୍ସନ ଥିବା ପାର୍ସଲରେ ମିନେରାଲ ୱାଟର ଲେଖା ଯାଉଥିଲା । ମିନେରାଲ ୱାଟରର ନାମରେ ହିଁ ବିହାରରୁ ମାରାତ୍ମକ ଅକ୍ସିଟୋସିନ ଇଞ୍ଜେକ୍ସନର ୟୁପିରେ ସପ୍ଲାଇ ହେଉଥିଲା । ଏହି ସବୁ ଇଜେକ୍ସନର ଅଧିକ କ୍ଷୀର ଓ ଅଧିକ ବୃଦ୍ଧି କରାଇବାକୁ ପରିବା-ଫଳ ପାଇଁ ବ୍ୟବହାର କରାଯାଉ ଥିଲା । ଏହିପରି ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳା ଯାଉଥିଲା ।

ମିଡ଼ିଆ ରିପୋର୍ଟ ଅନୁସାରେ, ଅକ୍ସିଟୋସିନ୍ ଇଞ୍ଜେକ୍ସନ ଉପରେ ସରକାର ୨୦୦୧ରୁ ଦୃଢ ପ୍ରତିବନ୍ଧକ ଲଗାଇ ଥିଲେ । ନିୟମାନୁସାରେ, ଏହାର ବିକ୍ରି କେବଳ ବ୍ଲିଷ୍ଟର ପ୍ୟାକ୍ରେ ହିଁ ହୋଇ ପାରିବଛ ଏହା ସତ୍ତ୍ୱେ ନିୟମ ଗୁଡ଼ିକୁ ଉଲ୍ଲଂଘନ କରି ଏହି ଗ୍ୟାଙ୍ଗ୍ ଏହାକୁ ଖୋଲାଖୋଲି ଭାବେ ବୋତଲରେ ପ୍ୟାକ୍ କରି ଅବୈଧ ରୂପେ ବିକ୍ରି କରୁଥିଲେ । ଧରାପଡ଼ିଥିବା ଗ୍ୟାଙ୍ଗ ସଦସ୍ୟଙ୍କ ବିରୋଧରେ ଥାନାରେ କେସ୍ ରୁଜୁ କରାଯାଇଛି ।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ୟେମେନର ସନାରେ ହୁତି ନିୟନ୍ତ୍ରିତ ସରକାରର ପ୍ରଧାନମନ୍ତ୍ରୀ ଅହମଦ ଅଲ-ରହାୱିଙ୍କ ଇସ୍ରାଏଲ୍ ଆକ୍ରମଣରେ ମୃତ୍ୟୁ ହୋଇଛି । ପ୍ରଧାନମନ୍ତ୍ରୀ ରହାୱିଙ୍କ ମୃତ୍ୟୁ ଖବରକୁ ହୁତି ସ୍ପଷ୍ଟ କରିଛି । ବିଦ୍ରୋହୀ ସଶସ୍ତ୍ର ଗୋଷ୍ଠୀ ହୁତି ଶନିବାର ଏକ ପ୍ରେସ୍ ବିବୃତ୍ତିରେ କହିଛି ଯେ ଗୁରୁବାର ହୋଇଥିବା ଆକ୍ରମଣରେ ଅଲ୍-ରହାୱିଙ୍କ ମତ୍ୟୁ ହୋଇଛି । ଏହି ଆକ୍ରମଣରେ ଅନ୍ୟ କିଛି ମନ୍ତ୍ରୀଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ହୁତି କହିଛି ଯେ, ଏକ ସମୀକ୍ଷା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଥିଲା ।



ଇରାନ ସମର୍ଥିତ ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀ ହୁତି ଅଗଷ୍ଟ ୨୮ରେ ୟେମେନରୁ ଇସ୍ରାଏଲ୍ ଉପରେ ମିସାଇଲ୍ ଓ ଡ୍ରୋନ୍ ଆଟାକ୍ କରିଥିଲା । ଏହାର ଜବାବରେ ଇସ୍ରାଏଲୀ ଏୟାରଫୋର୍ସ ହୁତି ନିୟନ୍ତ୍ରିତ ସନା ଉପରେ ବୋମା ବର୍ଷା କରିଥିଲା । ଏହି ଆକ୍ରମଣରେ ବିଦ୍ରୋହୀ ଗୋଷ୍ଠୀର ସୈନ୍ୟ ଠିକଣା ଓ ରାଷ୍ଟ୍ରପତି ଭବନକୁ ଟାର୍ଗେଟ୍ କରିଥିଲା । ରିପୋର୍ଟ ଅନୁସାରେ ଇସ୍ରାଏଲ୍ ଆକ୍ରମଣରେ ଅତି କମରେ ୧୦ ହୁତି କମାଣ୍ଡର ମୃତ ହୋଇଥିବା ବେଳେ ୯୦ରୁ ଅଧିକ ଆହତ ହୋଇଥିଲେ ।

ଗାଜାରେ ଚାଲିଥିବା ସଂଘର୍ଷରେ ହୁତି ବିଦ୍ରୋହୀ ପାଲେଷ୍ଟାଇନର ସବୁଠୁ ବଡ଼ ସମର୍ଥକ ମଧ୍ୟରୁ ଗୋଟିଏ । ଗତ କିଛି ମାସ ହେଲା ହୁତି ପକ୍ଷରୁ ଇସ୍ରାଏଲ୍ ଉପରେ ଲଗାତାର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଉଥିଲା । ପାଲେଷ୍ଟାଇନ୍ ସହ ଦୃଢତାର ସହ ଠିଆ ହୋଇଥିବା ଦର୍ଶାଇବାକୁ ଯାଇ ଏହି ଆକ୍ରମଣ କରାଯାଇଥିବା ହୁତି କହିଥିଲା ।

## କ୍ୱାଡ୍ ସମ୍ମିଳନୀ ପାଇଁ ଭାରତ ଆସିବେନି ଟ୍ରମ୍ପ

ନ୍ୟୁୟର୍କ,୩୦।୮ (ଏଜେନ୍ସି): ଭାରତ ବିରୋଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଆଭିମୁଖ୍ୟ ବଜାୟ ରହିଛି । ଏପରିକି ଚଳିତ ବର୍ଷ ଭାରତରେ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ ନାହିଁ ବୋଲି ଜଣାପଡ଼ିଛି ।ନ୍ୟୁୟର୍କ ଟାଇମ୍ସ ଶନିବାର ଦିନ ଦାବି କରିଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବର୍ଷ ଶେଷ ଭାଗରେ କ୍ୱାଡ୍ ଶିଖର ସମ୍ମିଳନୀ ପାଇଁ ଆଉ ଭାରତ ଆସିବାକୁ ଯୋଜନା କରୁନାହାଁନ୍ତି । ଏଥିରେ ଗତ କିଛି ମାସ ମଧ୍ୟରେ ଆମେରିକୀୟ ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସମ୍ପର୍କ କିପରି ବିଗିଡ଼ିଛି ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ତେବେ ନ୍ୟୁୟର୍କ ଟାଇମ୍ସ ଦାବି ଉପରେ ଆମେରିକା କିମ୍ବା ଭାରତ ପକ୍ଷରୁ କୌଣସି ସରକାରୀ ମନ୍ତବ୍ୟ ଦିଆଯାଇନାହିଁ ।

ନ୍ୟୁୟର୍କ ଟାଇମ୍ସ ଦାବି କରିଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବର୍ଷ ଶେଷ ଭାଗରେ କ୍ୱାଡ୍ ଶିଖର ସମ୍ମିଳନୀ ପାଇଁ ଆଉ ଭାରତ ଆସିବାକୁ ଯୋଜନା କରୁନାହାଁନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ମେ ମାସରେ ହୋଇଥିବା ସଂଘର୍ଷକୁ ସେ ଅଟକାଇଥିଲେ ବୋଲି ଟ୍ରମ୍ପ ବାରମ୍ବାର କହୁଥିବା ବେଳେ ଭାରତ ପକ୍ଷରୁ ତାହାକୁ ଅସ୍ୱୀକାର କରାଯାଇଛି । ଏପରିକି ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଏହାକୁ ଅସ୍ୱୀକାର କରିଥିଲେ ।

## ଉତ୍ତର ଆଫ୍ରିକାରେ ଓଲଟିଲା ଡଙ୍ଗା, ୪୯ ମୃତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଭୟଙ୍କର ଦୁର୍ଘଟଣା ଘଟିଛି । ମୌରିଟାନିଆନ ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ିଯାଇଛି । ଯେଉଁଥିରେ ୪୯ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଏନେଇ ମୌରିଟାନିଆର ତଟରକ୍ଷୀ ଏହି ସୂଚନା ଦେଇଛନ୍ତି। ବହୁ ସଂଖ୍ୟକ ଲୋକ ନିଖୋଜ ହେବାର ଆଶଙ୍କା କରାଯାଉଛି । ଘଟଣାସ୍ଥଳରୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ମୌରିଟାନିଆନ ତଟରକ୍ଷୀ ଅଧିକାରୀଙ୍କ ଅନୁଯାୟୀ, ଏହି ଡଙ୍ଗା ଗାମ୍ବିଆରୁ ବାହାରି ମହେଜରତ ଉପକୂଳ ନିକଟରେ ଓଲଟି ପଡ଼ିଥିଲା । ତଟରକ୍ଷୀ ମୁଖ୍ୟ ମହମ୍ମଦ ଅବଦୁଲ୍ଲା ଆସୋସିଏଟେଡ୍ ପ୍ରେସକୁ କହିଛନ୍ତି, ଏହି ଡଙ୍ଗା ଗୋଟିଏ ସପ୍ତାହ ପୂର୍ବରୁ ଗାମ୍ବିଆରୁ ବାହାରିଥିଲା ଏବଂ ଏଥିରେ ସେନେଗଲ ଏବଂ ଗାମ୍ବିଆର ନାଗରିକ ସମେତ ୧୬୦ ଜଣ ଲୋକ ଥିଲେ । ସେ କହିଛନ୍ତି, ଯେତେବେଳେ ପ୍ରବାସୀମାନେ ମହେଜରତର ଆଲୋକ ଦେଖିଲେ, ସେମାନେ ଡଙ୍ଗାର ଗୋଟିଏ ଅଂଶ ଆଡକୁ ଦୌଡ଼ିବାକୁ ଲାଗିଲେ। ଯାହା ଫଳରେ ଡଙ୍ଗାଟି ଅସନ୍ତୁଳିତ ହୋଇ ଓଲଟି ପଡ଼ିଲାଛ ଅଧିକାରୀଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ୪୯ ଜଣଙ୍କ ମୃତଦେହ ସମୁଦ୍ର କୂଳରୁ ମିଳିଛି ।

## ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ବାର୍ଡ ଫ୍ଲୁ ସଂକ୍ରମଣ ପାଇଁ ବନ୍ଦ ହେଲା ଦିଲ୍ଲୀ ଚିଡ଼ିଆଖାନା । ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବନ୍ଦ ରହିବ ଚିଡ଼ିଆଖାନା । ଦିଲ୍ଲୀ ନ୍ୟାସନାଲ ଜୁଲୋଜିକାଲ୍ ପାର୍କରେ H୫N୧ ସଂକ୍ରମଣ ଚିହ୍ନଟ ହେବା ପରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ଚିଡ଼ିଆଖାନାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ଅଥରିଟି । ଦିଲ୍ଲୀ ଚିଡିଆଖାନାରେ ଏଚ୫ଏନ୧ ଫ୍ଲୁ ବ୍ୟାପିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଶନିବାର ଠାରୁ ଚିଡିଆଖାନାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି । ଦିଲ୍ଲୀରେ ୩ ଥର ପାଇଁ ଏହା ବ୍ୟାପିବାରେ ଲାଗିଛି । ପୂର୍ବରୁ ମଧ୍ୟ ଅକ୍ଟୋବର ୨୦୧୬ରେ ଚିଡ଼ିଆଖାନାକୁ ବନ୍ଦ କରାଯାଇଥିଲା । ନୂଆଦିଲ୍ଲୀ ମଥୁରା ରୋଡ ସ୍ଥିତ ଉଦ୍ୟାନକୁ ଅଗଷ୍ଟ ୩୦ରୁ ଆଗାମୀ ଆଦେଶ ଯାଏଁ ଅସ୍ଥାୟୀ ଭାବେ ବନ୍ଦ ରଖାଗଲା । ଚଳିତ ବର୍ଷ ଦିଲ୍ଲୀ ଚିଡ଼ିଆଖାନାରେ ଗୋଟିଏ ପକ୍ଷୀର ମୃତ୍ୟୁ ପରେ ଏହାକୁ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା । ଯେଉଁଠାରେ ପକ୍ଷୀଟି ସଂକ୍ରମିତ ହୋଇଥିବା ଜଣାପଡିଥିଲା । ଏହି ଭୂତାଣୁ ୨୧ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ଏବଂ ଅନ୍ୟ ପ୍ରାଣୀମାନଙ୍କୁ ସଂକ୍ରମିତ କରିପାରେ । ତେଣୁ ଅତି କମରେ ୨୧ ଦିନର କ୍ୱାରେଣ୍ଟାଇନ୍ ଆବଶ୍ୟକ । ଏହା ପରେ ଚିଡ଼ିଆଖାନା ଉପରେ ପ୍ରଶାସନ ନଜର ରଖିଛି ।

## ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କଲେ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ

ପୁରୀ,୩୦।୮ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ତଥା ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପୁରୀ ଗସ୍ତ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପୁରୀଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସାମ୍ବାଦିକମାନେ ଯୋଗଦେଇ ସେମାନଙ୍କର ଗଣମାଧ୍ୟମଗୁଡ଼ିକର କାର୍ଯ୍ୟଧାରା, ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ବିସ୍ତୃତ ଭାବେ ବିଚାର ରଖିଥିଲେ । ବୈଠକରେ ଏଡିଜି ଶ୍ରୀ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କର ମତାମତ ଶୁଣିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ନୀତି ସମ୍ପର୍କରେ ପ୍ରଚାରପ୍ରସାରକୁ ସୁଦୃଢ଼ କରିବା ଲାଗି ସେମାନଙ୍କ ସହ ବିଚାରବିମର୍ଶ କରିଥିଲେ ।



ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ହେଲେ ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ । ଏଥିରେ ସ୍ଥାନୀୟ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ମତ ରଖିଥିଲେ। ସୂଚନାର ଉନ୍ନତ ପ୍ରବାହ ସୁନିଶ୍ଚିତ କରିବା ଲାଗି ପିଆଇବି ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମଧ୍ୟ ପିଆଇବି ଏଡିଜି ଆଲୋଚନା କରିଥିଲେ ଏବଂ ଏ ଦିଗରେ ସ୍ଥାନୀୟ ସାମ୍ବାଦିକମାନଙ୍କର ସହଯୋଗ କାମନା କରିଥିଲେ ।

ଶ୍ରୀ ମିଶ୍ର ସାମ୍ବାଦିକଙ୍କ ସମସ୍ୟା ଏବଂ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବୈଠକକୁ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପରିଚାଳନା କରିଥିଲେ । ଏଥିରେ ପୁରୀ ଜିଲ୍ଲାର ଅଗ୍ରଣୀ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida